୪ର୍ଥ ସ୍ୱନକ୍ଷତ୍ର

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-169 ◆BHUBANESWAR ◆SUNDAY ◆15 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୬୯ ◆ଭୁବନେଶ୍ୱର ◆ରବିବାର ◆୧୫ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦ (ସିନ୍ଦୂରା ସହ)

## ଆଜି ଦୌଡ଼ିବ ଓଡ଼ିଶା

■ ଭୁବନେଶ୍ୱର, ୧୪।୧୨ (ସମିସ): ପାଦରେ ମିଶିବ ପାଦ; ଏକାସାଥୀରେ ଦୌଡ଼ିବ ଓଡ଼ିଶା। ଦୈନିକ ଓଡ଼ିଆ 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଉପଲକ୍ଷେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ରବିବାର ରାଜ୍ୟସ୍ତରୀୟ 'ମିନି ମାରାଥନ୍' ଆୟୋଜିତ ହେଉଛି। ଭୁବନେଶ୍ୱର ସମେତ କଟକ, ପୁରୀ, ରାଉରକେଲା, ବାଲେଶ୍ୱର, ଅନୁଗୋଳ, ଜୟପୁର ଏବଂ ବ୍ରହ୍ମପୁରରେ ସକାଳ ୬ଟାରୁ ଏହି ଗଣଦୌଡ଼ ଏକାସାଙ୍ଗରେ ଆୟୋଜନ ହେବ। ଏହାର ୧ ଘଣ୍ଟା ପୂର୍ବରୁ, ଭୋର୍ ୫ଟାରେ ପ୍ରତିଯୋଗୀମାନେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନିଜ ନାମ ପଞ୍ଜୀକରଣ କରାଇନେବାକୁ ଅନୁରୋଧ କରାଯାଇଛି।

ସେହିପରି ପୂର୍ବରୁ ଆୟୋଜିତ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ନେଇ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ସକାଳ ୯ଟାରୁ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନୁଷ୍ଠିତ ହେବ।




'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ 'ମିନି ମାରାଥନ୍' ଓ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା

# ବିକଶିତ ଭାରତ ଲାଗି ୧୧ଟି ସଂକଳ୍ପ

## ସମ୍ବିଧାନରେ ୭୫ ଥର ସଂଶୋଧନ କରିଛି କଂଗ୍ରେସ: ମୋଦୀ



■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଲୋକସଭାରେ ସମ୍ବିଧାନ ଉପରେ ଚାଲିଥିବା ଚର୍ଚ୍ଚାର ଦ୍ୱିତୀୟ ତଥା ଅନ୍ତିମ ଦିନରେ ଶାସକ ଏବଂ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ଆଜି ପୁଣି ବାକ୍ଯୁଦ୍ଧ ଲାଗିଛି। ପରସ୍ପର ଉପରେ ଦୋଷ ଲଦାଲଦି ହୋଇଛନ୍ତି। ଏହାକୁ ନେଇ ଲୋକସଭାରେ ସରଗରମ ପରିସ୍ଥିତ ସୃଷ୍ଟି ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଉତ୍ତରରେ ଶ୍ରେଷ୍ଠ ଭାରତ ଓ ବିକଶିତ ଭାରତ ଲାଗି ୧୧ ସୂତ୍ରୀ ସଂକଳ୍ପ ଆଣିଛନ୍ତି। ଏହାଦ୍ୱାରା ଭାରତର ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ଆଗତ କରିଥିବା ୧୧ ସୂତ୍ରୀ ସଂକଳ୍ପ ହେଲା: ଦେଶର ପ୍ରତ୍ୟେକ ନାଗରିକ ଓ ସରକାର ସେମାନଙ୍କ କର୍ତ୍ତବ୍ୟର ପାଳନ କରିବା ଉଚିତ। ସବ୍‌କା ସାଥ୍ ସବ୍‌କା ବିକାଶ, ଦୁର୍ନୀତି ପ୍ରତି ଶୂନ ସହନଶୀଳତା, ଆଇନ କାନୁନ ପ୍ରତି ସମ୍ମାନ, ଦାସ ମାନସିକତାର ମୁକ୍ତି, ପରିବାରବାଦ ରାଜନୀତିର ଅବସାନ, ସମ୍ବିଧାନ ପ୍ରତି ସମ୍ମାନ, ଧର୍ମ ଭିତ୍ତିକ କୋଟାକୁ ପ୍ରତ୍ୟାଖ୍ୟାନ କରି ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥାକୁ ସୁରକ୍ଷା, ▶ପୃଷ୍ଠା-୯

**ଲୋକସଭାରେ 'ସମ୍ବିଧାନ' ବିତର୍କ**

## ସରକାର ଯୁବପିଢ଼ିଙ୍କ ଆଙ୍ଗୁଳି କାଟୁଛନ୍ତି: ରାହୁଲ୍



■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଲୋକସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଆଜି ପ୍ରଥମେ ସମ୍ବିଧାନ ଉପରେ ଆଲୋଚନା କରିଥିଲେ। ଏହାପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପାଳି ପଡ଼ିଥିଲା ବେଳେ ସେ ସମ୍ବିଧାନ ଏବଂ ମନୁସ୍ମୃତିକୁ ନେଇ ବିଜେପିକୁ ନିଶାଣ କରି ବର୍ଷିଥିଲେ। ଏହିକ୍ରମରେ ସମ୍ବିଧାନ ଏବଂ ପ୍ରାଚୀନ ହିନ୍ଦୁ ଧର୍ମୀୟ ଗ୍ରନ୍ଥ ମନୁସ୍ମୃତିକୁ ନେଇ ଭି ଡି ସାବରକର କହିଥିବା କିଛି କଥାକୁ ରାହୁଲ ଉଲ୍ଲେଖ କରି ବିଜେପି ଉପରେ ବର୍ଷିଥିଲେ। 'ସମ୍ବିଧାନରେ ଭାରତୀୟତାକୁ ନେଇ କିଛି ସ୍ଥାନ ଦିଆଯାଇ ନାହିଁ। ଭାରତରେ ହିନ୍ଦୁ ସମାଜରେ ବେଦ ଉପନିଷଦ ପରେ ଯଦି କୌଣସି ଧର୍ମୀୟ ଗ୍ରନ୍ଥ ଅଧିକ ଗୁରୁତ୍ୱ ବହନ କରୁଥାଏ ତେବେ ତାହା ହେଉଛି ▶ପୃଷ୍ଠା-୯

**୯ ମାସ ପରେ ମିଳିଲେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ**

## ନ୍ୟାୟ ଅପେକ୍ଷାରେ ଓଡ଼ିଶା

■ ଭୁବନେଶ୍ୱର, ୧୪।୧୨ (ସମିସ):ଗତ ମାର୍ଚ୍ଚ ୮ ତାରିଖରେ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ଏ.ଏମ. ଖାନୱାଲିକର ଇସ୍ତଫା ଦେବା ପରେ ଶୁକ୍ରବାର ଜଷ୍ଟିସ ବେଲା ଏମ୍ ତ୍ରିବେଦୀଙ୍କୁ ମହାନଦୀ ଟ୍ରିବ୍ୟୁନାଲର ନୂଆ ଅଧ୍ୟକ୍ଷ ରୂପେ ନିଯୁକ୍ତି ଦିଆଯାଇଛି। ୯ ମାସ ପରେ ଟ୍ରିବ୍ୟୁନାଲ ପୁନଃ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ବେଳେ ପୁଣିଥରେ ରାଜ୍ୟରେ ମହାନଦୀ ଚର୍ଚ୍ଚାକୁ ଫେରିଛି। ତେବେ ୨୦୧୮ ମସିହାରେ ଟ୍ରିବ୍ୟୁନାଲ ଗଠନ ହେବା ପରେ ମହାନଦୀ ମାମଲା ଯେପରି ଲମ୍ବିଲମ୍ବି ଚାଲିଛି;ତାକୁ ନେଇ ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ମହାନଦୀରୁ ଓଡ଼ିଶାକୁ ଇନ୍‌ଫ୍ଲୋ କମୁଥିବା ବେଳେ ଛତିଶଗଡ଼ ଉପରମୁଣ୍ଡରେ ବେଧଡ଼କ ଭାବେ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଅନ୍ୟପକ୍ଷରେ ୩୬ ଶୁଣାଣି ସରିବା ପରେ ମଧ ଏହି ସମସ୍ୟାର ସମାଧାନ ସୂତ୍ର ବାହାରି ପାରିନାହିଁ। ଆଉ ଟ୍ରିବ୍ୟୁନାଲ ଯେପରି ମାମଲାକୁ ବିଳମ୍ବିତ କରି ଚାଲିଛି, ସେହିଧାରା ବଜାୟ ରହିଲେ ମହାନଦୀ ମରୁଭୂମି ପାଲଟିଯିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି ଯେ ମହାନଦୀକୁ ଜଳ ପ୍ରବାହ ବର୍ଷକୁ ବର୍ଷ କମୁଛି। ଉପରମୁଣ୍ଡରେ ଛତିଶଗଡ଼ ପ୍ରକଳ୍ପ ପରେ ପ୍ରକଳ୍ପ କରି ଚାଲିଛି। ▶ପୃଷ୍ଠା-୯

**ମହାନଦୀ ଜଳବିବାଦ**

**ବିଚାର ପ୍ରକ୍ରିୟା ବିଳମ୍ବିତ ହେଲେ ମରୁଭୂମି ପାଲଟିବ ମହାନଦୀ: ବିଜେଡି**

**ରାଜ୍ୟରେ ପାଣି ସମସ୍ୟା ଭୟଙ୍କର ରୂପ ନେବାକୁ ଯାଉଛି: କଂଗ୍ରେସ**

**ଟ୍ରିବ୍ୟୁନାଲ ତୁରନ୍ତ ଅନ୍ତରୀଣ ରାୟ ପ୍ରଦାନ କରିବା ଆବଶ୍ୟକ: ବିଶେଷଜ୍ଞ**

## ଆଡଭାନୀ ଅସୁସ୍ଥ; ହସ୍ପିଟାଲରେ ଭର୍ତ୍ତି



■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ବର୍ଷୀୟାନ ବିଜେପି ନେତା ତଥା ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାର ତାଙ୍କୁ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ୯୭ ବର୍ଷୀୟ ଆଡ଼ଭାନୀଙ୍କୁ ଦୁଇ ଦିନ ତଳେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲ ଅଣାଯାଇଥିଲା। କିନ୍ତୁ ଗତକାଲି ରାତିରେ ତାଙ୍କର ଅସୁସ୍ଥତାକୁ ନେଇ ପୁଣି ହସ୍ପିଟାଲରେ ▶ପୃଷ୍ଠା-୯

**ସିବିଆଇ ଦ୍ୱାରା ୧୦ ଲକ୍ଷ ଟଙ୍କା ଜବତ ମାମଲା**

## ଆଇଏଏସ୍ ବିଷ୍ଣୁପଦଙ୍କୁ ହାଜିରା ନୋଟିସ

**ବିଷ୍ଣୁପଦ ସେଠୀଙ୍କ ୨ ଡ୍ରାଇଭରଙ୍କୁ ସିବିଆଇର ପଚରାଉଚରା**

**ଘର ଓ ଅଫିସ ଭିନ୍ନ ବିଷ୍ଣୁପଦ କୁଆଡ଼େ ଯାଉଥିଲେ ବୋଲି ପଚାରିଲେ**

■ ଭୁବନେଶ୍ୱର, ୧୪।୧୨ (ସମିସ): ରାଜଧାନୀର ଏକ ନାମୀ ହୋଟେଲ ସମ୍ମୁଖରେ ଏକ ଦାମୀ ଗାଡ଼ିକୁ ୧୦ ଲକ୍ଷ ଟଙ୍କା ଓ ବିପୁଳ ସୁନା ଅଳଙ୍କାର ଜବତ ଘଟଣା ଦିନକୁ ଦିନ ରୋଚକ ମୋଡ଼ ନେଉଛି। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ୩ ଜଣଙ୍କ ସହ ଅନ୍ୟ କେଉଁମାନେ ସମ୍ପୃକ୍ତ ସେ ସମ୍ପର୍କରେ ସିବିଆଇ ତଦନ୍ତ ଚଳାଇଛି। ଭୁବନେଶ୍ୱରରୁ ଜବତ ହୋଇଥିବା ୧୦ ଲକ୍ଷ ଟଙ୍କା ଟେଣ୍ଡର ଫିକ୍ସିଂ ସହ ଜଡ଼ିତ ଥିବାରୁ ତଦନ୍ତରେ ସହଯୋଗ କରିବାକୁ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସମନ ଜାରି କରିଛି ସିବିଆଇ। ସେହିପରି ଶ୍ରୀ ସେଠୀ ବ୍ୟବହାର କରୁଥିବା ସରକାରୀ ଗାଡ଼ିଗୁଡ଼ିକର ଡ୍ରାଇଭରମାନଙ୍କ ନାମ ଓ ଠିକଣା ଗତକାଲି ରାଜ୍ୟ ସରକାରଙ୍କଠାରୁ ସିବିଆଇ ଲୋଡ଼ିଥିବାବେଳେ ଆଜି ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଜେରା କରିଛି। ଘର ଓ ଅଫିସ ଭିନ୍ନ ବିଷ୍ଣୁପଦ ▶ପୃଷ୍ଠା-୯






# ସେନା ଶାସନ ଲଗାଇ କ୍ଷମତା ହରାଇଲେ



ସିଓଲ,୧୪।୧୨(ଏଜେନ୍ସି): ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲଙ୍କ ବିରୋଧରେ ଆସିଥିବା ମହାଭିଯୋଗ ପ୍ରସ୍ତାବ ଶନିବାର ସଂସଦରେ ପାରିତ ହୋଇଛି। ଏହାପୂର୍ବରୁ ଏହି ପ୍ରସ୍ତାବ ସଂସଦରେ ଅଣାଯାଇଥିଲେ ମଧ୍ୟ ଆବଶ୍ୟକ ସମର୍ଥନ ଅଭାବରୁ ଏହା ପାରିତ ହୋଇପାରି ନଥିଲା। ତେବେ ଶନିବାର ସଂସଦର ସ୍ୱତନ୍ତ୍ର ଅଧିବେଶନରେ ୩୦୦ ସାଂସଦଙ୍କ ମଧ୍ୟରୁ ୨୦୪ ସାଂସଦ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିବାରୁ ଏହା ପାରିତ ହୋଇଛି। କେବଳ ୮୫ ସାଂସଦ ମହାଭିଯୋଗ ପ୍ରସ୍ତାବ ବିରୋଧରେ ଭୋଟ୍ ଦେଇଥିଲେ। ଏହି ପ୍ରସ୍ତାବ ପାରିତ ହେବା ପରେ ୟୁନଙ୍କ ନିକଟରୁ ସବୁ ଦାୟିତ୍ୱ କାଢି ନିଆଯାଇଛି। ସେ ଏବେ କ୍ଷମତାଶୂନ୍ୟ ହୋଇପଡ଼ିଛନ୍ତି। ତାଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀ ହାନ୍ ଡକ୍-ସୁଙ୍କୁ ଦାୟିତ୍ୱ ଦିଆଯାଇଥିଲା ବେଳେ ସେ ହିଁ ଅନ୍ତରୀଣ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବେ। ଏହାପରେ ମହାଭିଯୋଗ ପ୍ରସ୍ତାବକୁ ନେଇ ସାମ୍ବିଧାନିକ ଅଦାଲତ ୟୁନ୍‌ଙ୍କ ବିରୋଧରେ ଯେଉଁ ନିଷ୍ପତ୍ତି ଦେବେ ତାହାକୁ ନେଇ ତାଙ୍କୁ ରାଷ୍ଟ୍ରପତି ପଦବୀରୁ ହଟାଯିବ କି ନା ତାହା ନିଷ୍ପତ୍ତି ହେବ। ଉଲ୍ଲେଖଯୋଗ୍ୟ ଯେ ଗତ ସପ୍ତାହରେ ଦେଶରେ ସାମରିକ ଶାସନ ଲାଗୁ କରିବାକୁ ଘୋଷଣା କରିଥିଲେ ୟୁନ୍। ବିରୋଧୀଙ୍କ ଉପରେ ଦୋଷ ଲଦି ସେ ଅଚାନକ ଭାବେ ଏଭଳି ଘୋଷଣା କରିଥିଲେ ହେଁ ଏହାର ମାତ୍ର କିଛି ଘଣ୍ଟା ମଧ୍ୟରେ ସାରା ଦେଶରେ ୟୁନଙ୍କ ବିରୋଧରେ ବିଦ୍ରୋହ ଦେଖାଯାଇଥିଲା। ଫଳରେ ମାତ୍ର କିଛି ଘଣ୍ଟାର ବ୍ୟବଧାନରେ ୟୁନ ନିଜର ଘୋଷଣା ପ୍ରତ୍ୟାହାର କରିନେଇଥିଲେ। ହେଲେ ଏହି ଘଟଣାକୁ ନେଇ ତାଙ୍କ ବିରୋଧରେ ସଂସଦରେ ବିରୋଧୀଙ୍କ ସମେତ କିଛି ଶାସକ ଦଳର ସଦସ୍ୟ ମହାଭିଯୋଗ ପ୍ରସ୍ତାବ ଆଗତ କରିଥିଲେ।

**ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ବିରୋଧରେ**
**ମହାଭିଯୋଗ ପ୍ରସ୍ତାବ ପାରିତ**

**ରାଷ୍ଟ୍ରପତି ୟୁନ ସୁକ୍ ଏବେ କ୍ଷମତା ଶୂନ୍ୟ**

**ପ୍ରଧାନମନ୍ତ୍ରୀଙ୍କ ହାତରେ ଅନ୍ତରୀଣ ଦାୟିତ୍ୱ**

## ଶିକ୍ଷକଙ୍କୁ ଅପହରଣ, ବନ୍ଧୁକ ଦେଖାଇ ଜୋରଜବରଦସ୍ତ ବିବାହ

ପାଟନା,୧୪।୧୨(ଏଜେନ୍ସି): ବିହାରରେ ଜଣେ ଶିକ୍ଷକ ସ୍କୁଲ ଯାଉଥିଲା ବେଳେ ତାଙ୍କୁ ପ୍ରଥମେ ଅପହରଣ ଏବଂ ପରେ ପରେ ବନ୍ଧୁକ ମୁନରେ ଜଣେ ଯୁବତୀଙ୍କ ସହ ବିବାହ କରାଯିବା ଘଟଣା ପୁଣି ସାମ୍ନାକୁ ଆସିଛି। ଅବନୀଶ କୁମାର ନାମକ ଯୁବକ ନିକଟରେ ବିହାର ଲୋକସେବା ଆୟୋଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସରକାରୀ ସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। ଗତକାଲି ସେ ସ୍କୁଲ ଯାଉଥିଲା ବେଳେ ବାଟରେ ତାଙ୍କ ଗାଡି ଅଟକାଇ ଅବନୀଶଙ୍କୁ ଅପହରଣ କରିନିଆଯାଇଥିଲା। ଦୁଇଟି ସ୍କର୍ପିଓରେ ଆସିଥିବା ୧୨ ଜଣ ଯୁବକ ଅବନୀଶଙ୍କୁ ଟେକି ନେଇଯିବା ସହିତ ତାଙ୍କୁ ମାଡ଼ ମାରିଥିଲେ। ପରେ ପରେ ଗୁଞ୍ଜନ ନାମ୍ନୀ ଜଣେ ଯୁବତୀଙ୍କୁ ସହିତ ବନ୍ଧୁକ ଦେଖାଇ ବିବାହ କରାଯାଇଥିଲା ବୋଲି ଜଣାପଡ଼ିଛି। ତେବେ ଅବନୀଶ ଶିକ୍ଷକ ଭାବେ ନିଯୁକ୍ତି ପାଇବା ପୂର୍ବରୁ ଗୁଞ୍ଜନଙ୍କ ସହ ତାଙ୍କୁ ସମ୍ପର୍କ ଥିଲା ବୋଲି କୁହାଯାଉଛି। ଗୁଞ୍ଜନଙ୍କ ଘର ଲକିସରାଇ ଜିଲ୍ଲାରେ ହୋଇଥିଲା ବେଳେ ଅବନୀଶଙ୍କ ଘର ବେଗୁସରାଇ ଜିଲ୍ଲାରେ। କିନ୍ତୁ ଅବନୀଶଙ୍କ ସହ ବିଗତ ୪ ବର୍ଷ ଧରି ସମ୍ପର୍କ ରହିଥିଲା ଏବଂ ଏହି ସମୟରେ ସେମାନେ ବହୁବାର ହୋଟେଲରେ ରହିବା ସହିତ ଅବନୀଶଙ୍କ ଘରକୁ ମଧ୍ୟ ଯାଇଛନ୍ତି ବୋଲି ଗୁଞ୍ଜନ ଅଭିଯୋଗ କରିବା ପରେ ତାଙ୍କ ପରିବାର ଲୋକେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ଏପରିକି ଚାକିରି ମିଳିବା ପରେ ଅବନୀଶ ଗୁଞ୍ଜନଙ୍କୁ ବିବାହ କରି ସଂସାର ଗଢିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ପରେ ଆଉ ଧରାଛୁଆଁ ଦେଇ ନଥିଲେ। ଏପରିକି ଗୁଞ୍ଜନଙ୍କ ସହ ତାଙ୍କର ବିବାହ ସମ୍ଭବ ନୁହେଁ ବୋଲି ଅବନୀଶ କହିଥିଲେ।

## ସନ୍ଦୀପଙ୍କୁ ଜାମିନ ମିଳିବା ପରେ ପୁଣି ବିକ୍ଷୋଭ

କୋଲକାତା,୧୪।୧୨(ଏଜେନ୍ସି): କୋଲକାତା ଆରଜିକେ ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଗତକାଲି ଏହି ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷ ଏବଂ ତଲା ଥାନା ଭାରପ୍ରାପ୍ତ ପୁଲିସ ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ସ୍ଥାନୀୟ ସିଆଲଦା କୋର୍ଟ ଜାମିନ ଦେଇଥିଲେ। ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣାକୁ ଇତିମଧ୍ୟରେ ୪ ମାସ ପୂରିଥିଲେ ମଧ୍ୟ ଘଟଣାର ଯାଞ୍ଚ ଦାୟିତ୍ୱ ନେଇଥିବା ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ ଚୂଡାନ୍ତ ଚାର୍ଜସିଟ୍ ଦେବାକୁ ସମର୍ଥ ହୋଇ ନଥିବାରୁ ଅଦାଲତ ଏହି ଦୁଇ ଜଣଙ୍କ ଜାମିନ ମଞ୍ଜୁର କରିଥିବା କୁହାଯାଇଥିଲା। ସିବିଆଇ ପ୍ରାଥମିକ ଚାର୍ଜସିଟ୍‌ରେ ସଞ୍ଜୟ ରୟଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଥିଲା ବେଳେ ଏହି ଘଟଣାରେ ସନ୍ଦୀପ ଏବଂ ଅଭିଜିତଙ୍କ ଭୂମିକା ରହିଥିବା ଦର୍ଶାଇ ସେମାନଙ୍କୁ ମଧ୍ୟ ଗିରଫ କରିଥିଲା। ଏହାବ୍ୟତୀତ ଡାକ୍ତର ହତ୍ୟା ଘଟଣାକୁ ଚପାଇ ଦେବା ଏବଂ ପ୍ରମାଣ ଆଦି ନଷ୍ଟ କରିବାରେ ସନ୍ଦୀପ ଓ ଅଭିଜିତଙ୍କ ଭୂମିକା ରହିଥିବା ସିବିଆଇ ସେତେବେଳେ କହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରି ନଥିଲା। ଏଭଳି ସ୍ଥିତିରେ ଅଦାଲତ ଏହି ଦୁଇ ଜଣଙ୍କ ଜାମିନ ମଞ୍ଜୁର କରିଥିଲେ। ଏହାବ୍ୟତୀତ ପୀଡ଼ିତା ଡାକ୍ତରଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ମଧ୍ୟ ଏହି ମାମଲା ଆଉ ଲଢିବେ ନାହିଁ ବୋଲି ମନା କରିଦେଇଥିଲେ। ଏଭଳି ସ୍ଥିତିରେ ମୃତ ଡାକ୍ତରଙ୍କ ପରିବାରକୁ ନ୍ୟାୟ ମିଳିପାରିବ ନାହିଁ ବୋଲି ଅଭିଯୋଗ କରି କୋଲକାତା ରାସ୍ତାରେ ପୁଣି ଆନ୍ଦୋଳନ ମୁଣ୍ଡ ଟେକିଛି। ଜୁନିୟର ଡାକ୍ତର ସଂଘ ପକ୍ଷରୁ ଶହ ଶହ ଡାକ୍ତର ଶନିବାର ସିଜିଓ କମ୍ପ୍ଲେକ୍ସସ୍ଥିତ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି।

## ଜେଲରୁ ବାହାରିଲେ ଅଲ୍ଲୁ ଅର୍ଜୁନ

ହାଇଦରାବାଦ,୧୪।୧୨(ଏଜେନ୍ସି): ଗତକାଲି ହାଇକୋର୍ଟରୁ ଜାମିନ ପାଇବା ପରେ ଶନିବାର ଚଞ୍ଚଲଗୁଡା ଜେଲରୁ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ବାହାରିଛନ୍ତି। ଗତକାଲି ତାଙ୍କୁ ଜାମିନ ମିଳିଥିଲେ ବି ସେ ଜେଲରେ ରାତି କାଟିଥିଲେ।



କିନ୍ତୁ ଜାମିନ ମିଳିବା ସତ୍ତ୍ୱେ ଗତକାଲି କାହିଁକି ତାଙ୍କୁ ଜେଲ୍‌ରୁ ମୁକ୍ତ କରାଯାଇ ନଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଜେଲ୍ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଅର୍ଡର କପି ପାଇଥିଲେ ହେଁ ତାଙ୍କୁ ମୁକ୍ତ କରାଯାଇ ନ ଥିଲା। ତାଙ୍କୁ ଏମିତି ଅଟକ ରଖାଯିବା ବେଆଇନ ବୋଲି ଅଲ୍ଲୁ ଅର୍ଜୁନଙ୍କ ଓକିଲ କହିଛନ୍ତି। ଏହା ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଓକିଲ କହିଛନ୍ତି। ତେବେ ଜେଲ୍‌ରୁ ମୁକୁଳିବା ପରେ ତାଙ୍କ ପ୍ରତି ସବୁ ମହଲରୁ ଯେଭଳି ସମର୍ଥନ ମିଳିଛି ସେଥିପାଇଁ ଅଲ୍ଲୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ସେ ପୁଣି ଥରେ ମୃତ ମହିଳାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସେ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ଥିଲା। ଯାହା ଘଟିଲା ସେଥିପାଇଁ ଆମେ ଦୁଃଖିତ। ତେବେ ପୀଡ଼ିତାଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇବାକୁ ସେ ପ୍ରସ୍ତୁତ ବୋଲି କହିଛନ୍ତି।

## ତୁଣ୍ଡରେ ଲଗାମ ରହୁନି

ଏମିତି ନେତା ବି ଅଛନ୍ତି, ଯେଉଁମାନେ କହିଲା ବେଳକୁ ଆଗପଛ କିଛି ଭାବୁ ନାହାନ୍ତି। ଯାହା ମନକୁ ଆସିଲା, କହିପକାଉଛନ୍ତି। କିଏ କଣ ଭାବୁଛି, ଭାବୁ। ସେମାନଙ୍କର କିଛି ଯାଏଆସ ନାହିଁ। ତୁଣ୍ଡରେ ଲଗାମ ରହୁନି। କିଛି ଦିନ ତଳେ ଲାଲୁ ପ୍ରସାଦ ଯାଦବ ବିହାର ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ସଂପର୍କରେ ଯେଉଁଭଳି ମନ୍ତବ୍ୟ ଦେଲେ, ତାହା କେବଳ ବିରୋଧୀଙ୍କୁ ନୁହେଁ, ତାଙ୍କ ନିଜ ଦଳର ନେତାମାନଙ୍କୁ ମଧ୍ୟ ଖରାପ ଲାଗିଛି। ରାଜ୍ୟରେ ମହିଳାମାନଙ୍କ ଭୋଟ୍ ହାତେଇବା ପାଇଁ ଉଦ୍ଦେଶ୍ୟରେ ନୀତୀଶ 'ମହିଳା ସମ୍ବାଦ ଯାତ୍ରା'ର ଆୟୋଜନ କରିବାକୁ ଯାଉଛନ୍ତି। କିଛି ସାମ୍ବାଦିକ ଏସଂପର୍କରେ ଲାଲୁଙ୍କର ପ୍ରତିକ୍ରିୟା ଜାଣିବାକୁ ଚାହିଁଥିଲେ। ଲାଲୁଙ୍କ ମୁହଁରୁ ବାହାରି ପଡ଼ିଲା, 'ଓ ନୈନ ସେକ୍‌ନେ ଜା ରହେ ହେଁ'। ବାସ ଏହାକୁ ନେଇ ବିହାର ରାଜନୀତିରେ ଝଡ଼। ବିରୋଧୀ ଦଳମାନେ ଲାଲୁଙ୍କ ଉପରେ ଧୁମ୍ ବର୍ଷିଛନ୍ତି। କିନ୍ତୁ ଲାଲୁ ଓ ନୀତୀଶଙ୍କ ଭିତରେ ଏମିତି ନୋକ୍‌ଝୋକ୍ ନୂଆଁ କଥା ନୁହେଁ। ଲାଲୁ କାହିଁକି ଏତେ ପିଲା ଜନ୍ମ କଲେ ବୋଲି ପ୍ରଶ୍ନ ଉଠାଇ ଥରେ ନୀତୀଶ କହିଥିଲେ ଯେ ବୋଧହୁଏ ଝିଅମାନଙ୍କ ଉପରେ ଭରସା ନଥିଲା। ପୁଅ ପାଇଁ ୯ଟା ଛୁଆ ଜନ୍ମ କରିଦେଲେ? ଏହାର ଉତ୍ତର ଦେଇଥିଲେ ଲାଲୁଙ୍କ ପୁଅ ତେଜସ୍ୱୀ। ନୀତୀଶଙ୍କୁ ପଚାରିଲେ, 'ଚାଚା କଣ ଝିଅମାନଙ୍କ ଉପରେ ଭରସା ହେଲାନି, ଗୋଟିଏ ପୁଅରେ ଅଟକିଗଲ?' ଏଥିରେ ଭୀଷଣ କ୍ଷୁବ୍ଧ ହୋଇପଡ଼ିଥିଲେ ନୀତୀଶ। ସତ କହିବାକୁ ଗଲେ ଏ ନେତାମାନଙ୍କୁ ଲାଜଫାଜ ନାହିଁ, ଯାହା ତୁଣ୍ଡରେ ଆସିଲା କହିପକାଇଲା। ରାଜନୀତିରେ ବିରୋଧୀଙ୍କୁ ଟାର୍ଗେଟ କରିବା ଲାଗି ସେମାନେ ବ୍ୟକ୍ତିଗତ ଭାବେ ଏତେ ନିମ୍ନ ସ୍ତରକୁ ଖସିଯାଉଛନ୍ତି। ଶୁଣିବାକୁ ବି ଲାଜ ଲଗୁଛି।

**ହଟ୍ ସ୍ପଟ୍**

## ପାଦ ତଳୁ ମାଟି ଖସୁଛି

୪ ଜୁନ୍ ୨୦୨୪ର ଚମକ ଫିକା ପଡ଼ିବାରେ ଲାଗିଛି। ଫାଟ ସୃଷ୍ଟି ହେଲାଣି। ଆଉ ତାଙ୍କୁ ନେତା ଭାବେ ଗ୍ରହଣ କରିବାକୁ ଇଚ୍ଛା ହେଉନି। ନିକଟରେ ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ଇଣ୍ଡିଆ ମେଣ୍ଟରେ ଏଭଳି ସ୍ଥିତି ଦେଖିବାକୁ ମିଳିଲାଣି। କଂଗ୍ରେସ ନେତା ରାହୁଲଙ୍କ ପ୍ରତି ଅଂଶୀଦାର ଦଳଙ୍କର ଏମିତି ବିତୃଷ୍ଣାଭାବ ଆସିଲାଣି। ସମସ୍ତେ ଏବେ ପଶ୍ଚିମ ବଙ୍ଗ ମୁହାଁ ହେଲେଣି। ଦିଦିଙ୍କୁ ମେଣ୍ଟର କମାଣ୍ଡାଣ୍ଟ କରିବା ଲାଗି ଅଭିଯାନ ଆରମ୍ଭ କରିଦେଲେଣି। ଦିଦି ବି ଖୁସି। କିନ୍ତୁ ୬ ମାସ ଭିତରେ ଏମିତି କଣ ହେଲା ଯେ ସହଯୋଗୀ ଦଳର ନେତାମାନେ ଏମିତି ପଲଟି ମାରୁଛନ୍ତି। ଜଣେ ନେତା କହିଲେ ଯେ ରାହୁଲ ଭଲ ଭଲ ପ୍ରସଙ୍ଗ ଉଠାଉଛନ୍ତି। ହେ ।ଲେ ତାଙ୍କ ରଙ୍ଗଢଙ୍ଗ ଓ ଷ୍ଟାଇଲ୍ ସବୁ ବିଗାଡ଼ି ଦେଇଛି। ସେ ସହଯୋଗୀଙ୍କ କଥା ଶୁଣୁ ନାହାନ୍ତି। ଖାଲି ନିଜ କଥା ଅନ୍ୟମାନଙ୍କ ଉପରେ ଥୋପୁଛନ୍ତି। ସହଯୋଗୀ ଦଳର ମୁଖିଆମାନେ ଏହାକୁ ହଜମ କରିବା ସ୍ଥିତିରେ ନାହାନ୍ତି। ଜୁନ ୪ରେ ଲୋକସଭା ନିର୍ବାଚନ ପରେ ସେମାନେ ଭାବିଥିଲେ ରାହୁଲ ହିଁ ମୋଦୀଙ୍କୁ ଟକ୍କର ଦେଇପାରିବେ। କିନ୍ତୁ ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ସେମାନଙ୍କୁ ନିରାଶ କରିଛି। ଏଥିପାଇଁ ସେମାନେ ରାହୁଲଙ୍କୁ ହିଁ ଦାୟୀ କରୁଛନ୍ତି। ମମତା, ଅଖିଳେଶ, ପାୱାର ଏବଂ ଉଦ୍ଧବଙ୍କ ଲୋକେ ଏବେ ଖୋଲାଖୋଲି ଦିଦିଙ୍କ ଆଡ଼କୁ ଢଳିବାକୁ ଲାଗିଲେଣି।

## ଦୋଷ ମାନିଲେ ବିହାରୀ ବାବୁ

ମୁଁ ଜୀବନରେ ବହୁତ ବଡ଼ ଭୁଲ କରିଛି। ମୁଁ ମୋ ସ୍ତ୍ରୀକୁ ଠକିଛି। ଏହାକୁ ସ୍ୱୀକାର କରିବାରେ ମୋର କୌଣସି କୁଣ୍ଠା ନାହିଁ। ନିକଟରେ ଏକ ସାକ୍ଷାତକାର ବେଳେ ଜୀବନର ସତ୍ୟକୁ ଏଭଳି ଢଙ୍ଗରେ ଉଗାରିଛନ୍ତି ଅଭିନେତା ତଥା ସାଂସଦ ଶତ୍ରୁଘ୍ନ ସିହ୍ନା। ଏକ ସମୟରେ ଦୁଇ ଜଣ ମହିଳାଙ୍କ ସହିତ ସଂପର୍କ ରଖିଥିଲେ। ଅଭିନେତ୍ରୀ ରିନା ରାୟଙ୍କ ସଂପର୍କକୁ ନେଇ ସେ ତାଙ୍କ ପତ୍ନୀ ପୁନମଙ୍କୁ ଅନ୍ଧାରରେ ରଖିଥିଲେ। ଏହା ତାଙ୍କ ଜୀବନର ସବୁଠୁ ବଡ଼ ଭୁଲ ଥିଲା। ମୁଁ କାହାର ନାମ ନେଉନି। କିନ୍ତୁ ଯେଉଁ ମହିଳା ମୋ ଜୀବନର ଅଙ୍ଗ ଥିଲେ ସେମାନଙ୍କ ନିକଟରେ ମୁଁ କୃତଜ୍ଞ। ମୋତେ ଜଣେ ଭଲ ମଣିଷ କରିବା ।।ରେ ସେମାନଙ୍କ ଅବଦାନ ଭୁଲି ପାରିବି ନାହିଁ। କଣ କରିବି ଭୁଲ ତ କରିଛି। ପାଟନାରୁ ଆସି ବଲିଉଡ୍‌ର ଝଲମଲ ଦୁନିଆରେ ମୁଁ ହଜିଯାଇଥିଲି। ମୋତେ ଗାଇଡ୍ କରିବାକୁ କେହି ନଥିଲେ। ବିହାରୀ ବାବୁଙ୍କ ଏହି ସାକ୍ଷାତକାର ଏବେ ଚର୍ଚ୍ଚାର ବିଷୟ ହୋଇଛି। ପଶ୍ଚିମ ବଙ୍ଗରୁ ଦିଦିଙ୍କ ଦଳ ପକ୍ଷରୁ ସାଂସଦ ହୋଇଥିବା ବିହାରୀ ବାବୁଙ୍କୁ ଏବେ ରାଜନୀତିରେ କମ୍, ଗଣମାଧ୍ୟମ କାର୍ଯ୍ୟକ୍ରମରେ ବେଶି ଦେଖିବାକୁ ମିଳୁଛି।




# ମାଲକାନଗିରିର ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ ଜାରି ରଖିବୁ: ନବୀନ



- ରାଜ୍ୟ ପାଇଁ ବିପଦ ଆଣିବ ଏକତରଫା ନିଷ୍ପତ୍ତି
- ଦିଲ୍ଲୀ ଦରବାର ଉତ୍ତରକୁ ଅପେକ୍ଷା କରାଯାଇଛି

**ଭୁବନେଶ୍ୱର,୧୪।୧୨(ସମିସ):** ବିଜୁ ଜନତା ଦଳ ପାଇଁ ଓଡିଶାର ସ୍ୱାର୍ଥ ସର୍ବାଗ୍ରେ। ଓଡିଶାକୁ ବିପଦ ମୁହଁକୁ ଠେଲି ଦେଉଥିବା ପୋଲାଭରମ୍ ପ୍ରସଙ୍ଗରେ ବିଜୁ ଜନତା ଦଳ ଲଢ଼େଇ କରିଛି, ଆଉ ଆଗକୁ ମଧ୍ୟ ଲଢ଼ିବ। ମାଲକାନଗିରି ଜିଲ୍ଲା ପାଇଁ ସ୍ୱର ଶାଣିତ କରିବ ବିଜେଡି। ଶନିବାର ନବୀନ ନିବାସରେ ପୋଲାଭରମ ପ୍ରକଳ୍ପକୁ ନେଇ ଦିଲ୍ଲୀ ଗସ୍ତରୁ ଫେରିଥିବା ବିଜୁ ଜନତା ଦଳର ପ୍ରତିନିଧିମଣ୍ଡଳୀକୁ ଭେଟିବା ପରେ ଏହା କହିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ପୋଲାଭରମ ପ୍ରକଳ୍ପ ହେଲେ, ମାଲକାନଗିରି ଜିଲ୍ଲାର ଶତାଧିକ ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହେବ ବୋଲି ଆକଳନ କରାଯାଉଥିବା ବେଳେ, ବିଜେଡି ମାଲକାନଗିରି ଜିଲ୍ଲାର ସ୍ୱାର୍ଥରକ୍ଷା ପାଇଁ ସମସ୍ତ ଉଦ୍ୟମ କରିବ ବୋଲି ନବୀନ ପ୍ରତିନିଧି ଦଳର ସଦସ୍ୟଙ୍କୁ କହିଥିଲେ। ବିଜେଡି ପ୍ରତିନିଧିମଣ୍ଡଳୀ ଦିଲ୍ଲୀରେ ଭେଟିଥିବା ଅଧିକାରୀମାନଙ୍କଠାରୁ ଉତ୍ତର ଆସିବା ପରେ ବିଜେଡି ତା'ର କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଥିଲେ।

ଦିଲ୍ଲୀ ଦରବାରରେ ପୋଲାଭରମ୍ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ, ସଚିବ, ଆୟୋଗଙ୍କ ନିକଟରେ ଦାବି ଉଠାଇ ଫେରିଥିବା ବିଜେଡି ପ୍ରତିନିଧି ଦଳ ଆଜି ଏହି ବିଷୟରେ ଦଳର ସଭାପତିଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ବିଜେଡି ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର୍ ପାଟିଲଙ୍କୁ ଭେଟି ଓଡ଼ିଶାର ମାଲକାନଗିରି ଜିଲ୍ଲାର ପ୍ରାୟ ଶତାଧିକ ଗ୍ରାମ ଜଳମଗ୍ନ ହେବ ବୋଲି ଉଲ୍ଲେଖ କରିବା ସହିତ ଏହି ପ୍ରକଳ୍ପର କ୍ଷମତା ୩୬ ଲକ୍ଷ କ୍ୟୁସେକ୍ ଜଳରୁ ଏକତରଫା ଭାବେ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରାଯାଇ ଥିବାରୁ ଓଡିଶା ପାଇଁ ଘୋର ବିପଦ ସୃଷ୍ଟି ହୋଇଛି। ଏହି କାରଣରୁ, ଓଡିଶା ବାରମ୍ବାର ସ୍ୱର ଉତ୍ତୋଳନ କରି ଆସୁଥିଲେ ହେଁ ପ୍ରକଳ୍ପର ପଛୁଆ ପାଣି କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ। ବିଜେଡି ପ୍ରତିନିଧିମଣ୍ଡଳୀ ଅଧ୍ୟକ୍ଷ କେନ୍ଦ୍ର ଜଳ କମିସନ, ଆଦିବାସୀ ବ୍ୟାପାର ବିଭାଗର ସଚିବ, ପରିବେଶ ଓ ଜଙ୍ଗଲ ବିଭାଗର ସଚିବ ଓ ଜାତୀୟ ଜନଜାତି କମିସନଙ୍କୁ ମଧ୍ୟ ଭେଟି ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ହେବାକୁ ଥିବା କ୍ଷତି ସମ୍ପର୍କରେ ଅବଗତ କରିଥିଲେ। ଜାତୀୟ ଜନଜାତି କମିସନ ଏହି ପ୍ରସଙ୍ଗକୁ ଗୁରୁତର ସହିତ ନେଇ ସେ ଅତିଶୀଘ୍ର ପ୍ରଭାବିତ ହେବାକୁ ଥିବା ମାଲକାନଗିରି ଜିଲ୍ଲା ଗସ୍ତ କରି ସ୍ଥିତିର ଆକଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି, ଅନ୍ୟ ଅଧିକାରୀ ମାନେ ମଧ୍ୟ ପ୍ରସଙ୍ଗକୁ ଗୁରୁତର ସହିତ ନେଇ ଓଡ଼ିଶାର ଆଶଙ୍କା ପ୍ରତି ବିଚାର କରାଯିବ ବୋଲି କହିଥିଲେ।

ପ୍ରତିନିଧିମଣ୍ଡଳୀ ସଦସ୍ୟମାନଙ୍କଠାରୁ ସମସ୍ତ କଥା ଶୁଣିସାରିବା ପରେ ନବୀନ କହିଥିଲେ, ମାଲକାନଗିରି ଜିଲ୍ଲାର ସ୍ୱାର୍ଥ ରକ୍ଷା ପାଇଁ ବିଜୁ ଜନତା ଦଳ ସମସ୍ତ ଆବଶ୍ୟକ ପଦକ୍ଷେ ନେବ। ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସବୁବେଳେ ସ୍ୱର ଉତ୍ତୋଳନ କରି ଆସିଛି। ବିଜେଡି ପ୍ରତିନିଧିମଣ୍ଡଳୀ ଭେଟିଥିବା ଅଧିକାରୀମାନଙ୍କଠାରୁ ଉଠାଯାଇଥିବା ପ୍ରସଙ୍ଗ ଉପରେ ଉତ୍ତର ଆସିବା ପରେ ବିଜେଡି ତା'ର କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଥିଲେ।

ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଆଜି ନବୀନଙ୍କୁ ଭେଟିଥିବା ପ୍ରତିନିଧିମଣ୍ଡଳୀରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ମିଡିଆ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ, ବିଧାୟକ ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝି, ମାନସ ମାଡକାମୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ସାମିଲ ଥିଲେ।

# ଜାଡ଼ରେ ଥରୁଛି ଓଡ଼ିଶା

**ଭୁବନେଶ୍ୱର,୧୪।୧୨(ସମିସ):** ରାଜ୍ୟରେ ଗତ୩-୪ ଦିନ ଧରି ରାତିରେ ସର୍ବନିମ୍ନ ତାପମାତ୍ରା ଅପେକ୍ଷାକୃତ ହ୍ରାସ ପାଇଛି। ଶୀତର ପ୍ରକୋପରେ ସାରା ଓଡ଼ିଶା ଥରୁଥିବା ବେଳେ ଆଗାମୀ ୨-୩ ଦିନ ଏପରି ସ୍ଥିତି ଲାଗି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ରାଜ୍ୟରେ ଆସନ୍ତା ୪୮ ଘଣ୍ଟା ଯାଏଁ ଶୀତ ଲହରୀ ଅନୁଭୂତ ହେବ। ଆସନ୍ତା ୨୪ ଘଣ୍ଟା ଅର୍ଥାତ୍ ୧୫ ତାରିଖ ରାତିରୁ ୧୬ ତାରିଖ ସକାଳ ଯାଏଁ ଝାରସୁଗୁଡ଼ା ଓ ସୁନ୍ଦରଗଡ଼କୁ ଶୀତ ଲବରୀ ଅନୁଭୂତ ହୋଇପାରେ। ଏଥିପାଇଁ ଉପରୋକ୍ତ ୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

**ଆଜି ଝାରସୁଗଡ଼ା, ସୁନ୍ଦରଗଡ଼ରେ ଶୀତ ଲହରୀ ସମ୍ଭାବନା**

ସେହିପରି ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟାରେ କଳାହାଣ୍ଡି ଓ କନ୍ଧମାଳରେ ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି। ଆଗାମୀ ୩ ଦିନ ପାଇଁ ସର୍ବନିମ୍ନ ତାପମାତ୍ରାରେ ପରିବର୍ତ୍ତନ ହେବାର ନାହିଁ। ପରେ ୨ରୁ ୫ ଡିଗ୍ରି ତାପମାତ୍ରା ବୃଦ୍ଧି ହେବାର ଅଛି। ଗତ ୨୪ ଘଣ୍ଟାରେ କିଛିକିଛି ସ୍ଥାନରେ ଘନକୁହୁଡ଼ି ଦୃଶ୍ୟମାନ ସହ ଶୀତର ପ୍ରକୋପ ଅନୁଭୂତ ହେଉଥିବା ବେଳେ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରି ରେକର୍ଡ ହୋଇଛି। ସେହିପରି ପାହାଡ଼ିଆ ଅଞ୍ଚଳ ଜି. ଉଦୟଗିରିରେ ୫.୨ ଡିଗ୍ରି ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୪ ଓ କଟକରେ ୧୨ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ଅପରପକ୍ଷେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆଗାମୀ ୩ ଦିନ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ। ଏହା ପରଦିନ ରାଜ୍ୟବ୍ୟାପୀ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ।

# ୨୪ ଘଣ୍ଟା ହେଲା ଗୋଟିଏ ଜାଗାରେ 'ଜିନତ୍'

**ବାରିପଦା,୧୪।୧୨(ସମିସ):** ଶିମିଳିପାଳରୁ ଫେରାର୍ ବାଘୁଣୀ 'ଜିନତ୍' ଗତ ୨୪ ଘଣ୍ଟା ହେଲା ଗୋଟିଏ ଜାଗାରେ ରହିଛି। ସେଠାରୁ ଆଉ ଆଗକୁ ଯାଉନି କି ପଛକୁ ଫେରୁନି। ଓଡ଼ିଶା ସୀମାଠାରୁ ୫୦ କିମି ଦୂର ମଚାପଡ଼ିଆ ଓ ରାଜାବାସା ଜଙ୍ଗଲର ଗୋଟିଏ ସ୍ଥାନରେ ଡେରା ପକାଇ ରହିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ଡଃ ପ୍ରକାଶଚାନ୍ଦ ଗୋଗିନାନୀ ଏହି ସୂଚନା ଦେଇଛନ୍ତି। ଉଭୟ ରାଜ୍ୟର ବନ ବିଭାଗ ଟିମ୍ ତା'ର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଘଞ୍ଚ ଜଙ୍ଗଲରେ ଜିନତ୍ ଥିବାରୁ ତାକୁ ଟ୍ରାକ୍ କରିହେଉନି। ଏହାକୁ ନେଇ ଉଭୟ ରାଜ୍ୟର ବନ ବିଭାଗ ଓ ଏସଟିଆର ଅଧିକାରୀଙ୍କ ଚିନ୍ତା ବଢ଼ିଛି। ଏହାସାଙ୍ଗକୁ ଗତ ୬ ଦିନ ହେଲା ସେ ଭୋକିଲା ଥିବାରୁ କୌଣସି ବଡ଼ଧରଣର ଅଘଟଣର ଆଶଙ୍କା ରହିଥିବା କୁହାଯାଉଛି।

**ବନବିଭାଗ ଓ ଏସ୍‌ଟିଆର ଅଧିକାରୀଙ୍କ ଚିନ୍ତା ବଢ଼ିଲା**

**ପ୍ରଭାବିତ ହେବ ଆଗାମୀ ବଜେଟ, ମନ୍ଥର ହେଲାଣି ବିକାଶମୂଳକ କାମ**

# ୨୩ରୁ ଚାଲିବ ବିଭାଗୱାରୀ ମାନସମନ୍ଥନ

**ଭୁବନେଶ୍ୱର,୧୪।୧୨(ସମିସ):** ବଡ଼ ବଜେଟ ହେଉଛି; କିନ୍ତୁ କାମରେ ବିନିଯୋଗ ହେବା ବେଳକୁ ଛୋଟ। ଏବର୍ଷର ଅର୍ଥ କିପରି ଖର୍ଚ୍ଚ କରିବେ ଆଉ ଆଗାମୀ ବର୍ଷ ପାଇଁ ବଜେଟ କିପରି ହେବ, ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ସରକାର। ଚଳିତ ବର୍ଷ ବଜେଟ ବ୍ୟୟ ନିରୁତ୍ସାହଜନକ ଥିବା ବେଳେ ଆସନ୍ତା ଆର୍ଥିକ ବର୍ଷ ବଜେଟ ପ୍ରଭାବିତ ହେବା ଆଶଙ୍କା ଦେଖା ଦେଲାଣି। ଏପରିସ୍ଥିତିରେ ବିଭାଗୱାରୀ ସମୀକ୍ଷା କରିବାକୁ ସରକାର ଯୋଜନା କରୁଛନ୍ତି। ଚଳିତ ମାସ ୨୩ ତାରିଖରୁ ଜାନୁଆରୀ ୯ ତାରିଖ ଯାଏଁ ଚାଲିବ ମାନସମନ୍ଥନ। ଓଡ଼ିଶାର ଅର୍ଥନୈତିକ ସ୍ଥିତି ବର୍ତ୍ତମାନ ମଜବୁତ୍ ସତ୍ତ୍ୱେ ଏହାକୁ ବଳବତ୍ତର ରଖିବା ରାଜ୍ୟ ସରକାରଙ୍କ ପାଇଁ କାଠିକର ପାଠ ହେଲାଣି।

ନୂଆ ସରକାର ୬ ମାସ ପୂରଣ କରିଥିବା ବେଳେ ପ୍ରଥମ ବଜେଟ ଖର୍ଚ୍ଚ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅନେକ ବିଭାଗ ମିଳିଥିବା ପାଣ୍ଠିରେ ଏପର୍ଯ୍ୟନ୍ତ ହାତ ମାରି ନାହାନ୍ତି। ପ୍ରମୁଖ ବିଭାଗଗୁଡିକରେ ବଜେଟ ବ୍ୟୟ ୩୦%ରୁ ୪୦% ମଧ୍ୟରେ ଅଛି। ଗୋଟେ ପଟେ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ; ଅନ୍ୟପଟେ ବାହାଦୁରି ନେବା ପାଇଁ ସରକାର ୧୨ ହଜାର କୋଟିର ଅତିରିକ୍ତ ବଜେଟ କାହା ପାଇଁ ଆଣୁଛନ୍ତି ବୋଲି ବିଧାନସଭାର ଶୀତ ଅଧିବେଶନରେ ବିରୋଧୀ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟପଟେ ବିଜେପି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ ପାଇଁ ୧୦ଟି ପ୍ରମୁଖ ମାନଦଣ୍ଡ ଆଧାରରେ ଟଙ୍କା ଖର୍ଚ୍ଚ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହାତରେ ଆଉ ମାତ୍ର ୩ ମାସ ସମୟ ବାକି ଥିବା ବେଳେ ଟଙ୍କା ଖର୍ଚ୍ଚ ହୋଇ ନ ପାରିଲେ ଫେରାଇବାକୁ ପଡ଼ିବ। ଏପରି ଅଡୁଆକୁ ନେଇ ଚିନ୍ତାରେ ଅର୍ଥ ବିଭାଗ। ମିଳିଥିବା ସୂଚନା ଅନୁସାରେ, ଚଳିତ ଅର୍ଥିକ ବର୍ଷରେ କମ୍ ଖର୍ଚ୍ଚ ହୋଇଥିବାରୁ ଗତ ମାସରେ ଅର୍ଥ ବିଭାଗ ସବୁ ବିଭାଗ ପାଇଁ ସଂଶୋଧିତ ବଜେଟ ପ୍ରଦାନ କରିଥିଲା। ତା' ସହିତ ୨୦୨୪-୨୫ ବଜେଟ ପାଇଁ ମଧ୍ୟ ବିଭାଗଗୁଡିକୁ ସର୍କୁଲାର ଜାରି କରାଯାଇଛି। ସେହି ଆଧାରରେ ସଂଶୋଧିତ ବଜେଟ ପ୍ରସ୍ତାବ ଚଳିତ ମାସ ୨୦ ତାରିଖ ସୁଦ୍ଧା ଯୋଜନା ଓ ସଂଯୋଜନ ବିଭାଗ ନିକଟରେ ଦାଖଲ କରିବା ପାଇଁ ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ପ୍ରସ୍ତାବ ଆଧାରରେ ଅର୍ଥ ବିଭାଗ ପରବର୍ତ୍ତି ବଜେଟ ପାଇଁ ରଣନୀତି ପ୍ରସ୍ତୁତ କରିବ। ତା ପରେ ଚଳିତ ମାସ ୨୩ ତାରିଖରୁ ଜାନୁଆରୀ ୯ ତାରିଖ ମଧ୍ୟରେ ସବୁ ବିଭାଗର ପ୍ରସ୍ତାବ ପର୍ଯ୍ୟାୟକ୍ରମେ ସମୀକ୍ଷା କରାଯିବ।

ଅର୍ଥନୀତି ବିଶେଷଜ୍ଞଙ୍କ କହିବା ଅନୁସାରେ ନିର୍ବାଚନ ଥିଲେ ବଜେଟ ବ୍ୟୟରେ ବିଳମ୍ବ ଏକ ସାଧାରଣ କଥା। କିନ୍ତୁ ପୁରୁଣା ସରକାର ବଦଳରେ ନୂଆ ସରକାର ଆସିଥିବାରୁ ବଜେଟ ବ୍ୟୟ ଆହୁରି ପ୍ରଭାବିତ ହୋଇଛି। ସରକାରଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବ। କାରଣ ଯଦି ଏଥର ଅନୁଦାନ ଅର୍ଥ ଠିକ୍ ଭାବେ ଖର୍ଚ୍ଚ ନ ହେବ ତା ହେଲେ ଆଗାମୀ ବଜେଟ ପ୍ରଭାବିତ ହେବ। ବିଶେଷକରି ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ତେଣୁ ଚଳିତ ବଜେଟ ଅପେକ୍ଷା ଆଗାମୀ ବଜେଟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କୁହାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭାର ଶୀତକାଳୀନ ଅଧିବେସନରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାରେ ବଜେଟ ବ୍ୟୟରେ ମନ୍ଥରତାକୁ ନେଇ ବିଜେଡି ଓ କଂଗ୍ରେସ୍ ସରକାରଙ୍କୁ ଅଡୁଆରେ ପକାଇ ଥିଲେ। ସରକାର ଆଣିଥିବା ପୂର୍ଣ୍ଣାଙ୍ଗ ବଜେଟରୁ ୮୦ ରୁ ୯୦ ହଜାର କୋଟି ବଜେଟ ଟଙ୍କା ଖର୍ଚ୍ଚ ହୋଇପାରିବ ନାହିଁ। ୧୭ ବିଭାଗର ଖର୍ଚ୍ଚ ଆଶାତୀତ କମ୍ ବୋଲି କହି ବିରୋଧୀ ସମାଲୋଚନା କରିଥିଲେ। ସେହିପରି ଡବଲ ଇଞ୍ଜିନ୍ ସରକାର କେନ୍ଦ୍ରରୁ ଅର୍ଥ ଆଣିବାରେ ପଛରେ ପଡିଛି ବୋଲି କହି ସରାକରଙ୍କୁ ଘେରିଥିଲେ। ସବୁଠୁ ଅଧିକ ବ୍ୟୟ କରୁଥିବା ୧୭ଟି ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ ଅଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବଜେଟ ଖର୍ଚ୍ଚରେ ସବୁଠାରୁ ପଛରେ ପଡ଼ିଛି।






## ଜିଲ୍ଲା ଜଜ୍‌କୋର୍ଟରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ବାଲେଶ୍ୱର, ୧୪।୧୨(ସମିସ):** ଚଳିତବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍ କୋର୍ଟ ବାଲେଶ୍ୱର ଓ ତାଲୁକ ଆଇନସେବା ସମିତି ସୋର, ଜଳେଶ୍ୱର, ନୀଳଗିରି, ବସ୍ତା ଏବଂ ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ବାଲେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଏବଂ ଦୌରାଜଜ୍, ବାଲେଶ୍ୱରଙ୍କ ସହିତ ଅନ୍ୟାନ୍ୟ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରିଥିଲେ। ମୋଟ ୪୭୪୮ ଟି (ଦେୱାନୀ- ୨୯୨, ମୋଟରଯାନ ଦୁର୍ଘଟଣା ଜନିତ ମାମଲା-୭୫, ବୈବାହିକ ବିବାଦ ମକଦ୍ଦମା- ୨୮, ପ୍ରାକ୍ ମକଦ୍ଦମା ଜନିତ ମାମଲା-୪୩୭, ବ୍ୟାଙ୍କ ରିକଭରି- ୧୫, ଚେକ୍ ବାଉନ୍ସ-୩୬, ଅନ୍ୟାନ୍ୟ ଫୌଜଦାରୀ ମାମଲା-୨୬୧) ଫଇସଲା କରାଯାଇ ମୋଟରଯାନ ଜନିତ ଦୁର୍ଘଟଣା ମାମଲା ବାବଦକୁ ୫ କୋଟି ୫୦ ଲକ୍ଷ ୨୪ ହଜାର ଟଙ୍କା, ଚେକ୍ ବାଉନ୍ସ ମାମଲା ବାବଦକୁ ୬୭ ଲକ୍ଷ ୭୨ ହଜାର ୪୧୪ ଟଙ୍କା ଏବଂ ବ୍ୟାଙ୍କ ପ୍ରାକ୍ ମୋକଦ୍ଦମା ମାମଲା ବାବଦକୁ ୯ ୭ ଲକ୍ଷ ୧୩ ହଜାର ୨୧୪ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ସଚିବ ପ୍ରିୟ ରଞ୍ଜନ ଓଝା ପରିଚାଳନା କରିଥିଲେ।

## ଶ୍ରୀମଦ୍ ଭାଗବତ ଗୀତା ଜ୍ଞାନଯଜ୍ଞ ଉଦ୍‌ଘାଟିତ

**ବାଲେଶ୍ୱର, ୧୪।୧୨(ସମିସ):** ବାଲେଶ୍ୱର ଟାଉନହଲରେ ଚିନ୍ମୟ ମିଶନ ବାଲେଶ୍ୱର ଶାଖା ପକ୍ଷରୁ ଶ୍ରୀମଦ୍ ଭଗବତ ଗୀତା ଜ୍ଞାନଯଜ୍ଞ ଉଦଘାଟିତ ହୋଇଯାଇଛି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ, ଅକ୍ଷୟ ପଣ୍ଡା, ଅବସରପ୍ରାପ୍ତ ଡିଜିଏମ ସେଂଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ଅଧୀକ୍ଷଣ ଯନ୍ତ୍ରୀ ଟିପିଏନଓଡିଏଲ ଅମରେଶ ଶତପଥୀ ପ୍ରମୁଖ ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ୬ଦିନ ବ୍ୟାପୀ ଜ୍ଞାନଯଜ୍ଞ (ପ୍ରବଚନ) ପ୍ରେମ ଜୀବନର ପ୍ରକୃତ ପରିପୂର୍ଣ୍ଣତା (ଗୀତା ସପ୍ତମ ଅଧ୍ୟାୟ) କୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ଆତ୍ମିକାନନ୍ଦା ସରସ୍ୱତୀ ପ୍ରବଚନ ଦେବେ। ମିଶନର ବାଲେଶ୍ୱର ଜିଲ୍ଲା ସଭାପତି ଡ. କ୍ଷିତୀଶ୍ୱର ଦାଶ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି ଅକ୍ଷୟ କୁମାର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସମ୍ପାଦକ ଦିବାକର ମହାପାତ୍ର ମିଶନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଉତ୍ସବରେ ବରିଷ୍ଠ ଉପଦେଷ୍ଟା ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ, ହରିଶ୍ଚନ୍ଦ୍ର ସାହୁ, ରଜନୀକାନ୍ତ ବେହେରା, ଗଙ୍ଗାଧର ପୃଷ୍ଟି, ଅନିରୁଦ୍ଧ ବେହେରା, ସବିତା ମହାପାତ୍ର, ସରୋଜ ସାମଲ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶିବାଜୀ ପରିଡ଼ା, ଦୀପ୍ତା କୁଣ୍ଡୁ, ରବିନାରାୟଣ ଭୋଳ ପ୍ରମୁଖ ସହଯୋଗ କରିଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ମିନତୀ କାନୁନ୍‌ଗୋ
ତିରୋଧାନ: ୦୫.୧୨.୨୦୨୪
ଆପଣଙ୍କ ଅମର ଆତ୍ମା ଚିରଶାନ୍ତି ଲାଭ କରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-: ଶୋକସନ୍ତପ୍ତ :-
ପୁଅ, ବୋହୂ, ଝିଅ-ଜ୍ୱାଇଁ,
ନାତି-ନାତୁଣୀ,
ଅଣନାତି-ଅଣନାତୁଣୀ, କାନୁନଗୋ
ପରିବାରବର୍ଗ, ସମସ୍ତ ବନ୍ଧୁବର୍ଗ
ଏଲ୍-୩୮, ଭି.ଏସ.ଏସ ନଗର, ଭୁବନେଶ୍ୱର

### ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବି

# ସ୍କୁଲ ଫାଟକରେ ତାଲା ପକାଇଲେ ଅଭିଭାବକ



**ବାଲେଶ୍ୱର, ୧୪।୧୨(ସମିସ)**

ମଲ୍ଲିକାଶପୁରସ୍ଥିତ ଫକୀରମୋହନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ହେତୁ ଆଜି ଗ୍ରାମବାସୀ ସ୍କୁଲ ଗେଟରେ ତାଲା ପାଇଛନ୍ତି। ଏହାସହ ସେଠାରେ ସ୍ଥାୟୀ ନିଯୁକ୍ତି ଦାବି କରିବା ସହ ଯେତେଦିନ ପର୍ଯ୍ୟନ୍ତ ଏହାର ସମାଧାନ ନହେବ ସେ ପର୍ଯ୍ୟନ୍ତ ଗେଟରେ ତାଲା ପଡ଼ିବ ବୋଲି କହିଛନ୍ତି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଶହେରୁ ଅଧିକ ଛାତ୍ରଛାତ୍ରୀ ଥିବା ବେଳେ ମୋଟ ତିନି ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ସେଥିମଧ୍ୟରୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଥିବା ବେଳେ ବାକି ଦୁଇଜଣ ଡେପୁଟେସନରେ ବିଭିନ୍ନ ସ୍ଥାନକୁ ଯାଆନ୍ତି। ଜଣେ ଶିକ୍ଷୟିତ୍ରୀ ସିଆରସିସି କାର୍ଯ୍ୟ କଧ କରନ୍ତି। ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକର ଅଭାବ ହେତୁ ପିଲାମାନଙ୍କର ପାଠ ପଢ଼ା ସମ୍ପୂର୍ଣ୍ଣ ଭାବେ ଠପ୍ ହେବାକୁ ବସିଛି। ଯାହାକି ଅଭିଭାବକମାନଙ୍କ ମଧ୍ୟରେ ଏକ ଅସନ୍ତୋଷ ବୃଦ୍ଧି ପାଇଛି। ଆଉ ଦୁଇ ମାସ ପରେ ପିଲାମାନଙ୍କର ପରୀକ୍ଷା ଥିବାରୁ ସେମାନେ ବିଦ୍ୟାଳୟରେ ପାଠ ପଢ଼ିପାରୁ ନାହାନ୍ତି।

ପୂର୍ବରୁ ଏହି ଅସୁବିଧା ନେଇ ଗତ ଜୁଲାଇ ୨୬ରେ ସ୍ଥାନୀୟ କାଉନସିଲରଙ୍କ ସମେତ ଗ୍ରାମବାସୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କଠାରେ ଏ ନେଇ ଅଭିଯୋଗ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଏହାର ତୁରନ୍ତ ସମାଧାନ ହେବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ପ୍ରତିଶ୍ରୁତିକୁ ଏବେ ୫ ମାସ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ବାଧ ହୋଇ ଗ୍ରାମବାସୀ ସ୍କୁଲ ଗେଟରେ ତାଲା ପକାଇଛନ୍ତି। ସ୍ଥାନୀୟ କାଉନସିଲର ସନ୍ଧ୍ୟାରାଣୀ ଜେନା କହିଛନ୍ତି ଯେ, ବିଦ୍ୟାଳୟରେ ଆଉ ଦୁଇ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଅଭିଭାବକମାନେ ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବି କରି ଗେଟରେ ତାଲା ପକାଇଛନ୍ତି।

## ଏବିଭିପି ବାଲେଶ୍ୱରର ନଗର କାର୍ଯ୍ୟକାରିଣୀ ଘୋଷଣା

**ବାଲେଶ୍ୱର, ୧୪।୧୨(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ନଗର ତରଫରୁ ଆୟୁଷ୍ମାନ ଭବନରେ ନଗର ସମ୍ମିଳନୀ ଅୟୋଜନ କରାଯାଇଛି। ସମ୍ମିଳନୀରେ ପୂର୍ବତନ ନଗର ସଭାପତି ଡ. ଲେଖାରାଣୀ ଦାସ ପ୍ରାସ୍ତାବିକ ସତ୍ର ରଖିଥିଲେ ଏବଂ ନଗର ସମ୍ପାଦିକା କେ.କେ.ଏସ ମହିଳା ମହାବିଦ୍ୟାଳୟ ଛାତ୍ରୀନେତ୍ରୀ ସୌମ୍ୟଶ୍ରୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବରେ ସମ୍ମିଳନୀରେ ଯୋଗ ଦେଇଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନଗର ସଂଘ ଚାଳକ ଗୋପାଳ ଚନ୍ଦ୍ର ନାୟକ ଏବଂ ମୁଖ୍ୟବକ୍ତା ଭାବରେ ବିଦ୍ୟାର୍ଥୀ ପରିଷଦ ର ପୂର୍ବତନ କାର୍ଯ୍ୟକର୍ତ୍ତା ବିଶ୍ୱରଞ୍ଜନ ମିଶ୍ର। ଏହି ନଗର ସମ୍ମିଳନୀ ଅବସରରେ ପୁରାତନ ନଗର କାର୍ଯ୍ୟକାରିଣୀକୁ ଭଙ୍ଗ କରାଯାଇ ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଂଯୋଜକ ସଞ୍ଜୀବ କୁମାର ମହାରଣା ମଞ୍ଚ ଉପରେ ରହି ନୂତନ ଦାୟିତ୍ୱ ଘୋଷଣା କରିଥିଲେ। ଚଳିତ ବର୍ଷର ନଗର ସଭାପତି ଭାବେ ଡ. ଲେଖାରାଣୀ ଦାସ ପୁନର୍ବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ ନଗର ସମ୍ପାଦକ ରୂପରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରନେତା ଜୀତମ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଶେଷ ଭାବରେ ରାଜ୍ୟ ସହସମ୍ପାଦକ ଶୁଭ୍ର ସମ୍ବିତ ନାୟକ, ବିଭାଗ ସଂଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ, ନଗର ସଂଗଠନ ମନ୍ତ୍ରୀ ବିପ୍ଳବ ବସନ୍ତିଆ ନଗର ସମ୍ମିଳନୀରେ ଉପସ୍ଥିତ ଥିଲେ।

## ୧୯ତମ ସ୍ୟାଣ୍ଡ ଫେଷ୍ଟ ଉଦ୍‌ଘାଟିତ



**ବାଲେଶ୍ୱର, ୧୪।୧୨(ସମିସ):** ବାଲେଶ୍ୱର ସହରସ୍ଥ ଗାନ୍ଧୀସ୍ମୃତି ଭବନ ପରିସରରେ ୧୯ତମ ସ୍ୟାଣ୍ଡ ଫେଷ୍ଟ ୨୦୨୪-୨୫ ଉଦ୍‌ଘାଟନୀ ଦିବସ ପାଳିତ ହୋଇଯାଇଛି। ସଂଗଠନର ସଭାପତି ପ୍ରଦୀପ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ମହାନଦୀ ବଞ୍ଚାଓ ଆନ୍ଦୋଳନର ମୁଖ୍ୟ ଉଦ୍ୟୋକ୍ତା ସୁଦର୍ଶନ ଦାସ ପ୍ରଥମ ସନ୍ଧ୍ୟାରେ ଯୋଗ ଦେଇ ସ୍ୟାଣ୍ଡଫେଷ୍ଟ ବାଲେଶ୍ୱରର ଏକ ବହୁ ପୁରାତନ ଏବଂ ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ବୋଲି ମତ ବ୍ୟକ୍ତ କରିଥିଲେ। ୧୯ ବର୍ଷଧରି ସ୍ୟାଣ୍ଡଫେଷ୍ଟ କିଭଳି ଯୁବ ପ୍ରତିଭା ମାନଙ୍କ ଆଗକୁ ନେବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ଆଗକୁ କିପରି ଆହୁରି ଅଧିକ କାର୍ଯ୍ୟକ୍ରମ କରାଯାଇପାରିବ ସେ ନେଇ ପ୍ରଚେଷ୍ଟା ଜାରି ରଖିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିଭଳି ଭାବେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ପୃଷ୍ଠପୋଷକ ରିତିକ୍ ଜୀ, ସହ ଉପାଧ୍ୟକ୍ଷ ପ୍ରକାଶ କିଶୋର ନାୟକ, ଉପଦେଷ୍ଟା ଗୌର ହରି ମଲ୍ଲିକ, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ପ୍ରୋଗ୍ରାମ ସଂଯୋଜକ ଅମୟ କୁମାର ଦାସ ଆଦି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ତିନି ଶହ ଚାଳିଶ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବେବି ଆଇକନ, ମିସ୍ ସ୍ୟାଣ୍ଡ ଫେଷ୍ଟ ପାରମ୍ପରିକ ରାଉଣ୍ଡ, କୁଇନ ଅଫ୍ ସ୍ୟାଣ୍ଡ ଫେଷ୍ଟର ପାରମ୍ପରିକ ରିଲ୍ ରାଉଣ୍ଡ, ଶାସ୍ତ୍ରୀୟ ନୃତ୍ୟ ଓ ଆଧୁନିକ ନୃତ୍ୟ ଆଦି ଆୟୋଜିତ ହୋଇଥିଲା। ଦୁଇ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ପ୍ରସିଦ୍ଧ ଓଲିଉଡ ଗାୟକ ତାରିକ୍ ଅଜିଜଙ୍କ ସମେତ ଅନ୍ୟାନ୍ୟ ସେଲିବ୍ରିଟି ଯୋଗଦେବେ ବୋଲି କାର୍ଯ୍ୟକ୍ରମର ସଭାପତି ପ୍ରଦୀପ କୁମାର ଦାସ ସୂଚନା ଦେଇଥିଲେ। ସଂଗଠନର କୋଷାଧ୍ୟକ୍ଷ ଝାଡେଶ୍ୱର ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେ ସାଂଗଠନିକ ସମ୍ପାଦକ ପାର୍ଥସାରଥୀ ଦାସ ଧନ୍ୟବାଦ ଦେଇଥିଲେ।

## ମିଳିତ ନିଶା ନିବାରଣ ଅଭିଯାନର ବୈଠକ



**ବାଲେଶ୍ୱର, ୧୪।୧୨(ସମିସ):** ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ବିଭିନ୍ନ କଲେଜରେ ନିଶା ନିବାରଣ ସଚେତନତା ଶିବିରମାନ ସଫଳତାର ସହିତ ଅନୁଷ୍ଠିତ ହୋଇଥିବା ପ୍ରକାଶ କରିଥିଲେ। ଉପଦେଷ୍ଟା ସୁବ୍ରତ କର ନିଶା ନିବାରଣ ଅଭିଯାନର ପୂରୋଧା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଯୁଗାନ୍ତକାରୀ ପଦକ୍ଷେପର ସ୍ମୃତିଚାରଣ ସ୍ୱରୂପ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଆଗତ କରିଥିଲେ ଓ ତାହା ସର୍ବସମ୍ମତକ୍ରମେ ଗୃହିତ ହୋଇଥିଲା। ଏହି ବୈଠକରେ ଉପଦେଷ୍ଟା ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ ଦାସ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ସନାତନ ଦାସ, ସୁଶ୍ରୀ ଗୀତାଞ୍ଜଳି ସିଂହ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, କମଳାକାନ୍ତ ଦାଶ, ଶୁଭଙ୍କର ମହାପାତ୍ର, ପ୍ରସନ୍ନ ପାଢ଼ୀ, ସୀତାରାମ ପ୍ରଧାନ, ପ୍ରଭାକର ସାହୁ(ଖ), ସଂଯୁକ୍ତା ବେହେରା, ସରସ୍ୱତୀ ପଣ୍ଡା, ସନାତନ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅବନ୍ତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ବାଲେଶ୍ୱର ଉତ୍ସବର ଏକାଦଶ ସନ୍ଧ୍ୟା

# ମନ ମୋହିଲେ କୁନି କଳାକାର



**ବାଲେଶ୍ୱର, ୧୪।୧୨(ସମିସ)**

ୱାଓ ସୋସିଓ କଲଚରାଲ କମିଟି ଏବଂ ବାଲେଶ୍ୱର ଉତ୍ସବ କମିଟିର ମିଳିତ ସହଯୋଗ ଓ ଓଡ଼ିଶା ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହାୟତାରେ ଅନୁଷ୍ଠିତ ହେଉଥିବା ବାଲେଶ୍ୱର ଉତ୍ସବର ଏକାଦଶ ସନ୍ଧ୍ୟାରେ ଅତିଥି ଭାବେ ବାଲେଶ୍ୱରର ସାଂସଦ ପ୍ରାର୍ଥୀନୀ ଡ଼. ଲେଖାଶ୍ରୀ ସାମନ୍ତସିଂହାର, ନୀଳଗିରିର ଦୁଇ ପୂର୍ବତନ ବିଧାୟକ ତଥା ସୁକାନ୍ତ କୁମାର ନାୟକ ଏବଂ ପ୍ରଦୀପ୍ତ କୁମାର ପଣ୍ଡା, ଅନୁଷ୍ଠାନର ମାର୍ଗଦର୍ଶକ ପ୍ରକାଶ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶୀ, ଆଧୁନିକ ନୃତ୍ୟ ସାଙ୍ଗକୁ ସଙ୍ଗୀତ ପରିବେଷଣ କରି ବାଲେଶ୍ୱରର କଳାକାରମାନେ ଦର୍ଶକଙ୍କ ମନ ମୋହିଛନ୍ତି। ସନ୍ଧ୍ୟାରେ ଆୟୋଜିତ ସଭା କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଉତ୍ପଳ ମହାନ୍ତି ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି ଗୌତମ ସେଠୀ, ଉପସଭାପତି ସୁଶାନ୍ତ ସାହୁ, ଅଭିଷେକ ବେହେରା, ରଞ୍ଜିତ ପଣ୍ଡା, ସବ୍ୟସାଚୀ ଦାସ, କ୍ଷୀରୋଦ ପ୍ରଧାନ, ଦେବାଶିଷ ରଥ, ଭବାନୀ ମହାଳିକ, ସବ୍ୟସାଚୀ ଦାସ, ବନମାଳୀ ବେହେରା, ତୀର୍ଥ ନାଗ, ବିକାଶ ବଂଶଳ ବେହେରା, ସରୋଜ ସାହୁ, ଦୀପକ ଜେନା, ଆଶିଷ ପଟ୍ଟନାୟକ, ତପନ ସିଂ, ଅରଣ୍ୟ, ଦେବେନ୍ଦ୍ର ମାଝୀ, ଗୋପାଳ ଥାପା, ରାଜେନ୍ଦ୍ର ଦାଶ, ସୁଶୀଳ ଜେନା, ଅଜୟ ଦାଶ, ଚୈତନ୍ୟ ମହାଳିକ, ରାଜକିଶୋର ନାୟକ, ଦୀପକ ମିଶ୍ର, ଶୁଭଦୀପ ଚକ୍ରବର୍ତ୍ତୀ, ରାହୁଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ରକ୍ତଦାନ ଶିବିର ଓ ପ୍ରତିଯୋଗିତା

**ବାଲେଶ୍ୱର, ୧୪।୧୨(ସମିସ):** ଭୀମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଏକ ରକ୍ତଦାନ ଶିବିର ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ରମେଶ ଚନ୍ଦ୍ର ସାମଲଙ୍କ ପୌରହିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପତ୍ରିପାଳ ସରପଞ୍ଚ ବିଦ୍ୟାସ୍ମିତା ମହାଳିକ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଡ. ଭାଗବତ ପ୍ରସାଦ ଦାସ, ବରେଣ୍ୟ ଅତିଥି ଭାବେ ଡ. ଶ୍ୟାମସୁନ୍ଦର ପଣ୍ଡା, ସିଆରସିସି ରମେଶ ଚନ୍ଦ୍ର ଖଣ୍ଡା ପ୍ରମୁଖ ଯୋଗଦେଇ ରକ୍ତ ଦାତା ଓ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାଧାରଞ୍ଜନ ଦାସ ଅତିଥି ପରିଚୟ, ଚିନ୍ମୟ ରଥ ଓ କିର୍ତ୍ତୀ ରଞ୍ଜନ ଦିବେଦୀ ଗୀତା ପାଠ ଏବଂ ଆଲୁମନି ସଭାପତି ବିନୋଦ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଶ୍ରୀମଦ୍ ଭାଗବତ କଥା ଉଦ୍‌ଯାପିତ

**ବାଲେଶ୍ୱର, ୧୪।୧୨(ସମିସ):** ରାଧାକୃଷ୍ଣ ଗୋସେବା ସମିତି ଆନୁକୂଲ୍ୟରେ ବାଲେଶ୍ୱର ସହରର ଓଟି ରୋଡସ୍ଥିତ ଷ୍ଟେଟ ବ୍ୟାଙ୍କ ଶିଳ୍ପାଞ୍ଚଳ ଶାଖା ସମ୍ମୁଖରେ ଆରମ୍ଭ ହୋଇଥିବା ସପ୍ତଦିବସୀୟ ଶ୍ରୀମଦ୍ ଭାଗବତ କଥା ଉଦଯାପିତ ହୋଇଛି। ଏଥିରେ କଥାବ୍ୟାସ ଭାବେ ଯୋଗଦେଇଥିବା ଭାରତର ସୁପ୍ରସିଦ୍ଧ ଆଧ୍ୟାତ୍ମିକ କଥାବାଚକ ପୂଜ୍ୟ ଗୋବତ୍ସ ରାଧାକୃଷ୍ଣଜୀ ମହାରାଜଙ୍କୁ ବ୍ୟାସପୂଜନ ମାଧ୍ୟମରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସାତଦିନ ଧରି ପୂଜ୍ୟ ମହାରାଜ ମଙ୍ଗଳାଚରଣ ପାଠ କରିବା ପରେ ଶ୍ରୀମଦ ଭାଗବତ କଥାର ବିଭିନ୍ନ ଦିବସର ପ୍ରସଙ୍ଗ ନେଇ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ଆୟୋଜକ ରାଧାକୃଷ୍ଣ ଗୋସେବା ସମିତିର ସଭାପତି ଦ୍ୱାରିକା ପ୍ରସାଦ ମୋର ଓ ସମ୍ପାଦକ ମନୋଜ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କବିତା ଅଗ୍ରୱାଲ, କେଶବ ଅଗ୍ରୱାଲ, ଯୁଗଳ ରାଠୀ, ମନୋହର ପେରିୱାଲ, ପଙ୍କଜ ଶିକାରିଆ, ନବଲ ଅଗ୍ରୱାଲ, ସନ୍ତୋଷ ମୋଦି, ସିଶୀଲ ଜାଲାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁଇ ମୋରମ ଗାଡ଼ି ଜବତ

**ସୋର, ୧୪।୧୨(ସମିସ):** ସୋର ଥାନା ନଦୀଗାଁ ଗ୍ରାମ ରାସ୍ତାରୁ ଦୁଇଟି ମୋରମ ବୋଝେଇ ଡମ୍ପରକୁ ସୋର ପୁଲିସ ଜବତ କରିଥିବା ବେଳେ ଦୁଇ ଚାଳକଙ୍କୁ ଥାନାରେ ଅଟକ ରଖିଛି। ଆଜି ଅପରାହ୍ନରେ ଦୁଇଟି ଡମ୍ପର ବେଆଇନ ଭାବେ ମୋରମ ବୋଝେଇ କରି ଯାଉଥିବା ବେଳେ ସୋର ପୁଲିସ କୌଣସି ସୂତ୍ରରୁ ଖବରପାଇ ଚଢ଼ଉ କରି କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ବେଆଇନ ଭାବେ ମୋରମ ଚାଲାଣ ହେଉଥିବା ଜାଣିପାରି ଡମ୍ପର ଦୁଇଟିକୁ ଜବତ କରି ଥାନାକୁ ଆଣିବା ସହିତ ଦୁଇ ଚାଳକଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।




VISA GROUP
Shaping the future with Minerals & Metals

# ହିଙ୍ଗୁଳା ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ପାଇଁ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା

**ଶଙ୍ଖଚିଲା, ୧୪।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତର ହିଙ୍ଗୁଳା ସରକାରୀ ଉଚ୍ଚବିଦ୍ୟାଳୟରେ ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବୁଲି ଅନୁଷ୍ଠିତ ହେବାକୁ ଯାଉଛି। ଏ ଉପଲକ୍ଷେ ଆଜି ବିଦ୍ୟାଳୟ ପରିସରରେ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଚ, ଗୀତ, ଚିତ୍ରାଙ୍କନ, ବିତର୍କ ଭଳି ପ୍ରତିଯୋଗିତା କରାଯାଇଛି। ଉକ୍ତ ପ୍ରତିଯୋଗିତାରେ ୨୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବ୍ୟାସନଗର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶିବଚରଣ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ପୁରାତନ ଛାତ୍ର ସଂଘ ଓ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀଙ୍କୁ ଆଗାମୀ ଜାନୁଆରୀ ୫ ତାରିଖ ପ୍ଲାଟିନମ ଜୁବୁଲି ଉଦ୍‌ଘାଟନୀ ଉତ୍ସବରେ ପୁରସ୍କୃତ କରାଯିବ।

# ରାଷ୍ଟ୍ରୀୟ ଲୋକ ଅଦାଲତ | ୪ କୋଟି ୬୪ ଲକ୍ଷ ଜରିମାନା ଆଦାୟ




**ଯାଜପୁର, ୧୪।୧୨(ସମିସ)**

ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ୪, ୭୧୯ଟି ମୋକଦ୍ଦମା ଫଇସଲା ହୋଇଛି। ୬୦୦ଟି ଫୌଜଦାରୀ, ୧୪ଟି ମୋଟର ଯାନ ଦୁର୍ଘଟଣାଜନିତ ମାମଲା, ୧୨୦ଟି ଦେୱାନୀ, ୨୦ଟି ପାରିବାରିକ କଳହ, ୧ଟି ଖାଉଟି ବିବାଦ, ଶ୍ରମ ବିଭାଗର ୫ଟି ଓ ରାଜସ୍ୱ ବିଭାଗର ୩୯୫୯ଟି ମାମଲା ଫଇସଲା କରାଯାଇ ମୋଟ ୪, ୬୪, ୯୫, ୬୦୬ ଟଙ୍କା ଜରିମାନା ଆଦାୟ କରାଯାଇଛି।

ଏତଦ୍‌ବ୍ୟତୀତ ଏହି ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୪୨ଟି, ବିଦ୍ୟୁତ ବିଭାଗର ୧୧୪ଟି ଓ ୪ଟି ଟେଲିଫୋନ ସମ୍ବନ୍ଧୀୟ ପ୍ରାକ୍ ବିଚାରାଧୀନ ମାମଲା ଫଇସଲା କରାଯାଇ ମୋଟ ୩୭, ୨୨, ୫୧୫ ଟଙ୍କା ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅମୃତ ରଞ୍ଜନ ନନ୍ଦ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲା ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ଅତିରିକ୍ତ ଜିଲ୍ଲା ଜଜ୍ ସୁନୀଲ କୁମାର ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ମନସ୍ୱିନୀ ରଥ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ଏସ୍‌ଡିଜେଏମ ଶ୍ରୀମତୀ ଇପସିତା ନନ୍ଦ, ଦେୱାନୀ ବିଚାରପତି ସୁନୀତା ବିଶ୍ୱାଳ ଓ ଜେଏମଏଫ୍‌ସି ଅନୁଶ୍ରୀ ଜେନା ଅଂଶଗ୍ରହଣ କରି ବିଭିନ୍ନ ମକଦ୍ଦମାର ଫଇସଲା କରିଥିଲେ।

# ସୁକିନ୍ଦାରେ ଜାତୀୟ ଲୋକ ଅଦାଲତ



**ସୁକିନ୍ଦା, ୧୪।୧୨(ସମିସ):** ଶନିବାର ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୨୯ଟି ମୋକଦ୍ଦମାର ଶୁଣାଣି କରାଯାଇଛି। ଗୋଟିଏ ପାରିବାରିକ ହିଂସା ମାମଲାରେ ଆପୋଷ ସମାଧାନ ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ ଅଧିକାରିଣୀ ପ୍ରତ୍ୟାଶା ରାୟ ମାମଲାର ଶୁଣାଣି କରିଥିଲେ। ସରକାରୀ ଅଧିବକ୍ତା ଚନ୍ଦ୍ରକାନ୍ତ ପାତ୍ର ମୋକଦ୍ଦମା ପରିଚାଳନା କରିଥିଲେ। ଅଧିବକ୍ତା ସଂଘର ପ୍ରଶାନ୍ତ ବଳିଆରସିଂ, ଗୌରାଙ୍ଗ ନାୟକ ସହଯୋଗ କରିଥିଲେ। ମୋକଦ୍ଦମା ପରିଚାଳନାରେ ନ୍ୟାୟାଳୟ କର୍ମଚାରୀ ଗାୟତ୍ରୀ ଜେନା, ମହେଶ୍ୱର ସାହୁ, ପ୍ରିୟଙ୍କା ବେହେରା, ଆନନ୍ଦ ଚନ୍ଦ୍ର ତରାଇ ପ୍ରମୁଖ ସହଯୋଗ କରିଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**କୁଆଖିଆ, ୧୪।୧୨(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଗତକାଲି ରାତିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମହିଳାଙ୍କ ମାଆ ତାଙ୍କ ଝିଅକୁ ମାରି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ସ୍ୱାମୀଙ୍କୁ ଅଟକ ରଖିଛି। ସୂଚନା ମୁତାବକ, ଉକ୍ତ ଗ୍ରାମର ରାଇନ ସେଠୀଙ୍କ ଝିଅ ମନୋରମା ସେଠୀ ଗଙ୍ଗାଧର ସାହୁଙ୍କ ପୁଅ ଶୁକଦେବ ସାହୁଙ୍କୁ ପ୍ରାୟ ୧୮ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଶୁକଦେବ ଓ ମନୋରମାଙ୍କ ୩ଟି ପିଲା ଅଛନ୍ତି। ତେବେ କୌଣସି କାରଣରୁ ମନୋରମା ଗତରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରାତି ପ୍ରାୟ ୧.୩୦ ସମୟରେ ମନୋରମାଙ୍କ ସ୍ୱାମୀ ଓ ପିଲା ତାଙ୍କୁ ଏଭଳି ଅବସ୍ଥାରେ ଦେଖିଥିଲେ। ଏ ସମ୍ପର୍କରେ ଗ୍ରାମରେ ଥିବା ତାଙ୍କ ବାପଘରକୁ ଜଣାଇଥିଲେ। ସକାଳେ ମୃତା ମନୋରମାଙ୍କ ମାଆ ପଦ୍ମାବତୀ ସେଠୀ ତାଙ୍କ ଝିଅକୁ ମାରି ଦିଆଯାଇଥିବା କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଘଟଣାରେ ପୁଲିସ ୫୧୯/୨୪ରେ ମାମଲା ରୁଜୁ କରିଛି। ମହିଳାଙ୍କ ସ୍ୱାମୀ ଶୁକଦେବଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି। ଏସ୍‌ଆଇ ଦୁଷ୍ମନ୍ତ ଦାସ ଘଟଣାର ତଦନ୍ତ କରୁଛନ୍ତି।

# ହୃଦ୍‌ଘାତରେ ଯୁବ ଚାଷୀଙ୍କ ମୃତ୍ୟୁ

**ଜାରକା, ୧୪।୧୨(ସମିସ):** ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଦୁବଗାଡ଼ିଆ ଗ୍ରାମର ଜଣେ ଯୁବ ଚାଷୀ ପ୍ରଦୀପ ପ୍ରଧାନ (୪୭)ଙ୍କ ଆଜି ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଖଳାରେ ଧାନ ଅମଳ ଚାଲିଥିବାବେଳେ ପ୍ରଦୀପ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେ ସେଠାରେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଧର୍ମଶାଳା ବ୍ଲକ ଅଧକ୍ଷ କିଶନ ପଣ୍ଡା, କୃଷକ ନେତା ବସନ୍ତ ପରିଡ଼ା, ଜାରକା ସରପଞ୍ଚ ସୁଦାମ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ୧୨ ବର୍ଷର ପୁଅ ଆଦିତ୍ୟ ପ୍ରଧାନ ମୁଖାଗ୍ନି ଦେଇଥିଲେ। ତାଙ୍କର ଅକାଳ ବିୟୋଗରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ସୁକିନ୍ଦା ପ୍ରିମିୟର ଲିଗ୍; ୧୯୯୧ ବ୍ୟାଚ୍ ବିଜୟୀ

**ସୁକିନ୍ଦା, ୧୪।୧୨(ସମିସ):** ୧୭ତମ ସୁକିନ୍ଦା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ୧୯୮୮-୮୯ ସିନିୟର ଫାଇଟରକୁ ହରାଇ ୧୯୯୧ ସୁକିନ୍ଦା ରୟାଲ୍ସ ବିଜୟ ଲାଭ କରିଛି। ଯାଜପୁର ଜିଲ୍ଲାର ଅନ୍ୟତମ ସର୍ବପୁରାତନ ହାଇସ୍କୁଲ ଜଗନ୍ନାଥ ହାଇସ୍କୁଲର ୧୯୮୮ ମସିହା ମ୍ୟାଟ୍ରିକ ବ୍ୟାଚ୍‌ରୁ ୨୦୦୮ ମ୍ୟାଟ୍ରିକ ବ୍ୟାଚ ପର୍ଯ୍ୟନ୍ତ ୨୦ଟି ବ୍ୟାଚ୍‌କୁ ନେଇ ଅନୁଷ୍ଠିତ ହେଉଥିବା ସୁକିନ୍ଦା ପ୍ରିମିୟର ଲିଗ୍‌ର ଆଜି ମ୍ୟାଚରେ ଟସ୍ ଜିତି ୧୯୯୧ ବ୍ୟାଚ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୩ ୱିକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ଜବାବରେ ୧୯୮୮-୮୯ ବ୍ୟାଚ ୭୧ ରନ୍ କରି ପରାଜୟବରଣ କରିଥିଲା। ୧୯୯୧ ବ୍ୟାଚର ଅପସର୍ ଅଲ୍ଲୀ ୩ଟି ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌କୁ ଦ୍ୱିଜେନ୍ଦ୍ର ଘୋଷ ଓ ଅମରେନ୍ଦ୍ର ବେହୁରା ପରିଚାଳନା କରିଥିଲେ।

# ଯାଜପୁର ଜ୍ୟୋତି ସମ୍ପାଦକଙ୍କ ପରଲୋକ



**ଯାଜପୁର, ୧୪।୧୨(ସମିସ):** ସାହିତ୍ୟ ପତ୍ରିକା ଯାଜପୁର ଜ୍ୟୋତିର ସମ୍ପାଦକ ଓ ବର୍ଷୀୟାନ ସାହିତ୍ୟିକ ମଧୁସୂଦନ ସାହୁଙ୍କ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସାହୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭୀମସେନ ସାହୁଙ୍କ ପୁତ୍ର ଅଟନ୍ତି। ଜଣେ ସାହିତ୍ୟ ସଂଗଠକ ଓ ସମ୍ପାଦକ ଭାବେ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନରୁ ସ୍ୱର୍ଗତ ସାହୁ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ଦ୍ୱାରା ରଚିତ ମୁମୁକ୍ଷୁ ପାଷାଣୀ, ଆଦି ଗଣତନ୍ତ୍ର, ଉତ୍କଳ ଦୀପ୍ତି ଓ ଦୁର୍ଗା ଚରିତାମୃତ ପୁସ୍ତକ ବେଶ୍ ଲୋକାଦୃତ ହୋଇପାରିଥିଲା। ସ୍ୱର୍ଗତ ସାହୁ ବରୀ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବରିଷ୍ଠ ମୋହରୀ ଭାବେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ଯାଜପୁର ବ୍ଲକର ପୂର୍ବତନ ଅଧକ୍ଷ ନବକିଶୋର ନାୟକ, ଝାଲପଡ଼ା ସମିତିସଭ୍ୟ ନିର୍ମଳ ସାମଲ, ରୁଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନାୟକ, ଯୁବ ନେତା ଉମାକାନ୍ତ ସ୍ୱାଇଁ, କଂଗ୍ରେସ ନେତା ସନ୍ତୋଷ ନନ୍ଦ, ଆରତୀ ଦେଓ, ବରୀ ମୋହରୀର ସଂଘର କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଜଗା ଶିଶୁ ସାହିତ୍ୟ ସଂସଦର ସମ୍ପାଦକ ଡଃ ଅଜୟ ଜେନା, ବିଦଗ୍ଧାର ନିର୍ଦ୍ଦେଶକ ଶରତ ଜେନା, ଯୁବ ସମାଜସେବୀ ସଞ୍ଜିବ ଜେନା, ଯାଜପୁର ଜିଲ୍ଲା ଲେଖକ ସମ୍ମେଳନର ସଭାପତି ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ସଂସ୍କୃତ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ

**ବାଲିଚନ୍ଦ୍ରପୁର, ୧୪।୧୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥ କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ ଉତ୍ସବ ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ପ୍ରତିଷ୍ଠାତା ମନୋଜ ପରିଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ସାହିତ୍ୟ ବିଭାଗର ଅଧାପକ ଦିଲ୍ଲୀପ ଦେବତା ଯୋଗଦେଇ ସାମ୍ପ୍ରତିକ ସମାଜରେ ଗୀତାର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ପରିଡ଼ା, ଅଧାପକ ଡଃ ଶଙ୍କର ମିଶ୍ର, ଅଧାପିକା ମମତାରାଣୀ ରାଉତ, ଅଧାପକ ଶ୍ରୀକାନ୍ତ ପଣ୍ଡା ଓ ଅଧାପକ ଦିଲ୍ଲୀପ ଶତପଥୀ ପ୍ରମୁଖ ଯୋଗଦେଇ ଦୈନିକ ଗୀତା ପାଠ ଉପରେ ଗୁରୁତ୍ୱାରୋପ କରି ଛାତ୍ରଛାତ୍ରୀ ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ଝିଲ୍ଲିରାଣୀ, ତେଜସ୍ୱନୀ, ଛବିରାଣୀ, ଶୁଭଶ୍ରୀ, ଉପାସନା ଓ ଏଲିନା ପ୍ରମୁଖ ଗୀତାପାଠ କରିଥିଲେ। ଅଧାପକ ସଂଗ୍ରାମ କେଶରୀ ଦାଶ ଧନ୍ୟବାଦ ଦେଇଥିଲେ। କର୍ମଚାରୀ ସୁଧାଂଶୁ ପରିଡ଼ା ଓ ପୁରୁଷୋତ୍ତମ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମା' ଖଣ୍ଡୁରାଇ ସାଂସ୍କୃତିକ ମଞ୍ଚ ପକ୍ଷରୁ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା



**ସୁକିନ୍ଦା, ୧୪।୧୨(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ମା' ଖଣ୍ଡୁରାଇ ମୀନାବାଜାର ସାଂସ୍କୃତିକ ମଞ୍ଚ ପକ୍ଷରୁ ସୁକିନ୍ଦା ଅଞ୍ଚଳର ଜାତୀୟ ଓ ଆନ୍ତର୍ଜାତିକ କ୍ରୀଡ଼ାବିତ ଓ କଳାକାରଙ୍କ ସମେତ ଅନେକ କୁନି କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଏହି ମଞ୍ଚ ମାଧ୍ୟମରେ ଲୋକଲୋଚନକୁ ଆଣିବା ଏହି ମଞ୍ଚର ମୂଳଲକ୍ଷ୍ୟ ବୋଲି ଆୟୋଜକ କହିଛନ୍ତି। ସେଥିପାଇଁ ସୁକିନ୍ଦାର କିଛି ଯୁବକ ନିଜ ପ୍ରଚେଷ୍ଟାରେ ଏହି ମଞ୍ଚ ଆୟୋଜନ କରି ସୁକିନ୍ଦା ଓ ଆଖପାଖ ଅଞ୍ଚଳର ବହୁ କୁନି ପ୍ରତିଭାଙ୍କୁ ଏହି ମଞ୍ଚରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ତିଆରି କରିଛନ୍ତି। ପାଞ୍ଚଦିନ ଧରି ଚାଲିଥିବା ଏହି ସାଂସ୍କୃତିକ ମଞ୍ଚର ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ସୁକିନ୍ଦା, ବୋତଲଣ୍ଡା, ବନ୍ଧଗାଁ, ସାନ୍ତରାପୁର, ମାନତିରା ଆଦି ବିଦ୍ୟାଳୟର ଛାତ୍ରଛାତ୍ରୀ ସେମାନଙ୍କ ପ୍ରତିଭା ପରିବେଷଣ କରିଥିଲେ। ଆୟୋଜକ କମିଟି ପକ୍ଷରୁ ଜଗନ୍ନାଥ ସାମଲ, ଜିଜ୍ଞାଶୁ ସାହୁ, କାର୍ତ୍ତିକଲାଲ ଭଟ୍ଟାଚାର୍ଯ୍ୟ, ମନୋରଞ୍ଜନ ବେହେରା, ଅମରେନ୍ଦ୍ର ବେହୁରା, ସତ୍ୟବ୍ରତ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ସାଂସ୍କୃତିକ ମଞ୍ଚ ସାଙ୍ଗକୁ ମୀନାବଜାର ଲାଗି ରହିଥିବାରୁ ସନ୍ଧ୍ୟାରେ ଶତାଧିକ ଦର୍ଶକଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସୁକିନ୍ଦା ପୁଅ ସନ୍ତୋଷ ପ୍ରଧାନ, ଆନ୍ତର୍ଜାତିକ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସୁଭଜିତ ମଲ୍ଲିକ ଓ ରୋଇଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ଆୟୁଷ ବଳଙ୍କୁ ଶୁକ୍ରବାର ଉଦଯାପନୀ ସନ୍ଧ୍ୟାରେ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସୁକିନ୍ଦା ରାଜା ସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଭାଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସୁକିନ୍ଦା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ଆମ୍ବଳବା ସରପଞ୍ଚ ନବଜ୍ୟୋତୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# କୁଆଖିଆ ମହୋତ୍ସବ ପ୍ରସ୍ତୁତି ବୈଠକ

**କୁଆଖିଆ, ୧୪।୧୨(ସମିସ):** ଲକ୍ଷ୍ମୀନାରାୟଣ ପୂଜା ଅବସରରେ ସାରଙ୍ଗପୁର ମେଳଣ ପଡ଼ିଆରେ ଅନୁଷ୍ଠିତ ହେଉଥିବା କୁଆଖିଆ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ କୁଆଖିଆସ୍ଥ ଅଭିମନ୍ୟୁ ସାମନ୍ତସିଂହାର ଭବନରେ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷ ନିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଏହାକୁ ରାଜ୍ୟସ୍ତରୀୟ ମହୋତ୍ସବ ଭାବେ ପରିଚିତ କରାଇବାକୁ ପ୍ରଚେଷ୍ଟା କରିବାକୁ ସମସ୍ତଙ୍କ ଆହ୍ୱାନ ଦେଇଥିଲେ। ଉଭୟ କୋରେଇ ଓ ଧର୍ମଶାଳା ବିଧାୟକଙ୍କ ପକ୍ଷରୁ ଏଥିପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ମହୋତ୍ସବରେ ରାଜ୍ୟ ଓ ଜାତୀୟ ସ୍ତରରେ ପରିଚୟ ହାସଲ କରିଥିବା ଓଡ଼ିଶାର ବିଭିନ୍ନ ଲୋକକଳା ପ୍ରଦର୍ଶିତ ହେଉଥିବାବେଳେ ଏଥିରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଭଳି ଅଧିକରୁ ଅଧିକ ସରକାରୀ ପ୍ରୋତ୍ସାହିତ କାର୍ଯ୍ୟକ୍ରମ କରାଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ। ଉପସ୍ଥିତ ଥିବା କୁଆଖିଆ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ପୂଜା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ବାହିନୀ ସହ ସ୍ୱେଚ୍ଛାସେବୀ ମିଳିତ ଭାବେ କାମ କରିବାକୁ ପରାମର୍ଶ ଦେଇଥିଲେ। ପାନୀୟଜଳ ଯୋଗାଣ, ଅଗ୍ନିଶମ ବାହିନୀ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କର୍ମଚାରୀ ଉପସ୍ଥିତ ରହିବା ସହ ଆବଶ୍ୟକ ସମୟରେ ତ୍ୱରିତ ସେବା ଯୋଗାଇବାକୁ ନିଷ୍ପତ୍ତି ହୋଇଥିଲା। ମହୋତ୍ସବ କମିଟି ସଭାପତି ଶିଶିର ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ପୂଜା କମିଟି ସମ୍ପାଦକ ଅଶୋକ ବିଶ୍ୱାଳ, ମହୋତ୍ସବ କମିଟି ସମ୍ପାଦକ ସନ୍ତୋଷ ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ଶଶଭୂଷଣ ସାହୁ, ଫାର୍ମାସିଷ୍ଟ ଅମରେଶ ଦାଶ, ବରିଷ୍ଠ ଆଗ୍ନିକ ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତ ସଦସ୍ୟ ତଥା ସ୍ଥାନୀୟ ଲୋକଙ୍କୁ ଅଧକ୍ଷ ନିରଞ୍ଜନ ସାହୁ ନିବେଦନ କରିଥିଲେ। କମିଟି କୋଷାଧକ୍ଷ ଉମେଶ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଜେଲ୍‌ରୁ ମୁକୁଳିବା ପରେ ଜନସେବାରେ ଭବପ୍ରସାଦ

# ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଲେ



**ଯାଜପୁର, ୧୪।୧୨(ସମିସ):** ବିଜେଡି ନେତା ଭବପ୍ରସାଦ ଦାସ ଗତକାଲି ଅପରାହ୍ନରେ ଯାଜପୁର ସବଜେଲ୍‌ରୁ ବାହାରିବା ପରେ ଯାଜପୁର ଓ କୋରେଇ ନିର୍ବାଚନମଣ୍ଡଳୀରୁ ଶହ ଶହ କର୍ମୀ ଓ ସମର୍ଥକଙ୍କୁ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଉଥିବାବେଳେ ସେ ଗତକାଲିଠାରୁ ବିଭିନ୍ନ ଅଞ୍ଚଳର ହାଲ ଚାଲ୍ ବୁଝିବା ସହିତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ପୂର୍ବରୁ ବିଭିନ୍ନ ଅଞ୍ଚଳର ସମସ୍ୟା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ସେ ଲାଗିପଡ଼ିଛନ୍ତି। ଏହି କ୍ରମରେ ବିଭିନ୍ନ ଅଞ୍ଚଳରେ ମୃତ୍ୟୁବରଣ କରିଥିବା କର୍ମୀ ଓ ସମର୍ଥକଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ସହାୟତାର ହାତ ବଢ଼ାଇଛନ୍ତି। ଏଥିସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେଉଥିବା ଦେଖିବାକୁ ମିଳିଛି। ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ମାଧପୁର ଗ୍ରାମର ମୋହନ ଜେନାଙ୍କ ପୁଅ ରଞ୍ଜନଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଖବର ପାଇ ଆଜି ଭବପ୍ରସାଦ ତାଙ୍କ ଘରେ ପହଞ୍ଚି ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଥିଲେ। ଏହି ସମୟରେ ପଞ୍ଚାୟତର ସରପଞ୍ଚ ପର୍ଶୁରାମ ଦଳେଇ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଉପେନ୍ଦ୍ର ଜେନା, କେଶବ ମହାନ୍ତି, ଚଗଲା ସାମଲ, ନରେନ୍ଦ୍ର ସାହୁ, ସଦାନନ୍ଦ ସାହୁଙ୍କ ସମେତ ବିଜୁ ଜନତା ଦଳର ବହୁ କର୍ମୀ ଉପସ୍ଥିତ ଥିଲେ।

### ୨୩ରେ କାରଖାନା କର୍ତ୍ତୃପକ୍ଷ, ପ୍ରଶାସନ, ବିସ୍ଥାପିତ ପରିବାର ଓ କର୍ମଚାରୀଙ୍କୁ ନେଇ ବୈଠକ

# ମେସ୍କୋ ମୁଖ୍ୟ ଫାଟକ ଆଗରେ ଅନଶନ ସ୍ଥଗିତ

**ଦାନଗଦି, ୧୪।୧୨(ସମିସ):** ମେସ୍କୋ କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଆଜି ୧୦୦ରୁ ଊର୍ଦ୍ଧ୍ୱ ବିସ୍ଥାପିତ ଓ କର୍ମଚାରୀ ମେସ୍କୋ କାରଖାନା ମୁଖ୍ୟ ଫାଟକ ନିକଟରେ ବୈଠକ ଡାକିଥିଲେ। ମହମ୍ମଦ ଜାହେଦଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗତ ୨ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ର ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୧୪ ଦିନ ମଧ୍ୟରେ ମେସ୍କୋ କାରଖାନା ଚାଲୁ ନ କଲେ ଆସନ୍ତା ୧୬ ତାରିଖରୁ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ବିସ୍ଥାପିତ ପରିବାର, ଶ୍ରମିକ ଓ କର୍ମଚାରୀ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଥିଲେ। ଯାହାକୁ ଭିତ୍ତି କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୧୩ ତାରିଖରେ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗରଙ୍କ କାର୍ଯ୍ୟାଳୟରେ ୟୁନିଅନ କର୍ମକର୍ତ୍ତାଙ୍କୁ ନେଇ ଡକାଯାଇଥିଲା। ଏହି ବୈଠକରେ ଆଗାମୀ ୨୩ ତାରିଖ ସୋମବାର ଦିବା ୧୧ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ମେସ୍କୋ ମ୍ୟାନେଜମେଣ୍ଟ ଓ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା କରାଯାଇ ସମାଧାନର ବାଟ ବାହାର କରିବାକୁ ଜିଲ୍ଲା ପ୍ରଶାସନ ଆମ୍ଭମାନଙ୍କ ନିକଟରେ ପ୍ରତିଶ୍ରୁତି ରଖିଥିଲେ। ଆଜିର ବୈଠକରେ ସମସ୍ତ କର୍ମଚାରୀ ପ୍ରଶାସନିକ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳଙ୍କ ପତ୍ରକୁ ସମ୍ମାନ ଜଣାଇ ଆଗାମୀ ୧୬ ତାରିଖ ସୋମବାର ଦିନ ହେବାକୁ ଥିବା ଆମରଣ ଅନଶନକୁ ଆଗାମୀ ବୈଠକ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ସ୍ଥିର ହୋଇଛି। ଯଦି ଜିଲ୍ଲା ପ୍ରଶାସନ ବିସ୍ଥାପିତ ଓ କର୍ମଚାରୀଙ୍କ ସମସ୍ୟା ସମାଧାନ କରିବାରେ ବିଫଳ ହେବେ, ତେବେ ଆମ୍ଭେମାନେ ବାଧ ହୋଇ ଆମରଣ ଅନଶନକୁ ଓହ୍ଲାଇବୁ ବୋଲି ସଂଘ ପକ୍ଷରୁ ଆଜି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ମହମ୍ମଦ ଜାହେଦ, ପ୍ରକାଶ ଜେନା, ଅରବିନ୍ଦ ସିଂହ, ନିହାର ପହି, ନଗେନ ପୃଷ୍ଟି, ଉଗ୍ରସେନ ପାତ୍ର, ପାଗଳ ବେହେରା, ଅଜୟ ମଲ୍ଲିକ, ଗଦାଧର ପରିଡ଼ା, ମିହିର ସାମନ୍ତରାୟ, ଲକ୍ଷ୍ମଣ ପହି, ଖ ଗନ ପାତ୍ର, ପଦ୍ମଲୋଚନ ସ୍ୱାଇଁ, ରମେଶ ପହି ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଶକ୍ତି ସଂରକ୍ଷଣ ଦିବସରେ ସଚେତନତା ପଦଯାତ୍ରା




**କବାଟବନ୍ଧ, ୧୪।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଅଧୀନ ବାଲିସାହିସ୍ଥ ବାଘୁଆ ବ୍ରାହ୍ମଣୀ ଦେବୀ ସରକାରୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଏହି ପଦଯାତ୍ରା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର 'ଶକ୍ତି କ୍ଲବ୍' ଦାୟିତ୍ୱରେ ଥିବା ଶିକ୍ଷକ ସାଗର ଦେହୁରୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ଲା-କାର୍ଡ ପ୍ରଦର୍ଶିତ କରାଯାଇ ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ଆଖପାଖ ଗାଁ ଭ୍ରମଣ କରି ଲୋକଙ୍କୁ ସଚେତନ କରି ବିଦ୍ୟାଳୟକୁ ଫେରିଥିଲେ। ପ୍ରଧାନଶିକ୍ଷକ ଦାଶରଥି ସାହୁ ବିଦ୍ୟାଳୟ ସ୍ତରରେ ଏଭଳି ସଚେତନତା କାର୍ଯ୍ୟକ୍ରମ ଅଧିକ କରାଇବା ପାଇଁ ଶିକ୍ଷକ, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେବା ସହିତ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ | 'ଜାଣିବା ଆଗ୍ରହ ଥିଲେ ଜଣେ ସଫଳ ବୈଜ୍ଞାନିକ ହୋଇପାରିବ'

**ଯାଜପୁର, ୧୪।୧୨(ସମିସ)**




ଆଜି ଯାଜପୁର ଜିଲ୍ଲା ସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ୧୦ଟି ବ୍ଲକରୁ ୭୦ଟି ପ୍ରକଳ୍ପକୁ ଛାତ୍ରଛାତ୍ରୀ ପ୍ରଦର୍ଶନ କରିଥିଲେ। ତତ୍‌ସହିତ ପ୍ରତି ବ୍ଲକରୁ ୨ ଜଣ ଲେଖାଏଁ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବିଜ୍ଞାନ ଗ୍ୟାଲେରୀ ପ୍ରସ୍ତୁତ ହୋଇଥିଲା। ଶକ୍ତି ସଂରକ୍ଷଣ ଓ ସଚେତନତା ଉପରେ ଏକ ଖୋଲା ମଞ୍ଚରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଆରମ୍ଭରୁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ନିବେଦିତା ପାଣିଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ମୁଖ୍ୟବକ୍ତା ରୂପେ ନାଇଜରର ପ୍ରଫେସର ତଥା ବିଶିଷ୍ଟ ବୈଜ୍ଞାନିକ ଡ. ହିମାଂଶୁ ଶେଖର ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ରାଜେଶ ସ୍ୱାଇଁ, ଯାଜପୁର ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧ ଓ ଆବାହକ ରୂପେ ଜିଲ୍ଲା ବିଜ୍ଞାନ ପରିଦର୍ଶକ କୁମାରସେନ ସେନାପତି ଯୋଗଦାନ କରି କୁନି ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପିଲା ଦିନରେ ପ୍ରତ୍ୟେକ ଜିନିଷକୁ ଜାଣିବା ପାଇଁ ଇଚ୍ଛା ପ୍ରକାଶ କଲେ ହିଁ ଭବିଷ୍ୟତରେ ଜଣେ ଭଲ ବୈଜ୍ଞାନିକ ହୋଇପାରିବ ବୋଲି ମତ ଦେଇଥିଲେ। ଦୀନବନ୍ଧୁ ସାହୁ ମଞ୍ଚ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରକଳ୍ପ ସ୍ଥଳୀ ଉଦଘାଟନ ହୋଇଥିଲା। ୪ ଜଣ ଅଧାପକ ବିଚାରକ ରୂପେ ପ୍ରକଳ୍ପଗୁଡ଼ିକୁ ନିରୀକ୍ଷଣ କରିଥିଲେ। ବିଚାରକ ରୂପେ ଲକ୍ଷ୍ମୀନାରାୟଣ କର, ଦିବ୍ୟଲୋଚନ ସିଂ, ବସନ୍ତ ତ୍ରିପାଠୀ ଓ ବିକ୍ରମ କୁମାର ମଲ୍ଲିକ ସହଯୋଗ କରିଥିଲେ। କୁଇଜ ପରିଚାଳନାରେ ଜଗନ୍ନାଥ ବେହେରାଙ୍କ ସହ ଅନ୍ୟ ବିଜ୍ଞାନ ଶିକ୍ଷକ ସହଯୋଗ କରିଥିଲେ।

ଅପରାହ୍ନରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ୭ଟି ଉପ-ପ୍ରସଙ୍ଗ ବିଭାଗରୁ ପ୍ରଥମ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ଦିଆଯାଇଥିଲା। ଲିପ୍‌ସା ପଣ୍ଡା, ଶୋଭନ ବେହେରା, ସୁରଜ ବେହେରା, ସତ୍ୟଶ୍ରୀ ମହାରଣା, ବର୍ଷାରାଣୀ ବିଶ୍ୱାଳ, ସାଇ ଶିବମ ସ୍ୱାଇଁ ଓ ଶୁଭଲକ୍ଷ୍ମୀ ପଣ୍ଡା ପ୍ରଥମ ସ୍ଥାନ ଲାଭ କରିଥିଲେ। ଶକ୍ତି ସଂରକ୍ଷଣରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଅନ୍ୟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓ ଅନ୍ୟ ଶିକ୍ଷକ ଚିନ୍ମୟ ରଥ, ଶିବବ୍ରତ ପାଣି, ଶୈଳଜା ବାରିକ, ବ୍ରହ୍ମାନନ୍ଦ ବାରିକ, ପ୍ରକାଶ ପଣ୍ଡା, ବିଷ୍ଣୁଚରଣ ସାହୁ, ନିରଞ୍ଜନ ସାମଲ, ମନୋରଞ୍ଜନ ସାମଲ, ବିଜୟ ସାହୁ, ଅମୀୟ ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ଅମରେଶ ପଣ୍ଡା ସହଯୋଗ କରିଥିଲେ।

# ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ମିଳୁନି ନିରନ୍ତର ନିରାମୟ ସେବା

ବରୀ, ୧୪ ।୧୨(ସମିସ)



ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନିରାମୟ ଯୋଜନାରେ ରୋଗୀଙ୍କୁ ୨୪ ଘଣ୍ଟିଆ ସେବା ଯୋଗାଇ ଦିଆଯିବାକୁ ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ଏଠାରେ ଦିନ ୧୨ଟା ବାଜିଲେ ଔଷଧ କାଉଣ୍ଟର ବନ୍ଦ ହୋଇଯାଉଛି। ସବୁଦିନ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ଓ ରାତି ୮ଟା ପରେ ସକାଳ ୯ଟା ଯାଏ ଔଷଧ କାଉଣ୍ଟର ବନ୍ଦ ରହୁଛି। ଫଳରେ ମାଗଣା ଔଷଧ ପାଇବାରୁ ରୋଗୀ ବଞ୍ଚିତ ହେଉଛନ୍ତି। ଆନ୍ତଃ ବିଭାଗରେ ମଧ୍ୟ ଅବସ୍ଥା ଶୋଚନୀୟ ହୋଇଥିବା ଦେଖିବାକୁ ମିଳୁଛି। ଡାକ୍ତରଖାନା ପରିସରରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଥିବାବେଳେ ଚିକିତ୍ସା କରିବାକୁ ଡାକ୍ତର ନାହାନ୍ତି। ରୋଗୀଙ୍କ ଶଯ୍ୟାଠାରୁ କିଛି ଦୂରରେ ବୁଲା କୁକୁର ଆଡ୍ଡା ଜମାଉଛନ୍ତି। ଡାକ୍ତରଖାନା ପରିସରରେ କୁଢ଼ କୁଢ଼ ଅଳିଆ ପଡ଼ି ରହିଛି। ମଶାମାଛି ଦାଉରୁ ରକ୍ଷା ପାଇବାକୁ ଖୋଦ୍ ମେଡିକାଲ କର୍ତ୍ତୃପକ୍ଷ ଲୋକଙ୍କୁ ସଚେତନ କରୁଥିବାବେଳେ ଡାକ୍ତରଖାନା ପରିବେଶ ସଫା ରଖିବାରେ ବିଫଳ ହୋଇଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ଅଞ୍ଚଳର ୩୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରନ୍ତି। ବରୀ ପୁଲିସ୍ ଦ୍ୱାରା ଗିରଫ ହେଉଥିବା ଅଭିଯୁକ୍ତଙ୍କୁ ଏଠାରେ ମେଡିକାଲ ଟେଷ୍ଟ କରାଯାଇଥାଏ। ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର, କର୍ମଚାରୀ ନାହାନ୍ତି। ଏପରିକି ସମସ୍ତ ନିଦାନ ସେବା ପାଇଁ ଆବଶ୍ୟକ ଯନ୍ତ୍ରପାତି ନାହିଁ। ଫଳରେ ଏଠାକୁ ଆସୁଥିବା ଅଧିକାଂଶ ରୋଗୀ ପ୍ରତିଦିନ ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାଉଛନ୍ତି। ଅସ୍ଥିଶଲ୍ୟ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତରଙ୍କୁ ସରକାରଙ୍କ ଦ୍ୱାରା ଅଧିକ ବିଶେଷ ଭତ୍ତା ପ୍ରଦାନ କରାଯାଇଥାଏ କେବଳ ସପ୍ତାହର ୭ ଦିନରୁ ୬ ଦିନ ଉପସ୍ଥିତ ରହିବା ପାଇଁ। କିନ୍ତୁ ଉକ୍ତ ଦୁଇ ବିଶେଷଜ୍ଞ ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରକୁ ପାଳି କରି ସପ୍ତାହରେ ଦିନେ ବା ଦୁଇ ଦିନ ଆସୁଛନ୍ତି। ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବିଭାଗରେ ଥିବା ଅଧିକାରୀ ବିଳମ୍ବରେ ଆସୁଥିବା ବା ଅଧିକାଂଶ ସମୟ ଅନୁପସ୍ଥିତ ରହିବା କାରଣରୁ ଲୋକମାନେ ପ୍ରମାଣ ପତ୍ର ପାଇବା କ୍ଷେତ୍ରରେ ବହୁ ଅସୁବିଧା ଭୋଗ କରୁଛନ୍ତି। ସେହିପରି ପ୍ରମାଣ ପତ୍ର ପାଇବା ପାଇଁ ସରକାରଙ୍କ ଧାର୍ଯ୍ୟ ରାଶିଠାରୁ ଅଧିକ ଦାବୀ କରାଯାଉଥିବା ଅଭିଯୋଗ ହେଉଛି।

ରବିବାର ଦିନ ଲ୍ୟାବ୍ ଖୋଲୁ ନ ଥିବାବେଳେ ବହୁ ପରୀକ୍ଷା ଲ୍ୟାବ୍‌ରେ ହୋଇପାରୁନି। ରୋଗୀ ଡାକ୍ତରଖାନା ବାହାରେ ଥିବା ଘରୋଇ ପରୀକ୍ଷାଗାରରେ ପରୀକ୍ଷା କରାଉଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯେତେ ଗୋଟି ପରୀକ୍ଷା କରାଯିବା କଥା ତାହା କରାଯାଉନାହିଁ। ସିବିସି ମେସିନ୍ ଓ ସେମି ଅଟୋ ଆନାଲାଇଜର ବହୁ ସମୟରେ ଖରାପ ହୋଇ ପଡ଼ିରହୁଛି। ରୋଗୀଙ୍କ ବିଭିନ୍ନ ପରୀକ୍ଷାର ରିପୋର୍ଟ ତତ୍କାଳ ପ୍ରଦାନ କରିବାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୌଣସି ବିଧିବଦ୍ଧ ବ୍ୟବସ୍ଥା କରାଯାଇନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଏଭଳି ଅବ୍ୟବସ୍ଥା ହେଉଛି। ୪ ଜଣ ସୁରକ୍ଷା କର୍ମୀ ଆବଶ୍ୟକ ଥିବାବେଳେ ୩ ଜଣ ଅଛନ୍ତି। ଫଳରେ ଡାକ୍ତରଖାନା ପରିସରରେ ବୁଲା କୁକୁରଙ୍କୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ନୂତନ ଗୃହ ନିର୍ମାଣରେ ଅହେତୁକ ବିଳମ୍ବ ସାଙ୍ଗକୁ ଠିକାଦାରଙ୍କ ମନମାନି ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ନିରାମୟରେ ୨୪ ଘଣ୍ଟିଆ ସେବା ପାଇଁ ମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ କର୍ମଚାରୀ ଅଭାବରୁ କିଛି ସମୟ ପାଇଁ ତାହା ବନ୍ଦ ରହୁଛି। ନିରାମୟ କେନ୍ଦ୍ର ବନ୍ଦ ଥିବାବେଳେ ଡ୍ୟୁଟିରେ ଥିବା ଡାକ୍ତର ରୋଗୀଙ୍କୁ ଔଷଧ ଦେବାକୁ ନିର୍ଦ୍ଦେଶ ଦେବା ପାଇଁ ଦାବି ହେଉଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି କରାଯାଇଛି।

## ନିତ୍ୟ ବୃନ୍ଦାବନ ଉନ୍ନୟନ ପ୍ରକଳ୍ପର ସାଧାରଣ ବୈଠକ

**ଯାଜପୁର, ୧୪ ।୧୨(ସମିସ):** ବରୁଆଁର ବିଜେ ଥାନପତି ଶ୍ରୀରାଧାଗୋପୀନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ 'ନିତ୍ୟ ବୃନ୍ଦାବନ ଉନ୍ନୟନ ପ୍ରକଳ୍ପ, ର ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଅଞ୍ଚଳର ବିଭିନ୍ନ ମଠ ମନ୍ଦିରରେ କିପରି ସୁସମନ୍ୱୟ ରକ୍ଷା କରି ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପରମ୍ପରାକୁ ଉଜ୍ଜୀବିତ କରି ରଖିହେବ, ସେ ସମ୍ପର୍କରେ ଆଲୋଚନା କରାଯାଇଛି। ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ରଙ୍କ ସଭାପତିତ୍ୱରେ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ରତଳାଙ୍ଗର ଚୌଧୁରୀ ଅତୁଲ ମଙ୍ଗରାଜ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ଓ ସଂସ୍କୃତି ବିକାଶ କେନ୍ଦ୍ର, ଗୁରୁଗ୍ରାମ ନୂଆଦିଲ୍ଲୀର ପ୍ରକାଶ ନାୟକ, ନିମାଇଁ ରାୟ, ନୃସିଂହ ଚରଣ ବଳିୟାରସିଂ ମହାପାତ୍ର, ସଚ୍ଚିଦାନନ୍ଦ ବିଶ୍ୱାଳ, ଚୈତନ୍ୟ ବିଶ୍ୱାଳ, ରାଧାଶ୍ୟାମ ଓଝା, ଦୟାନିଧି ଓଝା, ବିପିନ ବିହାରୀ ନାୟକ, ନବଘନ ସ୍ୱାଇଁ, ହିମାଂଶୁ ଭୂଷଣ ମହାପାତ୍ର, ରମେଶ ବିଶ୍ୱାଳ, ନନ୍ଦକିଶୋର ସାହୁ, ଶ୍ରୀଧର ଦାସ ପ୍ରମୁଖଙ୍କ ସହ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଭକ୍ତି, ମୁକ୍ତି, ସମନ୍ୱୟ ଓ ସଂଗ୍ରାମର ସ୍ଥଳୀ ବରୁଆଁକୁ ଐତିହ୍ୟ ଗ୍ରାମ ରୂପେ ମାନ୍ୟତା ମିଳିବାକୁ ଐକ୍ୟବଦ୍ଧ ଉଦ୍ୟମ ଜାରି ରଖିବାକୁ ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠାତା ଭରତବନ୍ଧୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଯଯାତି କେଶରୀ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

**ଦଶରଥପୁର, ୧୪।୧୨(ସମିସ) :** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ବାମଦେବପୁରସ୍ଥ ଯଯାତି କେଶରୀ ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦଘାଟିତ ହୋଇଛି। ଉକ୍ତ କ୍ରୀଡ଼ାକୁ ଦଶରଥପୁର ବ୍ଲକ ଶିକ୍ଷାଧିକାରୀ ଆଲୋକ ବନ୍ଧ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ବିଷ୍ଣୁଚରଣ ପଣ୍ଡା ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବସନ୍ତ ବଳ, ଉପେନ୍ଦ୍ର ସାମଲ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅଜୟ ବେହେରା ପ୍ରମୁଖ ଯୋଗଦେଇ କ୍ରୀଡ଼ାର ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ସବ୍‌ଜୁନିୟର, ଜୁନିୟର, ସିନିୟର୍ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ଇନ୍ଦୁମତୀ କାଣ୍ଡି, ସହକାରୀ ଶିକ୍ଷକ ଅଭିମନ୍ୟୁ ମହାଳିକ, ରଞ୍ଜିତ ପଣ୍ଡା, ଶଶୀନାରାୟଣ ଦାସ, ସତ୍ୟବ୍ରତ ଧଳମହାପାତ୍ର, ଶିକ୍ଷୟିତ୍ରୀ ଉଷାରାଣୀ ସାମଲ, ତପସ୍ୱିନୀ ନାୟକ, ମାନସୀ ନାୟକ, ସୁନୀତା ଜେନା, ସୁଭଦ୍ରା ଖଣ୍ଡା, ଶ୍ରାବଣୀ ପାତ୍ର, ଜ୍ୟୋତ୍ସ୍ନାରାଣୀ ଜେନା, ମମତାମୟୀ ଜେନା, ଅନୀତା ପରିଡ଼ା, ସୁଚିସ୍ମିତା ଦାସ, ଶର୍ମିଷ୍ଠା ସୂତାର ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ।

## ମଙ୍ଗଳପୁର ଥାନା ନୂତନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



**କଣ୍ୟାଁଗୋଲା, ୧୪।୧୨(ସମିସ):** ଜଗଦୀଶ କୁମାର କର ମଙ୍ଗଳପୁର ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚିନ୍ମୟୀ ସାହୁଙ୍କ ବଦଳି ପରେ ଥାନା ଅଧିକାରୀ ପଦ ଖାଲିପଡ଼ିଥିଲା। ଆଜି ଶ୍ରୀ କର ଯୋଗଦାନ ପରେ ତାଙ୍କୁ ସ୍ୱାଗତ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ରହିଥିବା ଆଇନଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

## ବଡ଼ଚଣା ପ୍ରାଥମିକ ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଉତ୍ସବ

**ବଡ଼ଚଣା, ୧୪।୧୨(ସମିସ):** ବଡ଼ଚଣା ପ୍ରାଥମିକ ଶିକ୍ଷା ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ଶିକ୍ଷକ ଭବନ ପରିସରରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବରାଜ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇ ପ୍ରାଥମିକ ଶିକ୍ଷକ ସମାଜ ଗଠନର ମୁଖ୍ୟ ପୁରୋଧା। ଶିକ୍ଷକ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣ ହେବା ସହ ନିଜ ମଧ୍ୟରେ ଏକତା ମଧ୍ୟ ବଜାଇ ରଖନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜ୍ୟ ସଂଘର ମହାସଚିବ ଅମୀୟ ଦାସ, ସମ୍ମାନିତ ଅତିଥି ଧର୍ମଶାଳା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆର୍ତ୍ତତ୍ରାଣ ସେଠୀ, ବଡ଼ଚଣା ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ଆର୍ତ୍ତତ୍ରାଣ ପୃଷ୍ଟି, ଦେବାଶିଷ ମଲିକ ପ୍ରମୁଖ ଯୋଗଦେଇ ବଡ଼ଚଣା ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ନୂତନ ଭାବେ ମନୋନୀରତହୋଇଥିବା ସଭାପତି ସନ୍ତୋଷ ଜେନା, ଉପସଭାପତି ପ୍ରଭାତ ସାମଲ, ପ୍ରିୟତମା ଜେନା, ସମ୍ପାଦକ ପ୍ରଶାନ୍ତ ବେହେରା, ସହସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ବ୍ରଜକିଶୋର ସାହୁ, କୋଷାଧ୍ୟକ୍ଷ ନାରାୟଣ ପତି, ସଂଯୋଜକ ସିଦ୍ଧାର୍ଥ ରାଉତ ପ୍ରମୁଖ ଶପଥ ପାଠ କରି ଆଗାମୀ ଦିନରେ ବଡ଼ଚଣା ପ୍ରାଥମିକ ଶିକ୍ଷକ ସଂଘକୁ ଆଗକୁ ନେବା ସହ କର୍ତ୍ତବ୍ୟ ନିଷ୍ଠାର ସହ ନିଜର ଦାୟିତ୍ୱ ତୁଲାଇବେ ବୋଲି କହିଥିଲେ। ଶିକ୍ଷକ ବଳରାମ ରଣା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୀମତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଗବତ ସେବାଶ୍ରମରେ ସମ୍ବର୍ଦ୍ଧନା ଉତ୍ସବ



**ବିଞ୍ଝାରପୁର, ୧୪ ।୧୨(ସମିସ):** ସାଧକ ବଳରାମ ବାନପ୍ରସ୍ଥୀଙ୍କ ଅଷ୍ଟବିଂଶତମ ସାମ୍ବତ୍ସରିକ ସ୍ମୃତିଚାରଣ ଉତ୍ସବ ବିଂଝାରପୁରସ୍ଥ ଭାଗବତ ସେବାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସାରସ୍ୱତ ସାଧକ ରବି ଶତପଥୀଙ୍କୁ ଉପଢୌକନ, ମାନପତ୍ର ଓ ତାମ୍ର ଫଳକ ପ୍ରଦାନ କରାଯାଇ ସାଧକ ବଳରାମ ବାନପ୍ରସ୍ଥୀ ସମ୍ମାନରେ ସମ୍ମାନିତ କରାଯାଇଛି।

ଅଖିଳଚକ୍ର ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ମହନ୍ତ ନିତ୍ୟାନନ୍ଦ ମହାରାଜ ଯୋଗଦେଇ ମଣିଷର ଆଚରଣବିଧି ସତପଥରେ ଯିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ଆଶ୍ରମର ପ୍ରତିଷ୍ଠାତା ବଳରାମ ବାନପ୍ରସ୍ଥୀଙ୍କ ଅବଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କବୟିତ୍ରୀ ନିର୍ମଳା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଗବତ ଆମର ପରମ ଶାସ୍ତ୍ର ବୋଲି କହିବା ସହିତ ଏହାକୁ ନିତ୍ୟ ଅଧ୍ୟୟନ କରିବା ପାଇଁ ମହିଳାଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ନାରାୟଣ ଚନ୍ଦ୍ର ଦାସ ଯୋଗଦେଇ ଆଧୁନିକ ସମାଜରେ ମଣିଷ ଆଧ୍ୟାତ୍ମିକ ଜୀବନ ବିନା ଶାନ୍ତି ପାଇପାରିବନାହିଁ ବୋଲି କହିଥିଲେ। ସଭାପତି ହରେକୃଷ୍ଣ ପଣ୍ଡା କହିଥିଲେ, ଭାଗବତ ଆମର ପରମ ଶାସ୍ତ୍ର ହୋଇଥିବାବେଳେ ଆମେ ତାକୁ ଛାଡି ଦୁଃଖ ଯନ୍ତ୍ରଣା ଭୋଗ କରୁଛନ୍ତି। ମଠ, ଆଶ୍ରମ ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ସହଜ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ। ପ୍ରାରମ୍ଭରେ ଶିକ୍ଷାବିତ ଅକ୍ଷୟ କୁମାର ଦାସ ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଭକ୍ତ ଗୌରାଙ୍ଗ ଚରଣ ନାୟକ ଭଜନ ଓ ସୁନାମଣି ପୋଥାଳ ସଙ୍ଗୀତ ପରିବେଷଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭକ୍ତ ସୁରେନ୍ଦ୍ର ନାୟକ, ଗୋବର୍ଦ୍ଧନ ସାହୁ, ପରିଚାଳନା କମିଟି ସମ୍ପାଦକ ମନୋଜ ପୋଥାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଣଧାନ ଖାଦ୍ୟ ରନ୍ଧନ ପ୍ରତିଯୋଗିତା




**କୁଆଖିଆ, ୧୪।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ବୃହତ୍ ଉଠାଜଳସେଚନ ଅଞ୍ଚଳରେ ଫସଲର ବିବିଧକରଣ ଓ ପାରମ୍ପରିକ ଖାଦ୍ୟକୁ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ଅଣଧାନ ଖାଦ୍ୟ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସହାୟତାରେ ଗଙ୍ଗୋତ୍ରୀ ସୋସିଆଲ ଅର୍ଗାନାଇଜେସନ୍ ଦ୍ୱାରା ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଗଠନର ସମ୍ପାଦିକା ଅନୁସୟା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଜୟଦେବ ସିଟ୍, ବ୍ଲକ କୃଷି ବୈଷୟିକ ସହାୟକ ପ୍ରକାଶ ରାଉତ, ନିର୍ବାହୀ ଅଧିକାରୀ ଅକ୍ଷୟ ସାମଲ ପ୍ରମୁଖ ଯୋଗଦେଇ ଅଣଧାନ ଖାଦ୍ୟ ପ୍ରସ୍ତୁତି ଉପରେ ମାଆମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୪ଟି ପଞ୍ଚାୟତରୁ ୪ଟି ଖାଦ୍ୟ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଉତ୍କଳ ସ୍ୱୟଂସହାୟିକା ଗୋଷ୍ଠୀକୁ ପ୍ରଥମ ପୁରସ୍କାର, ପ୍ରଗତି ଗୋଷ୍ଠୀକୁ ଦ୍ୱିତୀୟ, ଜୟ ବଜରଙ୍ଗବାଲି ଗୋଷ୍ଠୀକୁ ତୃତୀୟ ପୁରସ୍କାର ଭାବେ ଟ୍ରଫି ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଜୟଜଗନ୍ନାଥ ସ୍ୱୟଂସହାୟକ ଗୋଷ୍ଠୀକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ଗାନାଇଜେସନର ସୁପରଭାଇଜର ସୂର୍ଯ୍ୟକାନ୍ତ ସାହୁ ଧନ୍ୟବାଦ ଅର୍ପଣ ଓ ଅଫିସ୍ ସହାୟକ ମାନସ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନଛିପୁର ନୀଳାଦ୍ରୀ ବିହାରରେ ଗୀତା ଜୟନ୍ତୀ



**ପ୍ରୀତିପୁର, ୧୪ ।୧୨(ସମିସ):** ଶ୍ରୀମଦ୍ ଭଗବଦ୍ ଗୀତା ପ୍ରତ୍ୟେକଙ୍କ ଜୀବନ ପାଇଁ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ନିତ୍ୟ ପାଠ୍ୟ ହେବା ଉଚିତ୍ ବୋଲି ଆଜି ବିଞ୍ଝାରପୁର ବ୍ଲକର ଫତେପୁର ପଞ୍ଚାୟତର ନଛିପୁରସ୍ଥ ନୀଳାଦ୍ରୀ ବିହାରରେ ଅନୁଷ୍ଠିତ ଗୀତା ଜୟନ୍ତୀ ସମାରୋହରେ ଯୋଗଦାନ କରି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଜି ପ୍ରତ୍ୟୁଷରୁ ମଙ୍ଗଳଆଳତୀ ପରେ ମନ୍ଦିର ପରିସର ଉତ୍ସବମୟ ହୋଇଉଠିଥିଲା। ସକାଳ ୯ ଘଟିକା ସମୟରେ ଗୀତାପାଠ ଆରମ୍ଭ ହୋଇଥିଲା। ଦିନ ୧ଟାରେ ଏହା ଉଦ୍‌ଯାପିତ ହୋଇଥିଲା। ପରେ ଅପରାହ୍ନରେ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନୀଳାଦ୍ରୀ ବିହାରର ପୂର୍ବତନ ସେବାଧ୍ୟକ୍ଷ ଭକ୍ତ ନିରଞ୍ଜନଙ୍କ ସ୍ମୃତିପୀଠରେ ପ୍ରଦୀପ ପ୍ରଜ୍ୱଳନ ପରେ ସମାବର୍ତ୍ତନ ସମାରୋହ ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ପରିଚାଳନା ସମିତିର ସ୍ଥାୟୀ ସଭାପତି ରତନଲାଲ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡ. ରବୀନ୍ଦ୍ର ବିହାରୀ ଯୋଗଦେଇ ଶ୍ରୀମଦ୍ ଭଗବଦ୍ ଗୀତା ମାନବ ଜୀବନ ପାଇଁ ଅପରିହାର୍ଯ୍ୟ। ଏହା ଜୀବନର ପଥ ପ୍ରଦର୍ଶକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦାମୋଦର ବେହେରା ଯୋଗଦେଇ ଭଗବଦ୍ ଗୀତା ଜୀବନର ଏକ ଜୀବନ୍ତ ସମ୍ବିଧାନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ଯୋଗଦେଇ ଭଗବଦ୍ ଗୀତାର ତତ୍ତ୍ୱ ସମସ୍ତଙ୍କ ଦ୍ୱାରା ଗୃହୀତ ହେଲେ ମଣିଷ ସମାଜରେ ଦ୍ୱନ୍ଦ୍ୱ ଦେଖାଯିବନାହିଁ। ସର୍ବତ୍ର ଶାନ୍ତି ବିରାଜମାନ କରିବ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ସମାଜସେବୀ ତଥା ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ପଦ୍ମାକର ଗୁରୁ ଯୋଗଦାନ କରି ଭକ୍ତ ନିରଞ୍ଜନଙ୍କ ଦ୍ୱାରା ସଂସ୍ଥାପିତ ହୋଇ ଏହି ଗୀତା ଜୟନ୍ତୀ ଉତ୍ସବ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଦ୍ୱାରା ବେଶ୍ ଆଦୃତିଲାଭ କରିପାରିଛି ବୋଲି କହିଥିଲେ।

ଏ ଅବସରରେ ବିଶିଷ୍ଟ କାବ୍ୟକାର ତ୍ରିଲୋଚନ ପତିଙ୍କୁ ଭକ୍ତ ନିରଞ୍ଜନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ପତିଙ୍କ ରଚିତ ମୋ ସୃଷ୍ଟି ଓ ସଂଗ୍ରହ ଶୀର୍ଷକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶ୍ରୀମନ୍ଦିର ପରିଚାଳନା ସମିତିର ବରିଷ୍ଠ ସଦସ୍ୟ ତଥା ପରୀକ୍ଷା ନିୟନ୍ତ୍ରକ ସୁଧୀର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ଅଶୋକ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୀତାଜ୍ଞାନ ପରୀକ୍ଷାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଂ. ଅମ୍ବରୀଶ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଗଗନ ବିହାରୀ ଆଚାର୍ଯ୍ୟ, ସେବାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଭକ୍ତହରି ବିଶ୍ୱାଳ, ବ୍ରଜକିଶୋର ସାହୁ, ଶଶଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯାଜପୁରରୋଡ୍ ଟ୍ରକ୍ ମାଲିକ ସଂଘର ଚାରାରୋପଣ

**ବ୍ୟାସନଗର, ୧୪ ।୧୨(ସମିସ):** ଶୁକ୍ରବାର ଯାଜପୁରରୋଡ୍ ଟ୍ରକ ମାଲିକ ସଂଘ ପକ୍ଷରୁ ସ୍ଥାନୀୟ ଚୋରଦା କାଳୀ ମେଳଣ ପଡ଼ିଆରେ ଚାରାରୋପଣ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ମନୀନ୍ଦ୍ର ସାହୁ, ଚନ୍ଦମା ରାଜସ୍ୱ ନୀରିକ୍ଷକ କାଟେ ପୂର୍ତ୍ତି, ବ୍ୟାସନଗର ପୌର ପରିଷଦର ସିଇଓ ପ୍ରଜ୍ଞା ଚକ୍ରବର୍ତ୍ତୀ, ଟ୍ରକ୍ ମାଲିକ ସଂଘ ସଭାପତି ଅମୀୟ ବାରିକ, ସମ୍ପାଦକ ଦିଲ୍ଲୀପ ମଲ୍ଲିକ, ଉପସଭାପତି କିଶୋର ରାଉତ, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ସହସମ୍ପାଦକ ସମୀର ପରିଡ଼ା, କାର୍ଯ୍ୟକାରୀ ସଭ୍ୟ ପ୍ରଦ୍ୟୁମ୍ନ ବୋଇତାଇ, ବିବେକାନନ୍ଦ ମହାନ୍ତି, ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ରାମଚନ୍ଦ୍ରପୁର ବିଦ୍ୟାଳୟରେ ଶିଶୁ ଉତ୍ସବ

# ଉତ୍ସବ ମାଧ୍ୟମରେ ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ଉନ୍ମୋଚନ ହେଉଛି

ବିଞ୍ଝାରପୁର, ୧୪ ।୧୨ (ସମିସ)




ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଙ୍ଘ, ଯାଜପୁର ଜିଲ୍ଲା ପକ୍ଷରୁ ବିଞ୍ଝାରପୁର ବ୍ଲକର ବରପଦା ପଞ୍ଚାୟତର ରାମଚନ୍ଦ୍ରପୁର ହାଇସ୍କୁଲ ପରିସରରେ ଶିଶୁ ଉତ୍ସବ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ଗଣଶିକ୍ଷା ବିଭାଗର ପ୍ରାକ୍ତନ ଉପନିର୍ଦ୍ଦେଶିକା ଡ. ପ୍ରୀତିପ୍ରତିଭା ଭୋଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଷ୍ଟା ଶିଶୁ ଉତ୍ସବ ଅନୁଷ୍ଠିତ କରାଇ ଏହା ମାଧ୍ୟମରେ ଶିଶୁଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ଉନ୍ମୋଚନ କରିଛି ବୋଲି କହିଥିଲେ। ଓଷ୍ଟା ଯାଜପୁର ଜିଲ୍ଲା ସଭାପତି ସୁନନ୍ଦ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ଓଷ୍ଟାର ସଭାପତି ଅକ୍ଷୟ ମିଶ୍ର ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁରେନ୍ଦ୍ର ମହାଳିକ, ଓଷ୍ଟାର ଯୁଗ୍ମସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ରାଜ୍ୟ ସମ୍ପାଦକ ନିର୍ମଳ ଜେନା, ସମ୍ପାଦିକା ଯୁଗପ୍ରଭା ସାବତ, ଓଷ୍ଟା ଯାଜପୁରର ସମ୍ପାଦକ ପବିତ୍ର ପଣ୍ଡା, ରାମଚନ୍ଦ୍ରପୁର ହାଇସ୍କୁଲର ପ୍ରଧାନଶିକ୍ଷକ ବିକାଶ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। ଏ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଶିକ୍ଷକ ନେତା ଜ୍ଞାନରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଡ. ପ୍ରୀତିପ୍ରତିଭା ଭୋଳ ଓ ସମାଜସେବୀ ସୁରେନ୍ଦ୍ର ମହାଳିକଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁଶ୍ରୀ ପ୍ରିୟଦର୍ଶିନୀ ଲେଙ୍କାଙ୍କୁ ଜିଲ୍ଲା ଶ୍ରେଷ୍ଠ ମେଧାଛାତ୍ରୀ ସମ୍ମାନ ପ୍ରଦାନ କରାଯିବା ସହିତ ସଶ୍ରଦ୍ଧ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସାନ୍ଧ୍ୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ ଦାଶ ଓ ମୁଖ୍ୟବକ୍ତା ଭାବେ ଓଷ୍ଟାର ରାଜ୍ୟ କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ରାଜେଶ ସ୍ୱାଇଁ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରିରୀକ ପରିଦର୍ଶକ ଶମ୍ଭୁନାଥ ଦାଶ ଓ ରାଜ୍ୟ ଓଷ୍ଟାର ସମ୍ପାଦକ ପ୍ରଣବ ଜେନା ଯୋଗଦାନ କରିଥିଲେ।

INSTITUTE OF MATHELETES ESTD-2015
'ସକାଳ'ର ୪ର୍ଥ ସ୍ୱନକ୍ଷତ୍ର ଅବସରରେ ଓଡିଶାବାସୀଙ୍କୁ ଶୁଭେଚ୍ଛା ଜଣାଉଛି। 'ସକାଳ'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ଇନଷ୍ଟିଚ୍ୟୁଟ ଅଫ ମେଥଲେଟସ


'ସକାଳ'ର ୪ର୍ଥ ସ୍ୱନକ୍ଷତ୍ର ଅବସରରେ ଓଡିଶାବାସୀଙ୍କୁ ଶୁଭେଚ୍ଛା ଜଣାଉଛି। 'ସକାଳ'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ଆଶୀଷ ଅମିତାଭ ମହାପାତ୍ର
କାଉନସିଲର (ୱାର୍ଡ ନଂ. ୧୭), ଭଦ୍ରକ ପୌରପାଳିକା


'ସକାଳ'ର ୪ର୍ଥ ସ୍ୱନକ୍ଷତ୍ର ଅବସରରେ ଓଡିଶାବାସୀଙ୍କୁ ଶୁଭେଚ୍ଛା ଜଣାଉଛି। 'ସକାଳ'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ସୁରେଶ ମହାନ୍ତି
ସମାଜସେବୀ


'ସକାଳ'ର ୪ର୍ଥ ସ୍ୱନକ୍ଷତ୍ର ଅବସରରେ ଓଡିଶାବାସୀଙ୍କୁ ଶୁଭେଚ୍ଛା ଜଣାଉଛି। 'ସକାଳ'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ମନୋଜ କୁମାର ସାହୁ
ସହକାରୀ ଶିକ୍ଷକ

# ପାଳଭୂତ

ପଦ୍ମାଳୟା ସାମଲ



ସପ୍ତାହେ ହେଲାଣି କାମବାଲିକୁ ଲଗେଇ ଘରଟାସାରା ଝଡ଼ାଝଡ଼ି, ଧୂଆପୋଛା ଦିନରାତି ଚାଲିଛି। କୋଉଠି ଟିକେ ଦାଗ ଲାଗିଲେ ମନୋରମା ଚିଡ଼ି ଉଠୁଛନ୍ତି। ସ୍ୱାମୀ ପଞ୍ଚାନନଙ୍କୁ କଡ଼ା ଚେତାବନୀ ଦିଆଯାଇଛି, ଘର ଯେମିତି ସାମାନ୍ୟ ଟିକେ ବି ଅପରିଷ୍କାର ନହୁଏ ! ପୁଅ, ବୋହୂ, ନାତି ତାଙ୍କର ବିଦେଶରୁ ଆସୁଛନ୍ତି ଚାରିବର୍ଷ ପରେ। ଘର ଭିତରୁ ବାହାରି ଆସିଲେ ମନୋରମା। ତାହାହିଁ ଯଥେଷ୍ଟ ଥିଲା ପଞ୍ଚାନନଙ୍କୁ ଅଟକାଇଦେବା ପାଇଁ ଦରଜା ପାଖରେ। ପ୍ରତିକ୍ରିୟାହୀନ ଓ ଉଦାସ ଦିଶିଲା ତାଙ୍କ ମୁହଁ।

-"କୁଆଡ଼େ ପଶିଆସୁଛ ଏମିତି? କେତେ ଥର କହିଚି, ଜୋତା ବାହାରେ ରଖି ଘର ଭିତରକୁ ଆସିବା ପାଇଁ। ମୋ କଥା ତୁମେ ଶୁଣିଚ ନା, ଶୁଣିବ ? ଏଇ ଟିକିଏ ଆଗରୁ ସବୁ ପରିଷ୍କାର କରି ଯାଇଥିଲି। ମାଟି କେଉଁଠୁ ଆସିଲା?" ମନୋରମାଙ୍କ କଟକଣାରେ ପାଟିଖୋଲି ପଞ୍ଚାନନ କିଛି କହିପାରିଲେନି ସିନା, କିନ୍ତୁ ମନେ ମନେ ବିରକ୍ତ ହେଲେ।

ଅବଶ୍ୟ ପଞ୍ଚାନନ ଜାଣନ୍ତି, ଘରକୁ ବୋହୂ ହୋଇ ଆସିବା ଦିନରୁ ମନୋରମା ଏମିତି। ସେ ଜାଣନ୍ତି ଜୀବନ ବିତାଇବା ପାଇଁ ଆବଶ୍ୟକ ଗୋଟେ ଘର। ଯେଉଁଠି କେହି ଅସନ୍ତୋଷ ପ୍ରକାଶ କରିବେ ନାହିଁ। ଅଳନ୍ଧୁ ଟିକେ ନଥିବ ରୋଷେଇଘରେ। ଖାଇବା ଟେବୁଲ ଉପରେ ରଖାଯିବ ଖାଦ୍ୟ ଓ ପଣିଭରା ଗ୍ଲାସ୍। ଚାରିକାନ୍ଥ ଭିତରେ ରହିବ ନାହିଁ ଶୋଷ, ଭୋକ, ଅନଟନ। ଆଲମିରାରେ ସଜା ହୋଇଥିବ ପୋଷାକପତ୍ର। ଧୂଳି ଲାଗିବ ନାହିଁ ପଢ଼ା ଟେବୁଲରେ। ଠାକୁର ଘରେ ଠାକୁରଙ୍କ ମୁହଁ ଦିଶିବ ପ୍ରସନ୍ନ, ତେଜୋଦୀପ୍ତ। ସକାଳେ ଓ ସନ୍ଧ୍ୟାରେ ଶୁଭିବ ଶଙ୍ଖଧ୍ୱନି, ପ୍ରାର୍ଥନା ଓ ମନ୍ତ୍ରପାଠ। ଯେମିତିକି ଘର ଭିତରେ ସବୁବେଳେ ବିରାଜମାନ କରିଥିବ ପ୍ରାଚୁର୍ଯ୍ୟ, ବିଶ୍ୱାସ ଓ ଭଲପାଇବା।

ସବୁଦିନ ପରି ଆଜିର ସକାଳ ନଥିଲା। ମନୋରମା ଚାରିବର୍ଷ ପରେ ପାଖରେ ପାଇଥିଲେ ତାଙ୍କର ପୁଅ, ବୋହୂ ଆଉ ନାତିକୁ। ତାଙ୍କ ଗୋଡ଼ ଆଉ ତଳେ ଲାଗୁନଥିଲା। ଭଳିକି ଭଳି ରୋଷେଇ ପାଇଁ ବରାଦ ଦେଉଥିଲେ ରାମୁକକାଙ୍କୁ। କେବଳ ସେତିକି ନୁହେଁ, ରୋଷେଇ ଘରେ ରହି ପୁଅ ପସନ୍ଦର କିଛି ଖାଦ୍ୟ ନିଜେ ରାନ୍ଧି ପୁଅକୁ ପରଷୁଥିଲେ। ପୁଣି କେତେବେଳେ ନାତିକୁ କୋଳରେ ଧରି ଗେଲ କରିପକାଉଥିଲେ ତ ଆଉ କେତେବେଳେ ପୁଅର ଚୁଟିକୁ ସାଉଁଳେଇ ଆନନ୍ଦରେ ଗଦ୍‌ଗଦ୍ ହେଉଥିଲେ। ଏ ଦୃଶ୍ୟ ଦେଖି ପଞ୍ଚାନନ ଭାବୁଥିଲେ ଯା' ହେଉ ମନୋରମାଙ୍କ ମାନ୍ଦେଇ ପଡ଼ିଥିବା ଶରୀରରେ ପୂର୍ବ ଫୂର୍ତ୍ତି ଯେମିତି ଫେରିଆସିଛି।

ପରଦିନ ସକାଳେ ଏତେ ଦିନ ପରେ ଆମେରିକାରୁ ଫେରିଥିବାରୁ ପୁଅ ରୁଷଭ ସହ ସୁଜିତ ବାହାରିଗଲା ଗାଁ ଅଭିମୁଖେ, ଉଦ୍ଦେଶ୍ୟ ଥିଲା ଗାଁ ସଂସ୍କୃତି ସହିତ ପୁଅକୁ ପରିଚିତ କରାଇବା। ଗ୍ରାମ ଦେବତୀ, ଗାଁ ନଈପଠା ଦେଖି ଆନନ୍ଦ ବିଭୋର ହେଉଥିଲା ତିନି ବର୍ଷର ଛୋଟ ଛୁଆ ରୁଷଭ। ନଈ କୂଳେ କୂଳେ ଦୁହେଁ ଆଗେଇ ଚାଲିଲେ ନିଜ ଚାଷ ଜମିକୁ। ବାଟରେ ଚାଲିଚାଲି ଯାଉଥିବାବେଳେ ଡାଡି କହୁଥିବା କଥା ସବୁକୁ ମନଦେଇ ଶୁଣୁଥାଏ ରୁଷଭ । ହଠାତ୍ ପୁଅ ରୁଷଭ ଅଟକିଗଲା କ୍ଷେତକୁ ଜଗିଥିବା ପାଳଭୂତ ପାଖରେ ଆଉ ସୁଜିତକୁ ପ୍ରଶ୍ନ କଲା, "ଡାଡି ! ଇଏ ପୁଣି କିଏ ?"

ସୁଜିତ ପୁଅକୁ ବୁଝେଇଦେଲେ – "ଇଏ ପାଳଭୂତ, ଯିଏ ଆମ କ୍ଷେତକୁ ଜଗେ ମାସ ମାସ ଧରି। ତାକୁ ଦେଖି ଭୟରେ ମାଙ୍କଡ଼, ଛେଳି,ଷଣ୍ଢ ଭଳି ଆହୁରି କେତେ ପଶୁ ଆମ କ୍ଷେତକୁ ପଶିପାରନ୍ତି ନାହିଁ, କି ଫସଲ ନଷ୍ଟ କରିପାରନ୍ତି ନାହିଁ।" ରୁଷଭ ବାବାଙ୍କ କଥା ଶୁଣି କ'ଣ ବୁଝିଲା କେଜାଣି ମୁଣ୍ଡ ଟୁଙ୍ଗାରିଲା। ଏମିତି ରୁଷଭର କଅଁଳ ମନରେ ଉଠୁଥିବା କେତେ କେତେ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଲା ସୁଜିତକୁ ଘରେ ଆସି ପହଞ୍ଚିଲା ପର୍ଯ୍ୟନ୍ତ।

ଘରେ ପହଞ୍ଚି ରୁଷଭ ଦେଖିଲା ଜେଜେ ଚୁପ୍‌ଚାପ୍ ବସିଛନ୍ତି ଗେଟ୍ ପାଖରେ ପ୍ଲାଷ୍ଟିକ୍ ଚଉକି ଉପରେ । ପାଖକୁ ଲାଗି ଆସି ରୁଷଭ ପଚାରିଲା – "ଜେଜେ, ତୁମକୁ ଗୋଟେ କଥା କହିବି?"

ପଞ୍ଚାନନ ନାତିର ମୁଣ୍ଡକୁ ଆଉଁଶି କହିଲେ, "କହ କ'ଣ କହିବାକୁ ଚାହୁଁଛୁ?"

ଡଗଡଗ ହୋଇ ରୁଷଭ କହିଲା – "ଜେଜେ! ମୁଁ ଆଜି କ୍ଷେତରେ ପାଳଭୂତ ଦେଖିଲି, ଯିଏ ଆମ ଚାଷ ଜମିକୁ ଜଗିଛି। ମତେ ଗୋଟେ କଥା କୁହ ତ! କାଲିଠାରୁ ମୁଁ ଆସିଲାବେଳୁ ଦେଖୁଛି ତମେ ବହୁତ ସମୟ ଏଇ ଗେଟ୍ ପାଖରେ ଆମ ଘରକୁ ଜଗିକି ବସୁଛ। ତମକୁ ଦେଖି ଆମ ଘର ଭିତରକୁ କୁକୁର, ବିଲେଇ, ଅଜଣା ଲୋକ କେହି ବି ପଶି ପାରୁନାହାନ୍ତି । ସମସ୍ତେ ତମକୁ ଡରୁଛନ୍ତି। ତାହେଲେ ତମେ ଆମ ଘରର ପାଳଭୂତ ନା!"

ନାତିର କଥା ଶୁଣି ତା'ର ମାସୁମ୍ ମୁହଁକୁ ଚାହିଁ କହିଲେ– "ହଁ...ରେ ରିଷି, ଆମେ ଜେଜେମାନେ ଏଇମିତି ଗୋଟେ ଗୋଟେ ପାଳଭୂତ। ପ୍ରତିଘରକୁ ଜଗି ବସି ରହିଛୁ ବର୍ଷ ବର୍ଷ ଧରି।"

ଏକଥା କହିଲା ବେଳକୁ ପଞ୍ଚାନନଙ୍କ ଛାତି ଭିତରଟା କଇଁକଇଁ ହୋଇ କାନ୍ଦି ଉଠୁଥିଲା କେଉଁ ଏକ ଅବ୍ୟକ୍ତ ବେଦନାରେ। ■

ଭୁବନେଶ୍ୱର
ମୋ: ୭୦୦୮୩୪୮୧୭୨

## ପୁସ୍ତକ ପରିଚୟ

### ଯାହା ମୁଁ ହେବାର ଥିଲା

ଗନ୍ତାୟତ ଶିବପ୍ରସାଦ



ଫ୍ରେଣ୍ଡସ୍ ପବ୍ଲିଶର୍ସ
ବିନୋଦବିହାରୀ, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ : ୧୭୦ ଟଙ୍କା

ବିଶିଷ୍ଟ ବ୍ୟଙ୍ଗ ଲେଖକ ଗନ୍ତାୟତ ଶିବପ୍ରସାଦଙ୍କ 'ଯାହା ମୁଁ ହେବାର ଥିଲା' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ସଂକଳିତ ଲେଖାଗୁଡ଼ିକରେ ଶାଣିତ ବ୍ୟଙ୍ଗ ଓ ସାମାଜିକ ବାର୍ତ୍ତା ରହିଛି। 'ଈଶ୍ୱରଙ୍କ ନାମରେ', 'ଘୁଷୁରୀ ଓ ସୌଦାଗର କଥା', 'ବାପାଙ୍କ ପାଇଁ ଏତେ କଥା', 'କେବଳ ଯୁବକଙ୍କ ପାଇଁ', 'ଆତ୍ମା ମାତିଛି', 'ଏକ ସାରସ୍ୱତ ସଙ୍କଟ', 'ସ୍ୱର୍ଗକୁ ଶିଡ଼ି', 'ଅପହୃତ ଯୌବନ', 'କ'ଣ ଖାଇବାକୁ ଭଲ ଲାଗେ', 'ଜଣେ ଲେଖକର ଦୁର୍ଦ୍ଦଶା', 'ଅପରାଧ ହଟିଯିବା ପରେ...' ଆଦି ଲେଖାଗୁଡ଼ିକ ଚମତ୍କାର ହୋଇଛି। 'ସ୍ୱର୍ଗକୁ ଶିଡ଼ି' ଏକ ଚମତ୍କାର ବ୍ୟଙ୍ଗ ରଚନା। ସ୍ୱର୍ଗକୁ ଶିଡ଼ି ପ୍ରସଙ୍ଗ ଉଠିଲେ, ସ୍ୱତଃ ମନକୁ ଆସିଯାଏ ରାବଣର କଥା। କିଭଳି ରାବଣ ସ୍ୱର୍ଗକୁ ନିଶୁଣି କରିବାର ଯୋଜନା କରି ବିଫଳ ହୋଇଥିଲା। ଏହି ରଚନା ମାଧ୍ୟମରେ ଅସମ୍ଭବ ବା ଅବାସ୍ତବ କଥାକୁ ନେଇ ସ୍ୱପ୍ନ ଦେଖିବା କିଭଳି ନିରର୍ଥକ, ତାହା ଲେଖକ ପ୍ରକାରାନ୍ତରରେ ସୂଚାଇ ଦେଇଛନ୍ତି। ସେହିପରି ଜୀବନରେ ଜଣେ ଯାହା ହେବାକୁ ଚାହେଁ, ତାହା ହୋଇପାରେନା, ଯାହା ହୋଇଥାଏ ତାହା କେବେ ଭାବି ନଥିବ। ଏଭଳି ପ୍ରସଙ୍ଗକୁ ନେଇ ରଚିତ ହୋଇଛି 'ଯାହା ମୁଁ ହେବାର ଥିଲା'। ସାଧାରଣ ଜୀବନର ଅନେକ ବାସ୍ତବ ଘଟଣାକୁ ଲେଖକ ବ୍ୟଙ୍ଗାତ୍ମକ ଭଙ୍ଗୀରେ ଅତି ସହଜ ଓ ସରଳ ଭାଷାରେ ପ୍ରକାଶ କରିଛନ୍ତି। ପ୍ରତିଟି ବ୍ୟଙ୍ଗ ରଚନାରେ ଭରି ରହିଛି ସାମାଜିକ ବାର୍ତ୍ତା, ମାନବିକତାର ସ୍ୱର। 'ଯାହା ମୁଁ ହେବାର ଥିଲା' ପୁସ୍ତକରେ ଅନ୍ତର୍ନିହିତ ବାର୍ତ୍ତା ପାଠକମାନଙ୍କୁ ପ୍ରେରଣା ଦେବ ବୋଲି ଆଶା କରାଯାଏ। ■

### ଜାଣେନା କାହା ବାଟ ରହିଛି ଚାହିଁ

କିଶୋର ଆକାଶ



୧୮୮୨, ନୟାପଲ୍ଲୀ,
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ ୧୭୯ ଟଙ୍କା

କଥାକାର କିଶୋର ଆକାଶଙ୍କ 'ଜାଣେନା କାହା ବାଟ ରହିଛି ଚାହିଁ' ଗଳ୍ପ ସଂକଳନ ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୧୪ଟି ଭିନ୍ନ ସ୍ୱାଦର ଗଳ୍ପ ସଂକଳିତ ହୋଇଛି। 'ଅବୁଝା ଚାହାଣି- ଅକୁହା କାହାଣୀ', 'ମୁଠାଏ ମାୟାଛିନ୍ନ ମୁହୂର୍ତ୍ତ', 'ଅସହାୟ ଅନ୍ଧାରର ଆତ୍ମଲିପି', 'ସତୀ ପରୀକ୍ଷା', 'ଗଜ ଉଦ୍ଧାରଣ', 'ଫେରାର ଫଗୁଣ', 'ଅବସୋସ', 'ଚିତ୍ରପଟ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ଉଗ୍ର ଆଧୁନିକ ପତ୍ନୀ, ପୁଅ, ଝିଅ ଓ ଶାଶୁଙ୍କ ମାନସିକ ଅତ୍ୟାଚାରରେ କିଭଳି ଜଣେ ବାପା ଅସହାୟ ଜୀବନ ବଞ୍ଚୁଛି,ଆଉ ଶେଷରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି, ତାହା ପ୍ରତିଫଳିତ ହୋଇଛି 'ବକ୍ରୀ ବନିଯାଉଥିବା ବାପାମାନଙ୍କ ବୃତ୍ତାନ୍ତ' ଗଳ୍ପରେ। 'ମିଠା ମିଠା ମିଛର ମହକ' ଏକ ପ୍ରେମମୂଳକ ଗଳ୍ପ। ଏହି ଗପରେ ଇତିଶ୍ରୀ ଓ ଶ୍ରୀକାନ୍ତଙ୍କ ନିରବ ପ୍ରେମ କାହାଣୀ ବର୍ଣ୍ଣିତ। ଉଭୟେ ପରସ୍ପରକୁ ଭଲ ପାଆନ୍ତି। ଶେଷରେ ପରିସ୍ଥିତିରେ ପଡ଼ି ଇତିଶ୍ରୀ ବିବାହ କରିଛି ସୌମ୍ୟରଞ୍ଜନଙ୍କୁ। ଏହି ବିବାହ କିନ୍ତୁ ଇତିଶ୍ରୀକୁ ଖୁସି କରିପାରିନଥିଲା। ସେପଟେ ଶ୍ରୀକାନ୍ତ ସନ୍ନ୍ୟାସୀ ହୋଇ ଋଷିକେଶରେ ଇତିଶ୍ରୀର ମୂର୍ତ୍ତିଟିଏ ତିଆରି କରି ପୂଜା କରିଛି। ପ୍ରେମ ଓ ତ୍ୟାଗର ଚିତ୍ର ପ୍ରତିଫଳିତ ହୋଇଛି 'ମିଠାମିଠା ମିଛର ମହକ' ଗଳ୍ପରେ । ମଣିଷ ଜୀବନର ନାନାବିଧ ସମସ୍ୟା, ମଣିଷର ଅସହାୟତା, ମାନବୀୟ ଆବେଗ, ସାମାଜିକ ବାସ୍ତବତା ଆଦିକୁ ନେଇ ଏହି ଗପଗୁଡ଼ିକର କାହାଣୀ ଗତିଶୀଳ। ସରଳ ଭାଷା, ନିଆରା ଉପସ୍ଥାପନା ଶୈଳୀ, କାହାଣୀରେ ନୂତନତା ଗଳ୍ପଗୁଡ଼ିକୁ ଅଧିକ ହୃଦୟସ୍ପର୍ଶୀ କରିଛି। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ମିଛ

ଭାରତ ମାଝୀ





ମିଛେ ଢାଙ୍କିଦେଲି ସାରାଟା ସଂସାର
ଖଣ୍ଡ ଖଣ୍ଡ କାଟିଦେଲି ଜିଭ,
ଅନାୟାସରେ ଚିପୁଡ଼ି ଦେଲି
କମଳାଲେମ୍ବୁ ପୃଥିବୀ,
କେମିତି ପାରିଲି, ମନେ ନାଇଁ,
ମୋ ଆଗରେ କୁଆଡ଼େ
ଛଦ୍ମବେଶରେ ଜଗତ
କୁହ, କାଇଁ ?

ଦଦରା ବିଶ୍ୱାସର ଆଧାରରେ
ଟପି ଆସିଲି ଏତେ ବାଟ
ହଟଚମଟ
ଖୋଜିଲି ଗତି, ଗମକ ଚମକରେ
ନିଅ, ଗତି, ମିଳୁଚି ବଜାରରେ।

ମିଛରେ ଢାଙ୍କିଦେଲି ସାରାଟା ସଂସାର
ବଜାରରେ ଠିଆ ହେଇ ଆଡ଼େଇଲି ହୁନ୍ଦର,
ବ୍ୟାଗରେ ଭର୍ତ୍ତି ମୁଁ
ଷାଠିଏ କିଲୋର ଜଞ୍ଜାଳ,
କିଏ ନେବ ହୋ, ଗରାଖ ଈଶ୍ୱର !

ହେ ମୋର ଛଦ୍ମବେଶୀ ପ୍ରେମ,
ରାସ୍ତା ଆଉ ସମୟର ତାରେ ନାରେ ନାନା,
ଏଇ ମିଛ ଟିକେ ଇ ତ ମୋର ସାନ୍ତ୍ୱନା! ■

## ଅନ୍ଧାର

ଚକ୍ରପାଣି ପରିଚ୍ଛା



॥୧॥

ବନ୍ଦକରିଦିଅ ଆକାଶର ସବୁତକ
ଦର୍ଜା ଏବଂ ଝର୍କା
ଫେରିବା ପୂର୍ବରୁ

ଏବଂ କାଟିଦିଅ ସୂର୍ଯ୍ୟର ଡେଣା,
ରକ୍ତରେ ଭିଜୁଥାଉ
ଅନ୍ଧାରର ଦିହ ହାତ

କେହି ଜଣେ
ଖୋଜୁଥାଏ ନିଜ ଜୀବାଶ୍ମ
ଅନ୍ଧାରର ପେଟରାରୁ

ଅନ୍ଧାର ଏବେ ବିସ୍ଥାପିତ
ଅନ୍ଧୁଣୀର ଆଖିରେ।

॥୨॥

ଶୂନ୍ୟରୁ ଖସିପଡ଼ିବାପରେ
ସଂଚରିଯାଏ ଅନ୍ଧାର
ସୂର୍ଯ୍ୟର ଆଖିରେ

ଏବଂ ଫୁଲ ହେଇ ଫୁଟେ
ଶବ୍ଦର

ସେ ଶବ୍ଦରେ ଥାଏ
ଆତୁରତା
ଉଚ୍ଚାଟନ ବି

ଦୁଃଖକୁ ଭୋଗିବା ନେଇ
ସାରାରାତି

ଅନ୍ଧାର
ଅନ୍ଧାରର କୋମଳଗାନ୍ଧାର
ନିଜ ପାଇଁ। ■

ମୋ: ୯୧୭୮୬୪୭୧୩୭

# ଓଡ଼ିଆ ସାହିତ୍ୟରେ ରୀତିକାବ୍ୟ ପରମ୍ପରା

ଡକ୍ଟର ହିମାଦ୍ରି ତନୟା ମିଶ୍ର



ରୀତି ସମ୍ପ୍ରଦାୟର ପ୍ରତିଷ୍ଠାତା ହେଉଛନ୍ତି ଆଚାର୍ଯ୍ୟ ବାମନ। ରୀତିକୁ ଏକ ବିଶେଷ ମହତ୍ତ୍ୱ ଦେବାରେ ତାଙ୍କର ଭୂମିକା ଉଲ୍ଲେଖଯୋଗ୍ୟ। ଆଚାର୍ଯ୍ୟ ବାମନ ରୀତିକୁ କାବ୍ୟର ଆତ୍ମା ଭାବରେ ଗ୍ରହଣ କରିଥିଲେ। ସମସ୍ତ ବିଦ୍ୟା ତଥା ବୁଦ୍ଧିର ମୂଳ ଉତ୍ସ ହେଉଛି ବେଦ। ରସ ଓ ଅଳଙ୍କାର ସଦୃଶ 'ରୀତି'ର ଉଦ୍‌ଗମସ୍ଥଳ 'ବେଦ' ହିଁ କୁହାଯାଇପାରେ, କାରଣ ଏହାର କେତେକ ସ୍ଥାନରେ ରୀତି ଶବ୍ଦର ବହୁଳ ବ୍ୟବହାର ରହିଛି। ଋକ୍‌ବେଦରେ 'ଧାରା' ଅର୍ଥରେ ରୀତି ଶବ୍ଦର ପ୍ରୟୋଗ ହୋଇଛି।

ଅଳଙ୍କାରର ବିକାଶ ସଙ୍ଗେ ସଙ୍ଗେ ରୀତି ସମ୍ପ୍ରଦାୟର ବିକାଶ ହୋଇଥିବା ବିଷୟ ବହୁ ଆଚାର୍ଯ୍ୟ ସ୍ୱୀକାର କରିଛନ୍ତି। ଭରତମୁନି 'ନାଟ୍ୟଶାସ୍ତ୍ର'ରେ ପ୍ରବୃତ୍ତି ଅର୍ଥରେ ରୀତି ଶବ୍ଦର ବ୍ୟବହାର କରିଛନ୍ତି। ଆଚାର୍ଯ୍ୟ ଦଣ୍ଡୀଙ୍କ ସମୟରେ ରୀତି ପରିସର ବ୍ୟାପକ ହୋଇଥିବାର ଜଣାଯାଏ। ସେ ରୀତି ଅର୍ଥରେ 'ମାର୍ଗ' ଶବ୍ଦ ପ୍ରୟୋଗ କରି 'ବୈଦର୍ଭୀ' ଓ 'ଗୌଡ଼ୀ' ନାମକ ଦୁଇଟି ମାର୍ଗର ନିର୍ଦ୍ଦେଶ କରିଛନ୍ତି। ରୀତି ସମ୍ବନ୍ଧରେ ଆଚାର୍ଯ୍ୟ ବାମନ କହିଲେ - 'ବିଶିଷ୍ଟ ପଦରଚନା ରୀତିଃ ।' ଭରତମୁନିଙ୍କ ଗୁଣ ବ୍ୟାଖ୍ୟାଠାରୁ ଆଚାର୍ଯ୍ୟ ଦଣ୍ଡୀଙ୍କର ଗୁଣ ବ୍ୟାଖ୍ୟାରେ ସ୍ୱତନ୍ତ୍ରତା ରହିଛି।

ଆଚାର୍ଯ୍ୟ ଦଣ୍ଡୀ ବୈଦର୍ଭୀ ଓ ଗୌଡ଼ୀ, ଏହି ଦୁଇଟି ରୀତିକୁ ସ୍ୱୀକୃତି ଦେଇଥିବା ବେଳେ ବାମନ ପାଞ୍ଚାଳୀ ନାମକୁ ଅନ୍ୟ ଏକ ରୀତିକୁ ସ୍ଥାନିତ କରି ରୀତିର ସଂଖ୍ୟା ତିନିକୁ ବୃଦ୍ଧି କରାଇଥିଲେ। ଯଥା- 'ବୈଦର୍ଭୀ ଗୌଡ଼ୀୟା ପାଞ୍ଚାଳୀ ଚେତି ।' ବାମନଙ୍କ ପରବର୍ତ୍ତୀ ସମୟରେ ଆଳଙ୍କାରିକ ରୁଦ୍ରଟ ପଦମାନଙ୍କର ସଂଯୋଜନାକୁ ରୀତି ଭାବରେ ଗ୍ରହଣ କରି 'ଲାଟୀ' ନାମକ ଅନ୍ୟ ଏକ ଚତୁର୍ଥ ରୀତିର ଅସ୍ତିତ୍ୱକୁ ସ୍ୱୀକୃତି ଦେଇଥିଲେ।

ଯେଉଁ କାବ୍ୟ ପାଠ କରିବା ସମୟରେ ସହୃଦୟର ଚିତ୍ତବୃତ୍ତି ଶାନ୍ତ ହୋଇଯାଏ, ମନ ଆର୍ଦ୍ର ଓ କୋମଳ ହୋଇଉଠେ, ତାହାହିଁ ମାଧୁର୍ଯ୍ୟ ବା ବୈଦର୍ଭୀ ରୀତି। ଏହା ମାଧୁର୍ଯ୍ୟ ଗୁଣ ବ୍ୟଞ୍ଜକ ବର୍ଣ୍ଣଗୁଡ଼ିକ ଦ୍ୱାରା କୋମଳ, ସମାସହୀନ ବା ଅଳ୍ପ ସମାସଯୁକ୍ତ ରଚନା। ଦୀନକୃଷ୍ଣଙ୍କ 'ରସ କଲ୍ଲୋଳ', କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ପରି ରୀତିଯୁଗୀୟ ଅନ୍ୟାନ୍ୟ କାବ୍ୟ ତଥା 'ପ୍ରେମ ଚିନ୍ତାମଣି', 'କେଳି କଳାନିଧି' ଭଳି ଅନେକ କାବ୍ୟରେ ଏହି ରୀତିର ନିବେଶ ରହିଛି। ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଦୂତୀ ଯୁଗଳଙ୍କ ଅନୁରାଗର କଥୋପକଥନ ଛଳରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ବିପ୍ରଲମ୍ଭ ଶୃଙ୍ଗାର ବର୍ଣ୍ଣନାରେ ଏହି ରୀତିର ଚମତ୍କାରିତା ରହିଛି। 'ସୁଭଦ୍ରା ପରିଣୟ' କାବ୍ୟରେ ସୁଭଦ୍ରାଙ୍କ ପ୍ରତି ଥିବା ପ୍ରେମାସକ୍ତ ଅର୍ଜୁନଙ୍କ ମନରେ ବିଚ୍ଛେଦାବସ୍ଥାରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟା ବୈଦର୍ଭୀ ରୀତିର ଉଦାହରଣରେ ନିଆଯାଇପାରେ। ଯଥା-

'ଶ୍ରୀରାଧା ବାତୁଳୀ ପ୍ରେମରତ୍ନ ତୁଳୀ ଘେନ ଚିହ୍ନାରା ଗ୍ରାହକମାନେ
କୃଷ୍ଣ ଅତି ଦୀନେ ଦୂତିକାକୁ ଦିନେ ପଚାରନ୍ତି କର ଧରି ଛନେ
ପ୍ରାଣ ବନ୍ଧୁ ରୀତି।
କହି ମୋ ଶ୍ରୁତିକି କର ଗତି ।' (ବିଦଗ୍ଧ ଚିନ୍ତାମଣି)

x x x

'ଶୁଣି ମଳା ମୋହ ଲାଗି ଭାଳିବ। ସଲିଳଯେ ନୟନୁ ବାହାରିବ।
ସେ ଜଳକୁ ପାଇ ସ୍ୱର୍ଗେ ବସିବି। ସନ୍ତାନ ତଳେ ସଙ୍ଗ ମନାସିବି ।' (ସୁଭଦ୍ରା ପରିଣୟ)

ଗୌଡ଼ୀ ରୀତି ଦୀର୍ଘ ସମାସଯୁକ୍ତ ଓ ଓଜଃ ଗୁଣ ପ୍ରକାଶକ ବର୍ଣ୍ଣ ଦ୍ୱାରା ଆଡ଼ମ୍ବରପୂର୍ଣ୍ଣ ରଚନା। ମହାପ୍ରାଣ ଅକ୍ଷରରେ ରଚିତ ଅନୁପ୍ରାସ ବହୁଳ, ଅଳ୍ପ ବାକ୍ୟ ଏହି ରୀତିର ବୈଶିଷ୍ଟ୍ୟ। ଏହା ଚିତ୍ତକୁ ଉଦ୍ଦୀପ୍ତ କରିଥାଏ। ପାଠକ ହୃଦୟରେ ଏହା ଉତ୍ସାହ ଓ ଉତ୍ତେଜନା ସୃଷ୍ଟି କରେ। ଏହା ବୀଭତ୍ସ ଓ ରୌଦ୍ର ଭାବରେ ଅଧିକ ପ୍ରତୀତ ହୋଇଥାଏ। ଓଡ଼ିଆ ରୀତିଯୁଗୀୟ କାବ୍ୟର କେତେକ ସ୍ଥାନରେ ଗୌଡ଼ୀ ରୀତିର ଉପଲବ୍ଧି ହୁଏ। 'ମଥୁରାମଙ୍ଗଳ'



କାବ୍ୟର ବାଇଶ ଛାନ୍ଦରେ କୃଷ୍ଣ ଓ ଚାଣୂରର ସମର ବେଳର କଥା ଚିତ୍ର ବୀର ରସର ଅବତାରଣା ଗୌଡ଼ୀ ରୀତି ରହିଛି। ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟର ପଞ୍ଚଷଠି ଛାନ୍ଦରେ ଗୋପ ବାଳକଙ୍କ ଗାଈ ରଖିବାକୁ ଯିବାବେଳେ ଯେଉଁସବୁ ଆଚରଣ କରିଛନ୍ତି, ତାହା ବୀର ରସ ଦ୍ୟୋତକ। ଆଡ଼ମ୍ବରପୂର୍ଣ୍ଣ ଶବ୍ଦ ସଂଯୋଜନା ଏହି ରୀତିର ଉଦାହରଣ।

ସାଧାରଣ ଭାବରେ ଦେଖିଲେ ବୈଦର୍ଭୀ ଓ ଗୌଡ଼ୀ ରୀତିର ମଧ୍ୟବର୍ତ୍ତୀ ରଚନା ହିଁ ପାଞ୍ଚାଳୀ ରୀତି ଜଣାଯାଏ। ଓଜଃ, କାନ୍ତି, ମାଧୁର୍ଯ୍ୟ, ସୌକୁମାର୍ଯ୍ୟ ଗୁଣ ସମ୍ପନ୍ନ ରଚନାବଳୀକୁ ପାଞ୍ଚାଳୀ ରୀତି କୁହାଯାଏ। ପ୍ରସାଦ ଗୁଣ ଏହି ରୀତିର ବୈଶିଷ୍ଟ୍ୟ। ପାଠକର ଚିତ୍ତ ଆମୋଦିତ ଓ ପୁଲକିତ ହୋଇଥାଏ, ଯାହା ପ୍ରସାଦ ଗୁଣଯୁକ୍ତ। ପାଞ୍ଚାଳୀ ରୀତି ସ୍ୱଭାବ ସୁଲଭ ବର୍ଣ୍ଣନା ଓ ଅଳ୍ପ ସମାସଯୁକ୍ତ। ଭକ୍ତ ଚରଣଙ୍କ ରଚିତ 'ମଥୁରାମଙ୍ଗଳ' କାବ୍ୟରେ ଶ୍ରୀକୃଷ୍ଣ ଓ ସଖାମାନଙ୍କ ମଥୁରା କଟକ ପରିଭ୍ରମଣ କଥା ଚିତ୍ର ବର୍ଣ୍ଣନା ବେଳେ ଏହି ପାଞ୍ଚାଳୀ ରୀତିର ଅନୁଭବ ହୁଏ। ଦୀନକୃଷ୍ଣଙ୍କ 'ରସ କଲ୍ଲୋଳ' କାବ୍ୟରେ ଋତୁ ଚିତ୍ର ବର୍ଣ୍ଣନା ଅବକାଶରେ କବି ପାଞ୍ଚାଳୀ ରୀତିର ବର୍ଣ୍ଣନା ଦେଖିବାକୁ ମିଳେ। ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରୁ ବସନ୍ତ ଋତୁ ବର୍ଣ୍ଣନା ପରିପ୍ରେକ୍ଷୀରେ ପାଞ୍ଚାଳୀ ରୀତିର ଉପଲବ୍ଧି ହୁଏ। ଯଥା-

'ମଳୟ ଶିଖରୀ ଶିରୀ ଚୋରି କରି ବହିଲାଣି ମନ୍ଦ ସମୀର
ସୁମନାଙ୍କ ବାସ ଚୋରାଇ ନେବଟି ବୋଲି କହିଲାଣି ଭ୍ରମର ।' (ଲାବଣ୍ୟବତୀ)

ବୈଦର୍ଭୀ ଓ ପାଞ୍ଚାଳୀର ମଧ୍ୟବର୍ତ୍ତୀ ରୀତିକୁ ଲାଟୀ ରୀତି କୁହାଯାଏ। ବିଶ୍ୱନାଥ କବିରାଜଙ୍କ ମତରେ– 'ଲାଟୀ ରୀତି ବୈଦର୍ଭୀ ପାଞ୍ଚାଲ୍ୟୋରନ୍ତରେ ସ୍ଥିତା' ଅର୍ଥାତ୍ ସମାସର ସ୍ୱଳ୍ପତା ଓ କୋମଳ ପଦାବଳୀ ଦ୍ୱାରା ପରିଶୋଭିତ ଲାଟୀ ରୀତି ସହୃଦୟ ପାଠକ ପ୍ରାଣରେ ଆନନ୍ଦ ଭାବ ସୃଷ୍ଟି ହୋଇଥାଏ। ଓଡ଼ିଆ ରୀତିଯୁଗୀୟ କାବ୍ୟର କେତେକ ସ୍ଥଳରେ ଏହି ଲାଟୀ ରୀତିର ପ୍ରୟୋଗ ହୋଇଥାଏ। ଭକ୍ତ ଚରଣଙ୍କ 'ମଥୁରାମଙ୍ଗଳ' କାବ୍ୟରେ ଏହି ରୀତିର ନିବେଶ ଦେଖାଯାଏ। ଶ୍ରୀକୃଷ୍ଣଙ୍କର ମଥୁରା ଗମନ ଜାଣି ଯଶୋଦାଙ୍କର ମାତୃ ହୃଦୟ ବ୍ୟଥାତୁର ହୋଇଛି। ପ୍ରିୟ ପୁତ୍ର ପାଇଁ ମାତୃ ହୃଦୟର ବାତ୍ସଲ୍ୟ ମମତାର ଚମତ୍କାର ବର୍ଣ୍ଣନା କବି କରିଛନ୍ତି। ସେହିପରି ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରେ ଓ ଅଭିମନ୍ୟୁଙ୍କର 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଲାଟୀ ରୀତିର ପ୍ରୟୋଗ ଦେଖାଯାଏ। ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ' କାବ୍ୟରେ ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା ପ୍ରସଙ୍ଗରେ ଲାଟୀ ରୀତିର ପ୍ରୟୋଗ ରହିଛି। ଯଥା-

'ଆରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୁବନ।
କାହା ମୁଖ ଅନାଇ ବଞ୍ଚିବି
ହେବ ଦଶ ଦିଗ ଶୂନ୍ୟ ଅସ୍ଥିର ହେବ ଜୀବନ।
ନିଶି ଦିବସରେ ଝୁରୁଥିବିରେ ।'(ମଥୁରା ମଙ୍ଗଳ)

ଓଡ଼ିଆ ସାହିତ୍ୟରେ ରୀତିକାବ୍ୟ ପରମ୍ପରା ଷୋଡ଼ଶ ଶତାବ୍ଦୀର ଆଦ୍ୟଭାଗରୁ ବିକାଶ ହୋଇଛି। ରୀତିଯୁଗ କାବ୍ୟ ପ୍ରଣୟନ କ୍ଷେତ୍ରରେ ବହୁ ସମୃଦ୍ଧ ଥିଲା। ଷୋଡ଼ଶ ଶତାବ୍ଦୀର ଆଦ୍ୟ ଭାଗରୁ ହିଁ ରୀତି ଶୈଳୀ ଧୀରେ ଧୀରେ ବିକଶିତ ହୋଇ ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ସଦାନନ୍ଦ, ବଳଦେବ, ଅଭିମନ୍ୟୁ, ଯଦୁମଣି ଆଦିଙ୍କ ଲେଖନୀରେ ଚରମ ଉତ୍କର୍ଷ ଲାଭ କରିଅଛି। ଅଳଙ୍କାରର ସୂକ୍ଷ୍ମ ସଂଯୋଜନା, ରସ, ରୀତି, ଧ୍ୱନି, ବକ୍ରୋକ୍ତି ପ୍ରଭୃତିର ସଫଳ ପ୍ରକାଶ, ବର୍ଣ୍ଣନାର ଚମତ୍କାରିତା, କାବ୍ୟିକ ଗଠନ କୌଶଳ ରୀତି ସାହିତ୍ୟକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛି। ସର୍ବଭାରତୀୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ରୀତିଯୁଗ ଅଧିକ ରସଗ୍ରାହୀ କାବ୍ୟ ରଚନାରେ ସକ୍ରିୟ ମନେ ହୋଇଥାଏ। ■

ଓଡ଼ିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର
ଭାରତ ସରକାର, ଭୁବନେଶ୍ୱର- ୯

# ବନ୍ଦ ଆକାଉଣ୍ଟରେ ୯ ଲକ୍ଷର ଋଣ ଉଠାଣ

## ଥାନାରେ ଅଭିଯୋଗ କଲେ ଏସ୍‌ଏଚ୍‌ଜି ସଦସ୍ୟା

**କାମାକ୍ଷାନଗର, ୧୪।୧୨(ସମିସ):** ୭ବର୍ଷ ତଳୁ ବନ୍ଦ ହୋଇଥିବା ୩ଟି ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୯ଲକ୍ଷ ଟଙ୍କାର ଋଣ ଉଠାଣ। ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଅଞ୍ଚଳରେ ୩ଟି ସ୍ୱୟଂସହାୟିକା ଗୋଷ୍ଠୀ ଏପରି ଠକାମିର ଶିକାର ହୋଇଛନ୍ତି। ଏ ସଂପର୍କରେ ସେମାନେ ଥାନାରେ ଅଭିଯୋଗ କରିଛନ୍ତି। ଆକାଉଣ୍ଟ ବନ୍ଦ ହେବା ପରେ କିଏ ଓ କେମିତି ଉକ୍ତ ଆକାଉଣ୍ଟଗୁଡ଼ିକ ଜରିଆରେ ଋଣ ଉଠାଇଲା, ତାହାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ସୂଚନାନୁସାରେ, ତୁମୁସିଙ୍ଗା ଥାନା ଗାଙ୍ଗିଯୋଡି ଗ୍ରାମରେ ମା' ଦୁର୍ଗା, ମା' ସରସ୍ୱତୀ ଓ ମା' ସନ୍ତୋଷୀ ନାମରେ ୩ଟି ମହିଳା ଏସ୍‌ଏଚ୍‌ଜି ଗ୍ରୁପ୍ ଗଠନ ହୋଇଥିଲା। ପ୍ରତି ଗ୍ରୁପ୍‌ରେ ୧୦ଜଣ ଲେଖାଏଁ ସଦସ୍ୟା ରହିଥିଲେ। ୨୦୧୫ ମସିହାରେ ତୁମୁସିଙ୍ଗାରେ ଥିବା ବ୍ୟାଙ୍କ ଅଫ୍ ବରୋଦା ଶାଖାରେ ସେମାନଙ୍କ ଗ୍ରୁପ୍ ନାଁରେ ୩ଟି ପୃଥକ୍ ପୃଥକ୍ ଆକାଉଣ୍ଟ ଖୋଲିଥିଲେ। କିନ୍ତୁ ଦୁଇ ବର୍ଷ ପରେ ଅର୍ଥାତ୍ ୨୦୧୭ରେ କୌଣସି କାରଣରୁ ମହିଳାମାନେ ଆକାଉଣ୍ଟଗୁଡ଼ିକୁ ବନ୍ଦ କରାଇ ଦେଇଥିଲେ। ଏହି ଘଟଣାକୁ ୭ ବର୍ଷ ବିତି ଯାଇଥିବା ବେଳେ ଏବେ ସେମାନଙ୍କ ନିକଟକୁ ବ୍ୟାଙ୍କ ନୋଟିସ୍ ଆସିଛି। ପ୍ରତି ମହିଳା ଗ୍ରୁପ୍ ନାଁରେ ୩ଲକ୍ଷ ଲେଖାଏଁ ଋଣ ଉଠାଣ ହୋଇଥିବା ନୋଟିସ୍‌ରେ ଉଲ୍ଲେଖ ରହିଛି।

# ଅବଶିଷ୍ଟାଂଶ...

## ବିକଶିତ ଭାରତ...

ନାରୀଙ୍କ ନେତୃତ୍ୱରେ ବିକାଶ, ରାଜ୍ୟ ଆଗେଇଲେ ଦେଶର ବିକାଶ ଏବଂ ଏକ ଭାରତ, ଶ୍ରେଷ୍ଠ ଭାରତ ଏହି ସଂକଳ୍ପରେ ସ୍ଥାନ ପାଇଛି।

ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣ ରଖିବା ସହିତ ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସକୁ ନିଶାଣ କରି ବର୍ଷିଥିଲେ। ମୋଦୀ କହିଥିଲେ ଯେ ବିଜେପି ସବୁ ବେଳେ 'ଜୁମଲା' ( ମିଛ କଥା) କହିଆସୁଛି ବୋଲି କଂଗ୍ରେସ ବାରମ୍ବାର ଅଭିଯୋଗ କରିଆସିଛି। କିନ୍ତୁ କଂଗ୍ରେସ ଯେ ଦେଶବାସୀଙ୍କୁ ସବୁଠୁ ଅଧିକ ମିଛ କହି ଆସିଛି ସେନେଇ ଚର୍ଚ୍ଚା କରିବା ଦରକାର। କଂଗ୍ରେସର 'ଗରିବୀ ହଟାଓ' ନାରା ଦେଶର ରାଜନୈତିକ ଇତିହାସରେ ସବୁଠୁ ବଡ଼ ମିଥ୍ୟା। ୧୯୭୧ ଲୋକସଭା ନିର୍ବାଚନ ବେଳେ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ, ଦେଶ ବଚାଓ' ନାରା ଦେଇଥିଲେ। କିନ୍ତୁ ଏହାର ବର୍ଷ ବର୍ଷ ପରେ ମଧ୍ୟ ଏହି ଦଳ ଦେଶରୁ ଗରିବୀ ହଟାଇପାରି ନାହିଁ। କିନ୍ତୁ ଆମ ସରକାର କୋଟି କୋଟି ଗରିବ ଲୋକଙ୍କୁ ଦାରିଦ୍ର୍ୟରୁ ଉପରକୁ ଆଣିବାକୁ କାର୍ଯ୍ୟ କରିଛି ବୋଲି ମୋଦୀ କହିଥିଲେ। ସେ କହିଥିଲେ ଯେ ସମ୍ବିଧାନ ପ୍ରତି କଂଗ୍ରେସର ଆସ୍ଥା ନାହିଁ। ସମ୍ବିଧାନକୁ ଯଦି କେହି ବେଶି କ୍ଷତାକ୍ତ କରିଛି, ତାହା ହେଉଛି କଂଗ୍ରେସ ସରକାର। ନିଜ ସ୍ୱାର୍ଥକୁ ସୁହାଇବା ଲାଗି କଂଗ୍ରେସ ସରକାର ଅମଳରେ ସମ୍ବିଧାନ ।।ରେ ୭୫ଥର ସଂଶୋଧନ କରାଯାଇଛି। ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଜାରି କରାଯାଇଥିବା ଜରୁରୀ ପରିସ୍ଥିତି ଥିଲା ସମ୍ବିଧାନ ଉପରେ ସବୁଠାରୁ ବଡ଼ ଆକ୍ରମଣ। ରାହୁଲଙ୍କ ନାମ ନନେଇ ପ୍ରଧାନମନ୍ତ୍ରୀ କହିଲେ ଯେ ୟୁପିଏ ସରକାରରେ ଆସିଥିବା ଅଧ୍ୟାଦେଶର କପିକୁ ସାଧାରଣରେ ଚିରି ଏହାର ଅପମାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ କହିଲେ ଯେ ୧୯୪୯ରେ ଗୃହୀତ ହେବା ଦିନଠାରୁ ଭାରତର ସମ୍ବିଧାନର ଯାତ୍ରା ଏବଂ ଭାରତର ଗଣତନ୍ତ୍ର ବିଶ୍ୱବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଅନ୍ୟମାନଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହୋଇଥିବାରୁ ଭାରତକୁ ଗଣତନ୍ତ୍ରର ଜନକ ବୋଲି କୁହାଯାଉଛି। ଆମେ କେବଳ ବୃହତ୍ ଗଣତନ୍ତ୍ର ନୁହେଁ, ଗଣତନ୍ତ୍ରର ଜନକ ମଧ୍ୟ।

## ସରକାର ଯୁବପିଢ଼ିଙ୍କ...

ମନୁସ୍ମୃତି। ଏହି ଗ୍ରନ୍ଥକୁ ଆଧାର କରି ପ୍ରାଚୀନ ଭାରତରେ ସଂସ୍କୃତି ଠାରୁ ଆରମ୍ଭ କରି ପରାମ୍ପରା, ସାମାଜିକ ଚଳଣି ଏବଂ ପ୍ରଥା ଆଦି ରହିଆସିଛି। ତେଣୁ ପ୍ରତ୍ୟେକ ହିନ୍ଦୁଙ୍କ ପାଇଁ ମନୁସ୍ମୃତି ହିଁ ଧାର୍ମିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ମହତ୍ତ୍ୱ ବହନ କରେ। ଏହି ଗ୍ରନ୍ଥ ହିଁ ଆଜି ଭାରତୀୟ ସମାଜ ପାଇଁ ଆଇନ ଭଳି କାର୍ଯ୍ୟ କରିବ' ବୋଲି ସବରକର୍ କହିଥିଲା ବେଳେ ଏହାକୁ ରାହୁଲ ଗୃହରେ ପାଠ କରିବା ସହିତ ବିଜେପି କିଭଳି ସମ୍ବିଧାନକୁ ପାଳନ କରୁଛି ବୋଲି ପ୍ରଶ୍ନ କରିଥିଲେ। ରାହୁଲ ଗୋଟିଏ ହାତରେ ସମ୍ବିଧାନ ପୁସ୍ତିକା ଏବଂ ଅନ୍ୟ ହାତରେ ମନୁସ୍ମୃତି ଗ୍ରନ୍ଥ ଧରି ଶାସକ ସଦସ୍ୟମାନଙ୍କୁ ପ୍ରଶ୍ନ କରି କହିଥିଲେ ଯେ, ଆଜି ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ପାଳନ କରାଯିବା ସହିତ ଏହା ଉପରେ ଆଲୋଚନା କରାଯାଉଛି। ବିଜେପି ସମ୍ବିଧାନକୁ ନେଇ ଗର୍ବ କରିବା ସହିତ ପ୍ରଶଂସା କରୁଛନ୍ତି। କିନ୍ତୁ ହିନ୍ଦୁତ୍ୱର ଆଦର୍ଶ ପୁରୁଷ ସବରକର ସମ୍ବିଧାନକୁ ନେଇ ଏସବୁ ଯାହା କହିଛନ୍ତି ତାହାକୁ ବିଜେପି କିଭଳି ଗ୍ରହଣ କରୁଛି ବୋଲି ପ୍ରଶ୍ନ କରିଥିଲେ। ବିଜେପି ସମ୍ବିଧାନକୁ ପ୍ରଶଂସା କରି ପରୋକ୍ଷରେ ସବରକରଙ୍କୁ ଅପମାନିତ କରୁନାହିଁ କି ବୋଲି କଟାକ୍ଷ କରି କହିଥିଲେ।

ଏହାବ୍ୟତୀତ ରାହୁଲ ଗୃହରେ ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟ ଉପାଖ୍ୟାନ ଶୁଣାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଦ୍ରୋଣାଚାର୍ଯ୍ୟ ନିଜ ଶିଷ୍ୟ ଏକଲବ୍ୟଙ୍କ ଠାରୁ ଗୁରୁ ଦକ୍ଷିଣା ନେବା ଉଦ୍ଦେଶ୍ୟରେ ଯେଭଳି ତାଙ୍କ ଅଙ୍ଗୁଳି କାଟିଥିଲେ ଆଜି ବିଜେପି ନେତୃତ୍ୱ କେନ୍ଦ୍ର ସରକାର ଯୁବପିଢିଙ୍କ ଅଙ୍ଗୁଳି କାଟିବାରେ ଲାଗିଛନ୍ତି। ଅଗ୍ନିବୀର ଯୋଜନାରେ ସରକାର ଯୁବକମାନଙ୍କ ଅଙ୍ଗୁଳି କାଟୁଥିଲା ବେଳେ ଆଦାନୀ ଗ୍ରୁପ୍ ହାତରେ ଦେଶର ସବୁ ଶିଳ୍ପ, ବନ୍ଦର ,ବିମାନ ବନ୍ଦର ଏବଂ କାରବାର ଟେକି ଦେଇ ଚାଷୀଙ୍କ ଠାରୁ ଆରମ୍ଭ କରି କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ମଧ୍ୟ ନିରାଶ କରିଛନ୍ତି। କିନ୍ତୁ ରାହୁଲଙ୍କ ଏଭଳି ପ୍ରଶ୍ନକୁ ନେଇ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କଂଗ୍ରେସ ଉପରେ ବର୍ଷିବା ସହିତ କହିଥିଲେ ଯେ, ଆପଣ ଅଙ୍ଗୁଳି କାଟିବା କଥା କହୁଛନ୍ତି। କିନ୍ତୁ ଆପଣଙ୍କ ସରକାର ସମୟରେ ଶିଖ ଭାଇମାନଙ୍କ ଗଳା କାଟି ଦିଆଯାଇଥିଲା। ଏଥିପାଇଁ ଆପଣ ଦେଶବାସୀଙ୍କୁ କ୍ଷମା ମାଗିବା ଉଚିତ।

## ନ୍ୟାୟ ଅପେକ୍ଷାରେ...

ଅପରପକ୍ଷେ ଓଡ଼ିଶାକୁ ଆସୁଥିବା ପାଣି ଜଳସେଚନ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ତଳମୁଣ୍ଡରେ ପାଣି ପହଞ୍ଚୁ ନାହିଁ। ଚାଷୀ ଚାଷ ପାଇଁ ପାଣି ପାଉନାହାନ୍ତି। ଏହା ଏକ ରାଜନୈତିକ ସମସ୍ୟା ନୁହେଁ, ରାଜ୍ୟର ସାଧାରଣ ଲୋକଙ୍କ ସମସ୍ୟା। ଆଗାମୀ ଦିନରେ ରାଜ୍ୟରେ ପାଣି ସମସ୍ୟା ଆହୁରି ଭୟଙ୍କର ହେବ। ରାଜ୍ୟ ସରକାର ତୁରନ୍ତ ମାମଲାରେ ହସ୍ତକ୍ଷେପ କରି ଜଳ କମିଶନ ଗଠନ କରନ୍ତୁ ବୋଲି ସେ ଦାବି କରିଛନ୍ତି। ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ମହାନଦୀର ପ୍ରବେଶ ପଥ ଶୁଖାସୋଡ଼ା ସମ୍ପୂର୍ଣ୍ଣ ଭାବେ ଶୁଖିଯାଇଛି। ଅତୀତରେ ବାରମ୍ବାର ବିଜେଡି ଏନେଇ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି। ମାତ୍ର କୌଣସି ସମାଧାନ କରାଯାଇ ନାହିଁ। ଯେତେବେଳେ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ବିଜେପିର ଟ୍ରିପଲ୍ ଇଞ୍ଜିନ ସରକାର ଗଠନ ହେଲା, ଆମେ ଏହାର ତ୍ୱରିତ୍ ସମାଧାନ ଆଶା କରୁଥିଲୁ। ମାତ୍ର ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ପରିବର୍ତ୍ତନ ହେଲେ। ବିଚାର ପ୍ରକ୍ରିୟା ପୁଣିଥରେ ମୂଳରୁ ଆରମ୍ଭ ହୋଇପାରେ। ଯାହାଫଳରେ ପ୍ରକ୍ରିୟା ଆହୁରି ବିଳମ୍ବ ହେବ। କେବେ ଏହାର ସମାଧାନ ହେବ ତାହା କାହାକୁ ଜଣାନଥିବା ବେଳେ, ସମାଧାନ ହେବା ବେଳକୁ ମହାନଦୀ ମରୁଭୂମିରେ ପରିଣତ ହୋଇ ସାରିଥିବ। ଏହାର ଦାରୁଣ ଏବଂ ସାଂଘାତିକ ପରିଣତି ଓଡ଼ିଶା ଭୋଗିପାରେ ବୋଲି ସେ ମତପ୍ରକାଶ କରିଛନ୍ତି।

ଅପରପକ୍ଷେ ମହାନଦୀ ବଞ୍ଚାଅ, ଓଡ଼ିଶା ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ମହାନଦୀ ଜଳବିବାଦ ମାମଲାରେ କେନ୍ଦ୍ର ସରକାର ଆରମ୍ଭରୁ ନିଜ ଦାୟିତ୍ୱ ନିର୍ବାହ କରିନାହାନ୍ତି। ଯାହାଫଳରେ ବିଗତ କିଛି ବର୍ଷ ଧରି ଓଡ଼ିଶା ପ୍ରବଳ କ୍ଷତି ସହି ଆସୁଛି। ଟ୍ରିବ୍ୟୁନାଲରେ ତାରିଖ ପରେ ତାରିଖ ଗଡ଼ି ଚାଲିଥିବା ବେଳେ ଏବେ ନୂଆ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଗଲା। ଆମର ଆଶଙ୍କା ମହାନଦୀର ଦଶା କାବେରୀ ଜଳବିବାଦ ପରି ନ ହେଉ। ନୂଆ ଅଧ୍ୟକ୍ଷ ପୂର୍ବ ତ୍ରୁଟି ସଂଶୋଧନ କରି ଅନ୍ତତଃପକ୍ଷେ ତ୍ୱରିତ୍ ଅନ୍ତରୀଣ ରାୟ ପ୍ରଦାନ କରନ୍ତୁ। ନ ହେଲେ ବିଳମ୍ବିତ ରାୟ ଦ୍ୱାରା ଓଡ଼ିଶା ସର୍ବାଧିକ କ୍ଷତିଗ୍ରସ୍ତ ହେବ ବୋଲି ସେ ମତ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଛତିଶଗଡ଼ ସହ ଜଳବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କେନ୍ଦ୍ର ସରକାର ୨୦୧୮ ମାର୍ଚ୍ଚ ୧୨ତାରିଖରେ ଜଷ୍ଟିସ ଏ. ଏମ୍ ଖାନୱାଲିକରଙ୍କ ଅଧ୍ୟକ୍ଷତାରେ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଶେଷଥର ପାଇଁ ଟ୍ରିବ୍ୟୁନାଲରେ ଶୁଣାଣି ଗତ ଫେବ୍ରୁଆରୀ ୨୨ତାରିଖରେ ହୋଇଥିଲା।

## ଆଡଭାନୀ ଅସୁସ୍ଥ...

ଭର୍ତ୍ତି କରାଯାଇଛି। ଆପୋଲୋ ହସ୍ପିଟାଲର ସ୍ନାୟୁ ବିଭାଗର ବରିଷ୍ଠ ଡାକ୍ତର ବିନୀତ ସୂରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଥିଲା ବେଳେ ଏବେ ତାଙ୍କ ଅବସ୍ଥା ସ୍ଥିର ରହିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ମାସରୁ ବର୍ତ୍ତମାନ ସୁଦ୍ଧା ଆଡ଼ଭାନୀଙ୍କୁ ୪ ଥର ହସ୍ପିଟାଲରେ ଭର୍ତ୍ତି କରାଗଲାଣି।

## ଆଇଏଏସ୍ ବିଷ୍ଣୁପଦଙ୍କୁ...

କେଉଁଆଡ଼େ ଯାଉଥିଲେ, ସେ ସମ୍ପର୍କରେ ସିବିଆଇ ଡ୍ରାଇଭରମାନଙ୍କୁ ପଚରାଉଚରା କରିଛି।

ମିଳିଥିବା ସୂଚନା ଅନୁସାରେ ବିଷ୍ଣୁପଦ ସେଠୀଙ୍କୁ ନୂଆପଲ୍ଲୀସ୍ଥିତ କାର୍ଯ୍ୟାଳୟରେ ହାଜର ହେବାକୁ ସିବିଆଇ ଗତ ୧୦ ତାରିଖରେ ନୋଟିସ ପଠାଇଛି। ଭୁବନେଶ୍ୱରରେ ଟେଣ୍ଡର ଫିକ୍ସିଂ ଓ ୧୦ଲକ୍ଷ ଟଙ୍କା କାରବାର ମାମଲାରେ ତିନି ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଓ ଏ ମାମଲା ସମ୍ପର୍କରେ ବିଷ୍ଣୁପଦ ସେଠୀଙ୍କ ନିକଟରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିବା ଉଲ୍ଲେଖ କରି ତଦନ୍ତରେ ସହଯୋଗ କରିବାକୁ ସିବିଆଇ ନୋଟିସରେ ଉଲ୍ଲେଖ କରିଛି। ଅନୁରୂପ ଭାବେ ବିଷ୍ଣୁପଦ ବ୍ୟବହାର କରୁଥିବା ସରକାରୀ ଗାଡ଼ିଗୁଡ଼ିକର ୩ ଡ୍ରାଇଭରଙ୍କୁ ମଧ୍ୟ ହାଜର ସମନ ଦିଆଯାଇଛି । ସେମାନଙ୍କ ମଧ୍ୟରୁ ନୃସିଂହ ଶତପଥି ଏବଂ ତୁଷାର ନାମକ ଡ୍ରାଇଭର ଶନିବାର ସିବିଆଇରେ ହାଜର ହୋଇଛନ୍ତି। ଅନ୍ୟ ଜଣଙ୍କୁ ସମନ ହୋଇଥିଲେ ବି ସେ ହାଜର ହୋଇନାହାନ୍ତି। ହାଜର ହୋଇଥିବା ଦୁଇ ଜଣଙ୍କଠାରୁ ବିଷ୍ଣୁପଦଙ୍କ ଦିନତମାମର ରୁଟିନ୍ ସମ୍ପର୍କରେ ପଚାରିଛନ୍ତି ସିବିଆଇ ଅଧିକାରୀ। ଏହାବ୍ୟତୀତ ବିଷ୍ଣୁପଦଙ୍କ ଘରେ ସିସିଟିଭି ଲାଗିଛି କି ନାହିଁ, ସେ କୁଆଡ଼େ ଯାତାୟତ କରନ୍ତି, କେତେଜଣ ଡ୍ରାଇଭର ଅଛନ୍ତି, ସରକାରୀ ଗାଡ଼ି ଭିନ୍ନ ସେ ଅନ୍ୟ କେଉଁ ଗାଡ଼ି ବ୍ୟବହାର କରନ୍ତି ଆଦି ସିବିଆଇ ପଚାରିଥିବା ଜଣାପଡ଼ିଛି।

ସିବିଆଇ କାର୍ଯ୍ୟାଳୟରୁ ବାହାରିବା ପରେ ଡ୍ରାଇଭର ତୁଷାର କହିଛନ୍ତି ଯେ ତାଙ୍କ ସହ ସିବିଆଇ ଅନ୍ୟ ଦୁଇ ଡ୍ରାଇଭରଙ୍କୁ ଜେରା କରିଛି। ସିବିଆଇ ଯାହା ପଚାରିଥିଲା, ସେ ସବୁ କଥା କହିଛନ୍ତି । ଏହାସହ ବାବୁ (ବିଷ୍ଣୁପଦ) ଅନ୍ୟ ମାନଙ୍କ ଗାଡ଼ିରେ ବି ଯିବା ଆସିବା କରନ୍ତି। ବିଷ୍ଣୁପଦଙ୍କ ଅନ୍ୟଜଣେ ଡ୍ରାଇଭର ନୃସିଂହ କହିଛନ୍ତି ଯେ, ସେ ଏସସି ଏସଟି ବିଭାଗରେ କାମ କରନ୍ତି। ସିବିଆଇ ଯାହା ପଚାରିଲେ ତାହାର ଉତ୍ତର ଦେଇଛି। ବିଷ୍ଣୁପଦ ଘରୁ ବାହାରି କୁଆଡେ କୁଆଡେ ଯାଉଥିଲେ ତାହା ସିବିଆଇ ପଚାରିଥିଲା। ୭ ତାରିଖ ସନ୍ଧ୍ୟା ସମୟରେ ବିଷ୍ଣୁପଦ କେଉଁଠି ଥିଲେ ସେ ନେଇ ଜାଣିବାକୁ ଚାହିଁଥିଲା । ସେଦିନ ସନ୍ଧ୍ୟା ୭ ଟାରେ ବିଷ୍ଣୁପଦଙ୍କୁ ଘରେ ସେ ଘରେ ଛାଡ଼ିଥିଲେ ଓ ଏହାପରେ ସେ କୁଆଡେ ଯାଇଥିବେ ମୁଁ ଜାଣିନି ବୋଲି ସିବିଆଇକୁ କହିଥିବା ନୃସିଂହ ସୂଚନା ଦେଇଛନ୍ତି । ବିଷ୍ଣୁପଦ ସାରଙ୍କର ତିନି ଜଣ ଡ୍ରାଇଭର ଅଛନ୍ତି। ମୁଁ ଦିନ ଦୁଇଟା ପର୍ଯ୍ୟନ୍ତ ସାରଙ୍କୁ ନେବା ଆଣିବା କରେ। ପରେ ଡ୍ରାଇଭର ତୁଷାର ନେବା ଆଣିବା କରେ। ଆଉ ଜଣେ ଡ୍ରାଇଭର ରାମ ମଧ୍ୟ ଅଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ସିବିଆଇର ସମନ ନେଇ ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀ ମୁହଁ ଖୋଲି ନାହାନ୍ତି। ଅନ୍ୟପକ୍ଷରେ ସିବିଆଇ ଆଜି ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀର ସମସ୍ତ ଦସ୍ତାବିଜ ଜବତ କରିଛି। ଗୋଟିଏ ବ୍ୟାଗ ଭର୍ତ୍ତି ଦସ୍ତାବିଜ ଅଧିକାରୀମାନେ ସିବିଆଇ ଅଫିସକୁ ଆଣିଛନ୍ତି।






## ଭଦ୍ରକରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୬୨୩ଟି ମାମଲାର ଆପୋଷ ସମାଧାନ

● ୫.୫୯ କୋଟି ଟଙ୍କା ଜରିମାନା ଆଦାୟ

**ଭଦ୍ରକ, ୧୪।୧୨(ସମିସ):** ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୫, ୫୯, ୭୫, ୫୪୪ ଟଙ୍କାରେ ୧୬୨୩ଟି ମକଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟରଯାନ ଦୁର୍ଘଟଣା ଦାବି, ଟ୍ରିବୁନାଲର ବିଚାରାଧୀନ ୪୩ଟି ମାମଲାର ୨, ୮୨, ୯୩, ୪୦୦ ଟଙ୍କାରେ; ୨ଟି ବୈବାହିକ ବିବାଦ, ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୧୪୪ଟି ବ୍ୟାଙ୍କ ଋଣ ମାମଲା ୨୭, ୨୪, ୮୭୬ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ୍‌ର ଟେଲିଫୋନ୍ ବିଲ ସମ୍ବନ୍ଧୀୟ ଏବଂ ବିଦ୍ୟୁତ ମାମଲା ୯୧ଟି ୧୩, ୦୩, ୮୩୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଛି।



## ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ବ୍ଲକସ୍ତରୀୟ ଆଲୋଚନା

**ବନ୍ତ/ଆଗରପଡ଼ା, ୧୪।୧୨(ସମିସ):** ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ସମସ୍ତ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ଦ୍ୱାଦଶତମ ବ୍ଲକସ୍ତରୀୟ ମାସିକ ଆଲୋଚନା ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଆରସିସି ହରେକୃଷ୍ଣ ଆପଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ ଯୋଗଦାନ କରି ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ ରାଉଳ ଅତିଥି ପରିଚୟ ଦେବାସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍କର୍ଷ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅଲଉଡି ହାଇସ୍କୁଲର ନୃସିଂହ ସାହୁ, ଆକାଂକ୍ଷୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ଟିଲୋ ହାଇସ୍କୁଲର ରିତାରାଣୀ ଦେ, ଖାନ ଏକାଡେମୀ ଗଣିତ ଦକ୍ଷତା ବୃଦ୍ଧି ସମ୍ବନ୍ଧରେ ବାଲିପୋଖରୀ ହାଇସ୍କୁଲର ପ୍ରଶାନ୍ତ ସାହୁ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବନ୍ଧରେ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲର ଅଜିତ ରାଉଳ, ଦଶମ ଶ୍ରେଣୀ ପରୀକ୍ଷାରେ ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ରିପୋର୍ଟ ସମ୍ବନ୍ଧରେ ନିଳୋକ ହାଇସ୍କୁଲର ଦୁର୍ଯ୍ୟୋଧନ ଯେନା, ଏସଆଇଓଏସ ଶ୍ରେଣୀ ପରିଚାଳନା ସମ୍ବନ୍ଧରେ ବନ୍ତ ହାଇସ୍କୁଲର ଉତ୍ତମ ଦତ୍ତ ପ୍ରମୁଖ ପ୍ରଧାନଶିକ୍ଷକ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

## ଯୁବ ନେତୃତ୍ୱ ଶିବିର ଉଦ୍‌ଘାଟିତ

**ଅସୁରାଳି, ୧୪।୧୨(ସମିସ):** ଧାମନଗର ବ୍ଲକ କୋଠାରସ୍ଥିତ ମା' ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଂଯୋଜନାରେ, ଜିଲ୍ଲାସ୍ତରୀୟ ଯୁବନେତୃତ୍ୱ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ବରେଣ୍ୟ ଅତିଥି ଭାବେ ଲାୟନ୍ସ କ୍ଲବ ଭଦ୍ରକର ଡିଷ୍ଟ୍ରିଟ ଗଭର୍ଣ୍ଣର ପ୍ରଲମ୍ବ ଜେନା, ମୁଖ୍ୟବକ୍ତା ଭାବେ ଲାୟନ୍ସ କ୍ଲବ ଭଦ୍ରକର ପ୍ରାକ୍ତନ ଡିଷ୍ଟ୍ରିଟ ଗଭର୍ଣ୍ଣର ପ୍ରହ୍ଲାଦ ମହାନ୍ତି, ସମ୍ମାନିତ ଅତିଥିଭାବେ ଏନଏସଏସ ଅଧିକାରୀ ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ, ସାରଦାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ରାଉତ ଯୋଗଦେଇଥିଲେ। ସେହିପରି ଭାବେ ସଭାର ଦ୍ୱିତୀୟ ଅର୍ଦ୍ଧରେ ମୁଖ୍ୟଅତିଥି ଭାବେ ଡ. ଇମ୍ରାନ ଅଲ୍ଲୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଶ୍ରଦ୍ଧା ସୁମନ ଧଳ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଦୀପ୍ତିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଲୋକେଶ ପଣ୍ଡା।

## ୫୫ ୟୁନିଟ୍ ରକ୍ତ ସଂଗୃହୀତ

**ତିହିଡ଼ି, ୧୪।୧୨(ସମିସ):** ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓ ଜାତୀୟ ସେବା ସଂଗଠନ ଦ୍ୱାରା ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଭଦ୍ରକ ରକ୍ତ ଭଣ୍ଡାର ଅଧିକାରୀଙ୍କ ଉପସ୍ଥିତିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦେବେନ୍ଦ୍ରପ୍ରସାଦ ସାମଲ ଉଦଘାଟନ କରିଥିଲେ। ମୋଟ ୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜୀବନାନନ୍ଦ ପାଣିଗ୍ରାହୀ, ଡ. ବଂଶୀଧର ବେହେରା, ଯୁବ ରେଡକ୍ରସ କାଉନ୍ସେଲର ଅଧ୍ୟାପକ ଅଶୋକ କୁମାର ଗୋଛାୟତ, ରବିନାରାୟଣ କରଣ, ସମର ମାଝୀ, ସୂର୍ଯ୍ୟକୁମାର ବାରିକ, ଅରୂପାନନ୍ଦ ମଲିକ, ବିଦ୍ୟାଧର ଭୋଇ, ବିଜୟ ପଣ୍ଡା, ନିରୁପମା ସାହୁ ପ୍ରମୁଖ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନେ ରକ୍ତଦାନ କରିଥିଲେ। ଅଧ୍ୟାପକ ରମେଶ ପ୍ରତାପ, ଦେବେନ୍ଦ୍ର ଉଦଗାତା, ନାରାୟଣ ପୃଷ୍ଟି, ସଂଘମିତ୍ରା ବେହେରା, ତନୁଜା ପଣ୍ଡା, ଜାମ୍ବବତୀ ସାହୁ, ରଜନୀଗନ୍ଧା ବିଶ୍ୱାଳ, ସୁକାନ୍ତ ମହାପାତ୍ର, ଅଣାକାର ପାତ୍ର, ମାଳଚନ୍ଦ୍ର ପରିଡ଼ା, ରଣଜିତ ମଲିକ ପ୍ରମୁଖ ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ଶିବିର ପରିଚାଳନା କରିଥିଲେ।

## କଳିଙ୍ଗ କମ୍ପ୍ୟୁଟର୍ସ ପକ୍ଷରୁ ଯୋଗ ଶିବିର



**ବନ୍ତ/ଆଗରପଡ଼ା, ୧୪।୧୨(ସମିସ):** ପ୍ରାପ୍ତନ ସେନା କର୍ମଚାରୀ ପତଞ୍ଜଳି ଯୋଗପୀଠର ଶିକ୍ଷାର୍ଥୀ ତଥା ଭଦ୍ରକ ଜିଲ୍ଲା ଯୋଗ ପ୍ରଚାରକ ଧରଣୀଧର କରଙ୍କ ନେତୃତ୍ୱରେ ଆଗରପଡ଼ା ସ୍ଥିତ କଳିଙ୍ଗ କମ୍ପ୍ୟୁଟର୍ସ ପରିସରରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେଇ ଦ୍ୱିତୀୟ ଥର ପାଇଁ ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଯୁବ ସମାଜସେବୀ ମନ୍ମଥ ଦାଶ ଉଦ୍‌ଘାଟନ କରିଥିବା ବେଳେ କଳିଙ୍ଗ କମ୍ପ୍ୟୁଟର୍ସ ନିର୍ଦ୍ଦେଶକ ବିନୋଦ ଧଳ ସାମନ୍ତ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ନିର୍ଦ୍ଦେଶିକା ମୋନାଲିସା ମହାନ୍ତିଙ୍କ ସମେତ ଛାତ୍ରଛାତ୍ରୀ ଜୀବନଜ୍ୟୋତି ନାଥ, ଭାନୁମତି ପାତ୍ର ଓ ଚିନ୍ମୟୀ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ



**ଭଦ୍ରକ, ୧୪।୧୨(ସମିସ):** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭଦ୍ରକରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୬୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟ ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମାବତୀ ଦ୍ୱିବେଦୀ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ପ୍ରତିଷ୍ଠିତ ଛାତ୍ରଛାତ୍ରୀ ଏବଂ ପୁରାତନ ଶିକ୍ଷକମାନଙ୍କୁ ଆମନ୍ତ୍ରିତ ତଥା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ଶିକ୍ଷୟିତ୍ରୀ ସୁରେନ୍ଦ୍ର କୁମାର ରାଉତ, ଧରଣୀଧର ପରିଡ଼ା, ନରେଶ କୁମାର, ଛାଗନଲାଲ ଗୁରଜର, ନରେଶ କୁମାର ସାଇନି, ସୁକାନ୍ତି ମିଶ୍ର ମନୋଜ କୁମାର ଆଦି ଶିକ୍ଷକଗଣ ଯୋଗ ଦେଇ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇଥିଲେ।

## ଅନାଥ ଯୁବତୀର ବୈଦୀକ ରୀତିରେ ବିବାହ ସମ୍ପନ୍ନ



**ଭଦ୍ରକ, ୧୪।୧୨(ସମିସ):** ୨୦୧୭ ମସିହାରେ ବେସାହାରା ହୋଇ ରାସ୍ତା କଡ଼ରେ ବୁଲୁଥିବା ବେଳେ ଭଦ୍ରକ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜଣେ ଯୁବତୀଙ୍କୁ ଉଦ୍ଧାର କରି ନୁହାସ ଶକ୍ତି ମିଶନ ପ୍ରକଳ୍ପରେ ଥଇଥାନ କରିଥିଲେ। ଆଜି ସେହି ଯୁବତୀ ନୟନାଙ୍କ ବାହାଘର ସମ୍ପୂର୍ଣ୍ଣ ହୋଇଛି। ନୟନାଙ୍କ ନା ଅଛି କୌଣସି ଠିକଣା ନା ଅଛି ବାପା ମା'। ବେସାହାରା ଅନାଥ ଝିଅ ନୟନାଙ୍କୁ ସ୍ତ୍ରୀ ରୂପରେ ଗ୍ରହଣ କଲେ ବାସୁଦେବପୁର ବ୍ଲକ ବିନାୟକପୁର ନିବାସୀ ନାରଣ ପଣ୍ଡା। ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ ଦ୍ୱାରା ପରିଚାଳିତ 'ନୁହାସ' ପକ୍ଷରୁ ଆୟୋଜିତ ହୋଇଥିଲା ବିବାହ ଉତ୍ସବ। ଏହି ବିବାହ ଉତ୍ସବରେ ପୁଅ ନାରଣ ପଣ୍ଡାଙ୍କ ଘର ପରିବାର ସମେତ ବନ୍ଧୁବାନ୍ଧବ ତଥା ସମ୍ପର୍କୀୟମାନେ ଯୋଗ ଦେଇଥିଲେ। ବରଯାତ୍ରୀଙ୍କୁ ସେବା ସଂଘ ତରଫରୁ ସ୍ୱାଗତ କରି ବରବେଦୀକୁ ନେଇଥିଲେ। ବାହାଘର ସରିବା ପରେ ଏକ ଭୋଜିର ମଧ୍ୟ ଆୟୋଜନ କରାଯାଇଥିଲା। ସେବା ସଂଘର ନିର୍ଦ୍ଦେଶକ ଗଣେଶ ଚନ୍ଦ୍ର ଦୀକ୍ଷିତ ଏବଂ ପ୍ରକଳ୍ପର ମୁଖ୍ୟ ଉଷାରାଣୀ ବେହେରାଙ୍କ ସହାୟତାରେ ବିବାହଟି ବୈଦିକ ରୀତିରେ ଶେଷ ହୋଇଥିଲା। ପ୍ରଶାସନିକ ଅଧିକାରୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମେତ ଅନେକ ପଦାଧିକାରୀ ଉପସ୍ଥିତ ରହି ଉତ୍ସାହ କରିଥିଲେ।

## ଶ୍ରୀମଦ୍ ଭଗବତ ଗୀତା ବଣ୍ଟନ ଉତ୍ସବ



**ବାରିକପୁର, ୧୪।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶ୍ରୀମଦ୍ ଭଗବତ ଗୀତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୀତା ଜୟନ୍ତୀ ପାଳନ ଉପଲକ୍ଷେ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମହାନ୍ତିଙ୍କ ସଂଯୋଜନାରେ ଏହି ବୈଦିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀଯୋଗ ବେଦାନ୍ତ ସେବା ସମିତି ସଦସ୍ୟ ତଥା ସାମ୍ବାଦିକ ଦୁର୍ଯୋଧନ ଲେଙ୍କା ଯୋଗ ଦେଇ ବେଦ ଶାସ୍ତ୍ର ଅଧ୍ୟୟନ କଲେ ଛାତ୍ରଛାତ୍ରୀଙ୍କ ସୁପ୍ତ ଶକ୍ତି ଜାଗ୍ରତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ତେଣୁ ପୁସ୍ତକ ଗତ ବିଦ୍ୟାରେ ଅଗ୍ରଗତି କରିବାକୁ ହେଲେ ବିଦ୍ୟାର୍ଥୀମାନେ ଦୈନିକ ଗୀତା ପାଠ କରିବା ଉଚିତ ବୋଲି ମୁଖ୍ୟଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଶରତ ଚନ୍ଦ୍ର ଜେନା, ଶିକ୍ଷକ ଧନେଶ୍ୱର ସାହୁ, ନରେନ୍ଦ୍ର କୁମାର ସେଠୀ ପ୍ରମୁଖ ଗୀତା ପଠନ ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ଲକ୍ଷ୍ମୀପ୍ରିୟା ଶତପଥି, ମଧୁସ୍ମିତା ପରିଡ଼ା, ଦୀପ୍ତିପ୍ରଭା ବେହେରା, ସୁଜାତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଶ୍ରୀମଦ୍ ଭଗବତ ଗୀତା ପୁସ୍ତକ ବଣ୍ଟନ କରିଥିଲେ।

## ଓଡ଼ିଆ ବିଭାଗରେ ଜାତୀୟ ପାଠଚକ୍ର

**ଭଦ୍ରକ, ୧୪।୧୨(ସମିସ):** ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶନିବାର ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ 'ଆଧୁନିକ ଓଡ଼ିଆ କବିତାରେ ଗୁରୁପ୍ରସାଦ ମହାନ୍ତି' ଶୀର୍ଷକ ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ନୀଳଗିରି ରବିସାହୁ। ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ.ରବୀନ୍ଦ୍ର କୁମାର ଦାସ, ମୁଖ୍ୟବକ୍ତା ଭାବେ ଏଫଏମ୍ ସ୍ୱୟଂଶାସିତ କଲେଜ ଅଧ୍ୟାପକ ଡ.ସନ୍ତୋଷ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ, ସମ୍ମାନିତ ବକ୍ତା ଭାବେ ପାଳିଆବିନ୍ଧା କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ଓ ବରେଣ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ନାସିର ବକ୍ସ ପ୍ରମୁଖ ଯୋଗଦେଇ ଗୁରୁପ୍ରସାଦ କାବ୍ୟକୃତିର ବିବିଧ ଦିଗ ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ସନ୍ତୋଷୀ ସାହୁ, ବର୍ଷା ପ୍ରିୟଦର୍ଶିନୀ ସେନାପତି, ହରପ୍ରିୟା ବାରିକ୍, ସୁଭଂଶିନୀ ପାଣି, ଜ୍ୟୋତ୍ସ୍ନାରାଣୀ ବେହେରା, ଶୁଭଦର୍ଶିନୀ ଦାସ, ପୂଜାରାଣୀ ଦାସ, ଅନୀମା ସାହୁ ପ୍ରମୁଖ ପ୍ରାରମ୍ଭିକ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଛାତ୍ରୀ ରେଖାରାଣୀ ବେହେରା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଗବେଷିକା ମମତାରାଣୀ ଦାଶ, ଅଧ୍ୟାପିକା ଗାୟତ୍ରୀ ବେହେରା, ଆଦ୍ୟାରଶ୍ମୀ ମିଶ୍ର, ପ୍ରିୟଦର୍ଶିନୀ ନାୟକ, ସଂଯୁକ୍ତା ରାଉତ, ଅଧ୍ୟାପକ ସୂର୍ଯ୍ୟସାରଥୀ ବାରିକ୍ ପ୍ରମୁଖ ପ୍ରବନ୍ଧପାଠ କରିଥିଲେ। ଅଧ୍ୟାପିକା ମଧୁବ୍ରତା ମଲ୍ଲିକ, ପ୍ରମିଳା ଜେନା, ଅଧ୍ୟାପକ ଅଶୋକ କୁମାର ନାୟକ, ପ୍ରାଧ୍ୟାପକ ମନୋଜ କୁମାର ସ୍ୱାଇଁ, ମଞ୍ଜୁଳା ପ୍ରଧାନ, ରାଜେଶ ପାହାଡୀ, ଗୀତାଞ୍ଜଳି ସାହୁ, ପ୍ରାଧ୍ୟାପିକା ଆରତୀ ଜେନା, ଅର୍ପିତା ନାୟକ, ସ୍ନିଗ୍ଧାରାଣୀ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଡ.ଅନୀତା ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ପାଦକ ସଂଘ ପକ୍ଷରୁ ୫ଦଫା ଦାବି ପତ୍ର

**ବାରିକପୁର, ୧୪।୧୨(ସମିସ):** ଖରିଫ ଧାନ କ୍ରୟ ସମ୍ପର୍କରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ ସମବାୟ ସମିତି ସମ୍ପାଦକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବିଶେଷ କରି ପୁରୁଣା ଚିରା ଫଟା ଅଖା ବଦଳରେ ସମ୍ପୂର୍ଣ୍ଣ ନୂଆ ବୋରା ଅଖା ପ୍ରଦାନ ପାଇଁ ସଂଘ ଦାବି କରିଛି। ଏହାଛଡ଼ା ଶସ୍ୟ ମାନ ନିର୍ଦ୍ଧାରଣ ସକାଶେ ମଣ୍ଡିରେ ୨୪ଘଣ୍ଟା ଧରି ଆର୍ଏମସି କର୍ମଚାରୀ ରହିବା, ଧାନ କ୍ରୟ ବାବଦରେ ଖର୍ଚ୍ଚ ବୃଦ୍ଧି, ସମିତି ମଣ୍ଡିରେ ମିଲର ଏସି ନୋଟ ଦେବା ପାଇଁ ଦାବି ଜଣାଯାଇଛି। କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଅରୁଣୋଦୟ ପାତ୍ରଙ୍କ ନେତୃତ୍ୱରେ ବ୍ଲକ ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡାଇ, ତନ୍ମୟ ମଲ୍ଲିକଙ୍କ ସମେତ ବିଭିନ୍ନ ସମିତି ସମ୍ପାଦକ ମାନେ ଏହି ଦାବି ପତ୍ର ପ୍ରଦାନ କରିଛନ୍ତି। ଗତ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟଙ୍କୁ ସଂଘ ପକ୍ଷରୁ ଏହି ଦାବି ପତ୍ର ପ୍ରଦାନ କରାଯାଇଛି।

## ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବୈଠକ

**ଭଣ୍ଡାରିପୋଖରୀ, ୧୪।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ସାରସ୍ୱତ ସରକାରୀ ଉଚ୍ଚବିଦ୍ୟାଳୟ ଜଳହରି ଠାରେ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଦ୍ୱାଦଶତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧର କୁମାର ତରାଇ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଉର ଗୋପାଳ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ଅଜୟ କୁମାର ନନ୍ଦ, ରତିକାନ୍ତ ବେହେରା, ସୁଦର୍ଶନ ସେଠୀ, ବିଷ୍ଣୁପ୍ରିୟା ସେଠୀ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦାନ କରି ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ନିଆଯାଉଥିବା ପଦକ୍ଷେପ, ଉତ୍କର୍ଷ, ଆକାଂକ୍ଷୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମଲେଖା ଉପରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ସମୀର ଚୌଧୁରୀ, ତଟିନୀ ସେଠୀ, ମଧୁସୂଦନ ମହାନ୍ତି, ମନୋରଞ୍ଜନ ପଣ୍ଡା, ଶରତଚନ୍ଦ୍ର ମଲ୍ଲିକ, ବିଷ୍ଣୁ ଚରଣ ନାୟକ, ସୁକାନ୍ତି ମହାନ୍ତି, ଚନ୍ଦ୍ରାବତି ନାୟକ, ଭଗବାନ ପ୍ରଧାନ, ରଜନୀ କାନ୍ତ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଥିଲେ। ମହୁରା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଧାମରାଇ ବିଦ୍ୟାଳୟରେ ବିଜ୍ଞାନ ମେଳା

**ଭଦ୍ରକ, ୧୪।୧୨(ସମିସ):** ଧାମରା ନରସିଂହପୁର ଠାରେ ଧାମରାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଟୁନା ମହାଳିକ ଏହି ମେଳାକୁ ଉଦଘାଟନ କରିଥିଲେ। ଏହି ବିଜ୍ଞାନ ମେଳାରେ ୨୭ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ବିଜ୍ଞାନ ଶିକ୍ଷକ ଗିରିଜା ଆଚାର୍ଯ୍ୟ, ମନୀଷା ମହାଳିକ ଏବଂ ମୋନାଲିସା ଜେନାଙ୍କ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ପରାମର୍ଶରେ ଏହି ବିଜ୍ଞାନ ପ୍ରକଳ୍ପ ଗୁଡିକ ଏହି ମେଳାରେ ସ୍ଥାନିତ ହୋଇଥିଲା। ଏହି ମେଳାରେ ଶ୍ରୀପତି ଦାସ, ମନିଷା ମହାଳିକ, ସନ୍ତୋଷ ଜେନା, ଗିରିଜା ଆଚାର୍ଯ୍ୟ, ସୁଶୀଳା କର, ଜ୍ୟୋତ୍ସ୍ନା ସାହୁ, ମୋନାଲିସା ଜେନା, ସୁକୁମାରି ସିଂ, କୁସୁମଲତା ସେଠୀ, ରାମଚନ୍ଦ୍ର ମାରାଣ୍ଡି, କାହ୍ନୁ ଟୁଡୁ, ମାନୁ ମୁର୍ମୁ, ହୃଷୀକେଶ ମହାରଣା, ଚିରଞ୍ଜିବ ମଲିକ, ଅଜୟ ନାୟକ, ସୁଶାନ୍ତ ଗିରି, ବର୍ଷା ନାୟକ, ସୁପ୍ରଭା ଦେ ଏବଂ ଆଦାନୀ କମ୍ପାନୀର ପ୍ରିୟଙ୍କା ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିକାଶ ଜେନା ଏବଂ ମୋ ବିଦ୍ୟାଳୟ କମିଟିର ଚେୟାରମେନ ନରହରି ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସମାଜସେବୀଙ୍କ ପରଲୋକ

**ଅସୁରାଳି, ୧୪।୧୨(ସମିସ):** ମମାଦୁଲା ଗ୍ରାମର ସମାଜସେବୀ ଚନ୍ଦ୍ରକାନ୍ତ ରାୟଙ୍କ ୮୬ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସ୍ଥାନୀୟ ସରପଞ୍ଚ ସରିତା ମହାନ୍ତି ପ୍ରମୁଖ ଶେଷଦର୍ଶନ କରିଛନ୍ତି। ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରି ଗାଁ ମଶାଣିରେ ଶବ ଦାହ ସଂପନ୍ନ କରାଯାଇଥିଲା। ବଡପୁଅ ଜଫ୍ରାନ ରାୟ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର, ଅନିଲ ରାଉତ, ରବୀନ୍ଦ୍ର ବେହୁରିଆ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ୪୨ବର୍ଷରେ ପଦ୍ମପୁର ଗୀତାଜ୍ଞାନ ମହାଯଜ୍ଞ

**ପଦ୍ମପୁର, ୧୪।୧୨(ସମିସ):** ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ଗୀତାଯଜ୍ଞ ମଣ୍ଡପରେ ଗତ ୪୨ବର୍ଷ ଭଳି ତ୍ରିଦିବସୀୟ ଗୀତାଜ୍ଞାନ ମହାଯଜ୍ଞ ର ଆଜି ଦ୍ୱିତୀୟ ଦିନରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ସହ ମଙ୍ଗଳାଧିବାସ, ଆରତୀ, ଗୀତା ଓ ବେଦପାଠ ମଧ୍ୟାହ୍ନରୁ ଅପରାହ୍ନ ଯାଏଁ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପ୍ରବଚକ ଶ୍ରୀନିବାସ ଆଚାର୍ଯ୍ୟ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ପ୍ରବଚନ ପ୍ରଦାନ ଦେଇଥିଲେ। ଏହି ଗୀତାଯଜ୍ଞ ଆସନ୍ତାକାଲି ଉଦ୍‌ଯାପିତ ହେବ।

## ଉତ୍ତରବାହିନୀ ମଠରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ

**ଦୋବଲ, ୧୪।୧୨(ସମିସ):** ଦୋବଲ ନିକଟସ୍ଥ ଆନନ୍ଦପୁର ପଞ୍ଚାୟତ ଉତରବାହିନୀ ମଠରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ ହୋଇଛି। ମଠରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାୟ ୬୨ ପ୍ରକାରର ବ୍ୟଞ୍ଜନ ଲାଗି କରାଯାଇଥିଲା। ବିଗତ ୧୦ ବର୍ଷ ଧରି ମଠ ପରିଚାଳକ ଅଜୟ କୁମାର ଦାସଙ୍କ ଉଦ୍ୟମରେ ମଠରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ ହୋଇ ଆସୁଛି। ଏଥିଲାଗି ଗୁରୁବାର ସକାଳୁ ମଠରେ ମହାପ୍ରଭୁଙ୍କ ପାଖରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଶୁଭ ମୁହୂର୍ତ୍ତରେ ଠାକୁରଙ୍କ ପାଖରେ ବ୍ୟଞ୍ଜନ ଲାଗି ହୋଇଥିଲା।

## ଏନ୍‌ଆର୍‌ଆଇ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା




**ଭଦ୍ରକ, ୧୪।୧୨(ସମିସ):** ଭଦ୍ରକ ଆରଡ଼ି ଛକ ସ୍ଥିତ ଏନ୍‌ଆର୍‌ଆଇ ଅନ୍ତର୍ଜାତୀୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ ଏବଂ ଉପଆରକ୍ଷୀ ଅଧିକାରୀ ପ୍ରଭାତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, କମଳା ସାହୁ, ନିର୍ଦ୍ଦେଶକ ଲକ୍ଷ୍ମୀଧର ନାୟକ, ଗୌରାଙ୍ଗ ଚରଣ ନାଥ, ସୁଶାନ୍ତ କୁମାର ପାଣି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ଛାତ୍ରଙ୍କ ଦ୍ୱାରା ମଶାଲ ପରିକ୍ରମା ଓ ଶପଥପାଠ କରାହୋଇ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଶେଷରେ ବିଭିନ୍ନ ଖେଳରେ କୃତିତ୍ୱହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର କ୍ରୀଡ଼ାଶିକ୍ଷକ ଦୀପକ କୁମାର ବାରିକ, ଶିକ୍ଷୟିତ୍ରୀ ମୁସାରା ବାନୋ, ଶିକ୍ଷକ ଲକ୍ଷ୍ମଣ କୁମାର ବିନ୍ଧାଣୀ ପରିଚାଳନା କରିଥିଲେ। ନୀଳିମା ମିଶ୍ର, ବିଜୟଲକ୍ଷ୍ମୀ ମହାନ୍ତି, ଇତିଶ୍ରୀ ଦାସ, ଅନୁରାଧା ଲାହା, ବେବିଡଲ ସାହୁ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦଙ୍କ ସହଯୋଗରେ କ୍ରୀଡାଉତ୍ସବଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଶିକ୍ଷକ ଆଶିଷ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମିତିକୁ ଆସିଲା ଧାନ ବିଶୁଦ୍ଧୀକରଣ ଯନ୍ତ୍ର



**ବାରିକପୁର, ୧୪।୧୨(ସମିସ):** ବର୍ଦ୍ଧିତ ମୂଲ୍ୟ ଦେଇ ଏଫ୍ଏକ୍ୟୁ ମାନର ଧାନ କ୍ରୟ ସକାଶେ ସରକାର ଏବେ ଅତ୍ୟାଧୁନିକ ଯନ୍ତ୍ରର ସହାୟତା ନେଇଛନ୍ତି। ପ୍ରଥମ କରି ସରକାର ଆର୍‌ଏମସି ଜରିଆରେ ଭଦ୍ରକ ଜିଲ୍ଲାକୁ ଆଠ ଗୋଟି ଅତ୍ୟାଧୁନିକ ମେସିନ ଯୋଗାଇ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ତେସିଙ୍ଗା ଓ ରହଣିଆ ପ୍ରାଥମିକ କୃଷି ସମବାୟ ସମିତିକୁ ଏହି ଯନ୍ତ୍ର ଯୋଗାଇ ଦିଆଯାଇଛି। ଉକ୍ତ ମେସିନ ଦ୍ୱାରା ମଣ୍ଡିରେ ଧାନର ସଠିକ ମାନ ପରୀକ୍ଷା ହୋଇ ସାରିବା ପରେ ସମିତି ଶସ୍ୟ କ୍ରୟ କରିବାକୁ ବ୍ୟବସ୍ଥା କରାଯାଇଛି। ପରେ ମିଲର କର୍ତ୍ତୃପକ୍ଷ ବିଶୁଦ୍ଧୀକରଣ ହୋଇଥିବା ଧାନକୁ ସମିତି ନିକଟରୁ ନେଇ ସରକାରଙ୍କ ନିର୍ଦ୍ଧାରିତ ନୀତି ଅନୁଯାୟୀ ଚାଉଳ ଯୋଗାଇ ଦେବେ। ବିଶେଷ କରି ଶସ୍ୟର ଆଦ୍ରତା ଦୂର ସହିତ ମାଟି, ଗୁଣ୍ଡି, ଧୂଳିକୁ ପରିଷ୍କାର କରିବା ପାଇଁ ଯନ୍ତ୍ର ସହାୟକ ହେବ। ଆଗକୁ ମଣ୍ଡି ଶୁଭାରମ୍ଭ ହେବା ପରେ ଏହି ଅତ୍ୟାଧୁନିକ ମେସିନ ଦ୍ୱାରା ଧାନ କେତେ ବିଶୁଦ୍ଧ ହେବ ତାହା ଜଣାପଡ଼ିବ।

# ୧୬ରେ ବିଧାନସଭା ଘେରିବେ ଅଙ୍ଗନବାଡି କର୍ମୀ ସହାୟିକା

ବାସୁଦେବପୁର, ୧୪।୧୨(ସମିସ): ବାସୁଦେବପୁର ବ୍ଲକର କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ବିଭିନ୍ନ ଦାବିରେ ଆସନ୍ତା ୧୬ ତାରିଖରେ ବିଧାନସଭା ଘେରିବେ ବୋଲି ଆଜି ସ୍ଥାନୀୟ ସିଡିପିଓଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୧୫ ତାରିଖ ମଧ୍ୟରେ ଅଙ୍ଗନବାଡି କର୍ମୀମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସମସ୍ୟା ପ୍ରତି ଯଦି ସରକାର ନ ବୁଝନ୍ତି ତେବେ ୧୬ ତାରିଖରେ ବିଧାନସଭା ଠପ୍ କରି ଦିଆଯିବ ବୋଲି ଦାବିପତ୍ର ମାଧ୍ୟମରେ ଚେତାବନୀ ଦେଇଛନ୍ତି। ଦୀର୍ଘ ବର୍ଷ ଧରି ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଉ। ଅନ୍ୟାୟ ଭାବେ କେତେକ କର୍ମୀଙ୍କୁ ବହିଷ୍କାର କରା ଯାଇଥିବା ନିଷ୍ପତ୍ତିକୁ ବଦଳାଯାଉ। ନିର୍ବାଚନ ସଂକଳ୍ପ ଅନୁଯାୟୀ ସର୍ବନିମ୍ନ ଦରମା ବଜାର ଦର ଅନୁସାରେ ୧୨ ହଜାର ଟଙ୍କା ପ୍ରଦାନ କରାଯାଉ। ସିନିରିଅଟି ଅନୁଯାୟୀ ମାସିକ ପାରିଶ୍ରମିକର ଇନକ୍ରୀମେଣ୍ଟତଥା ଟିଏ ଡିଏ ପ୍ରଦାନ କରାଯାଉ ଆଦି ଦାବି ପ୍ରତିବାଦରେ ଧାରଣା ଦେବେ ବୋଲି ଚେତାବନୀ ଦିଆ ଯାଇଛି। ଆଜି ଅଲ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କରସ ଆସୋସିଏସନର ସ୍ଥାନୀୟ ଶାଖା କର୍ମଚାରୀମାନେ ସିଡିପିଓଙ୍କୁ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରିଛନ୍ତି।

## ତ୍ୟାଗଭୂମି ମହୋତ୍ସବର ୫ମ ସନ୍ଧ୍ୟା

# 'ଜୀବନର କଳା ଓ କୌଶଳକୁ ନେଇ ସାହିତ୍ୟ ହୁଏ ଚିରନ୍ତନ'

ଭଦ୍ରକ, ୧୪।୧୨(ସମିସ): ସାହିତ୍ୟ ଜୀବନକୁ ଚିହ୍ନାଏ ଓ ଜୀବନ ସାହିତ୍ୟର କଥା କହେ। ଜୀବନ ଜୀଇଁବାର ଅନୁପମ କଳା ଓ କୌଶଳ ଆମେ ସାହିତ୍ୟରୁ ଲାଭକରୁ। ଜୀବନର ସେଇ କଳା କୌଶଳକୁ ନେଇ ସାହିତ୍ୟ ହୁଏ ଚିରନ୍ତନ ଓ ସ୍ରଷ୍ଟାର ଅନୁଭବକୁ ନେଇ ସାହିତ୍ୟ ସମୃଦ୍ଧ ଓ ନିତ୍ୟ ନୂତନ ହୁଏ ବୋଲି ଭଦ୍ରକ ମଠସାହି ପଡ଼ିଆରେ ଚାଲୁଥିବା ତ୍ୟାଗଭୂମି ମହୋତ୍ସବର ୫ମ ସନ୍ଧ୍ୟାରେ ଅତିଥି ମତବ୍ୟକ୍ତ କରିଛନ୍ତି। ତ୍ୟାଗଭୂମି ପତ୍ରିକା ସମ୍ପାଦକ ଅଧ୍ୟାପକ ଡ.ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର ସନ୍ଧ୍ୟା 'ପ୍ରଫେସର ସନାତନ ମହାନ୍ତି ମଞ୍ଚ' ନାମରେ ଉତ୍ସର୍ଗୀକୃତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଶିଷ୍ଟ ସମାଲୋଚକ ଡ.ରବୀନ୍ଦ୍ର କୁମାର ଦାସ ଯୋଗଦେଇ ସାହିତ୍ୟ ମଣିଷର ଆବେଗ, ଅନୁଭୂତି ଓ କଳ୍ପନାକୁ ଏକତ୍ର କରି ଜଗତ ସଂକ୍ରାନ୍ତୀୟ ଚିନ୍ତନକୁ ଭାଷା ମାଧ୍ୟମରେ ଶୈଳ୍ପିକ ସୁଷମାରେ ଉପସ୍ଥାପନ କରେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଏଫ୍‌ଏମ ସ୍ୱୟଂଶାସିତ କଲେଜ ଓଡ଼ିଆ ଅଧ୍ୟାପକ ଡ.ସନ୍ତୋଷ କୁମାର ନାୟକ ଓ ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ



ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋଲକବିହାରୀ ସାହୁଙ୍କୁ 'ପ୍ରଫେସର ସନାତନ ମହାନ୍ତି ଶିକ୍ଷା ସ୍ମୃତି ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଚିନ୍ମୟ ଜେନା ମାନପତ୍ର ପାଠ କରିଥିଲେ। ସଦସ୍ୟ ବୈଲୋଚନ ବେହୁରିଆ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବାହ୍ଣ ଅଧିବେଶନରେ କବି ମାନସ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ପଣ୍ଡା, କବି ସାରଥି ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ମନୋଜ ପଣ୍ଡା, କାଳନ୍ଦୀ ମଲ୍ଲିକ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଅଜୟ ନାୟକ ଓ ସମ୍ପାଦକ ଗଦାଧର ବଳ ସମେତ ସୁଧାକର ରାଉତ, ବାବୁଲାଲ ଦାସ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ପ୍ରଫୁଲ୍ଲ ପରିଡ଼ା, ମଦନମୋହନ ନାୟକ, ରାଜେନ୍ଦ୍ର ବିଶ୍ୱାଳ, ଅକ୍ଷୟ ହୋତା, ସନାତନ ସାହୁ, ଅଶୋକ ଦ୍ୱିବେଦୀ, ପ୍ରେମାନନ୍ଦ ମହାନ୍ତି, ବିଚିତ୍ରାନନ୍ଦ ମହାନ୍ତି, ଅମରେନ୍ଦ୍ର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡାକ୍ତର ଅନୀଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଆରଏସ୍‌ଙ୍କୁ ସରପଞ୍ଚଙ୍କ ଦୁର୍ବ୍ୟବହାର

ଧାମନଗର, ୧୪।୧୨(ସମିସ): ଧାମନଗର ବ୍ଲକ ରାଧାବଲ୍ଲଭପୁର ସରପଞ୍ଚ ପ୍ରୀତମ ଦାସ ସଂପୃକ୍ତ ପଞ୍ଚାୟତର ଜିଆର୍‌ଏସ୍ ସୁଭଦ୍ର ନନ୍ଦୀଙ୍କୁ ଦୁର୍ବ୍ୟବହାର କରିବା ସହିତ ମାଡ଼ ମାରିବାର ଧମକ ଦେଇଛନ୍ତି। ଏନେଇ ସୁଭଦ୍ରା ଧାମନଗର ବିଡିଓ ବନବିହାରୀ ଦିନ୍ଦାଙ୍କୁ ଅଭିଯୋଗ କରିଛନ୍ତି। ଏନେଇ ଆଇନରେ ଆଶ୍ରୟ ନେବାକୁ ସୁଭଦ୍ରାଙ୍କୁ ବିଡିଓ ଶ୍ରୀ ଦିନ୍ଦା ପରାମର୍ଶ ଦେଇଛନ୍ତି। ଏଥିସହିତ ଜଣେ ମହିଳା କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଚିଠି ନଂ ୧୧/୧୬୪ ତା୧୨-୧୨-୨୪ ଯୋଗେ ତାଙ୍କୁ ବ୍ଲକ ସଦର ମହକୁମାକୁ ବଦଳି କରାଯାଇଥିବା ବିଡିଓ ଶ୍ରୀ ଦିନ୍ଦା ପ୍ରକାଶ କରିଛନ୍ତି। ତେବେ ବିଭିନ୍ନ ଭତ୍ତା, ସୁଭଦ୍ରା ଯୋଜନା ଓ ଜବ୍‌କାର୍ଡ ଆଦି କ୍ଷେତ୍ରରେ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କ ଅନିୟମିତତା ସହ ବାରମ୍ବାର କାର୍ଯ୍ୟରେ ଅବହେଳା ପାଇଁ ରାଗି କରି ଗାଳିଗୁଲଜ କରିଥିବା ସରପଞ୍ଚ ପ୍ରକାଶ କହିଛନ୍ତି।













## ବାରିପଦା ରେଳ ହେରିଟେଜ୍ ମ୍ୟୁଜିୟମ ଅବହେଳିତ

# ଉଦ୍‌ଘାଟନର ୩ ବର୍ଷ ପରେ ବି ରହିଛି ଅସମ୍ପୂର୍ଣ୍ଣ






**ବାରିପଦା, ୧୪ ।୧୨(ସମିସ)**

ବାରିପଦା ରେଳ ହେରିଟେଜ ମ୍ୟୁଜିୟମ ଉଦଘାଟନକୁ ୩ ବର୍ଷ ବିତିଯାଇଥିଲେ ମଧ ଅସମ୍ପୂର୍ଣ୍ଣ କାର୍ଯ୍ୟ ଅଦ୍ୟାବଧି ପୂରଣ ହୋଇପାରିନାହିଁ। ଉଦଘାଟନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରତାରଣା ପାଲଟିଛି। ସମଗ୍ର ଓଡ଼ିଶା ମୟୂରଭଞ୍ଜ ରେଳ ଇତିହାସ ଇତିହାସ ଜାଣିବା ନିମନ୍ତେ ରାଜତନ୍ତ୍ର ଅମଳର ରେଳ ଇଞ୍ଜିନର ନବକଳେବର କରାଯାଇଥିଲା। ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେଲା ଡକୟାର୍ଡରେ ପଡ଼ିରହି ନଷ୍ଟ ହୋଇଯାଇଥିବା ରେଳବଗି ଓ ଇଞ୍ଜିନକୁ ନବକଳେବର କରାଯାଇ ବାରିପଦା ରେଳ ଷ୍ଟେସନରେ ନିର୍ମାଣ ହୋଇଥିବା ମ୍ୟୁଜିୟମ ଗତ ୨୦୨୧ ନଭେମ୍ବର ୧୭ ତାରିଖରେ ଉଦଘାଟନ କରିଥିଲେ ସେତେବେଳର କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ବିଭାଗ ରାଷ୍ଟ୍ରମନ୍ତ୍ରୀ ତଥା ମୟୂରଭଞ୍ଜ ସାଂସଦ ଇଂ ବିଶେଶ୍ୱର ଟୁଡୁ। ତାଙ୍କ ସହିତ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବାରିପଦା ବିଧାୟକ ପ୍ରକାଶ ସୋରେନ, ରେଳ ଡିଆରଏମ ଓ ଅନ୍ୟ ରେଳ ପଦାଧିକାରୀ ଉପସ୍ଥିତ ଥିଲେ। ଯେତେବେଳେ ଓଡ଼ିଶା ରେଳଗାଡି ସମ୍ପର୍କରେ ଜାଣି ମଧ ନଥିଲା, ସେତେ ବେଳେ ମୟୂରଭଞ୍ଜର ତତ୍କାଳୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରଥମ କରି ବାଷ୍ପଚଳିତ ଇଞ୍ଜିନ ଟ୍ରେନ ଚଳାଇଥିଲେ; ଯାହାକି ୧୯୦୪ ମସିହାରେ ବାରିପଦାରୁ ରୂପସା ଏବଂ ୧୯୦୫ ମସିହାରେ ରୂପସାରୁ ବାଙ୍ଗିରିପୋଷିର ତାଳବନ୍ଧ ପର୍ଯ୍ୟନ୍ତ ଗଡ଼ିଥିଲା। ଏହା ପ୍ରଥମେ ନେରୋଗେଜ୍ ପରେ ମିଟର ଗେଜରେ ରୂପାନ୍ତରିତ ହୋଇଥିଲା। ପରେ ୨୦୦୫ ମସିହାରେ ତତ୍କାଳୀନ ରେଳମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କ ପ୍ରୟାସରେ ଏହା ବ୍ରଡଗେଜ୍‌ରେ ପରିଣତ ହୋଇଥିଲା। ତେବେ ନିଜର କୀର୍ତ୍ତିରାଜକୁ ଭୁଲି କାଳକ୍ରମେ ପୁରୁଣା ଷ୍ଟିମ ଇଞ୍ଜିନକୁ ପରିତ୍ୟକ୍ତ ଅବସ୍ଥାରେ ପକାଇ ଦିଆଗଲା। ଏପରିକି ପରବର୍ତ୍ତୀ ପିଢି ଯେ ମୟୂରଭଞ୍ଜ ଜିଲ୍ଲାର ପୁରୁଣା ରେଳଗାଡି ତଥା ଏ ସମ୍ପର୍କିତ ଇତିହାସ ବିଷୟରେ ଅବଗତ ହୋଇପାରିବେ ସେ ନେଇ ସନ୍ଦେହ ବି ଦେଖାଗଲା। ବହୁ ବାଦ ବିବାଦ ପରେ ବିଳମ୍ବରେ ହେଲେ ମଧ ଜିଲ୍ଲାବାସୀଙ୍କ ପାଇଁ ଦକ୍ଷିଣ-ପୂର୍ବ ରେଳ ବିଭାଗ ପକ୍ଷରୁ ଖଡଗପୁରସ୍ଥ ଡିଭିଜନାଲ ରେଳବାଇ ପ୍ରବନ୍ଧକଙ୍କ ଦ୍ୱାରା ୧ କୋଟି ୧ଲକ୍ଷ ୫୫ ହଜାର ୯୯୩ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇ ୨୦୨୨ ଡିସେମ୍ବର ୩୦ରେ ଆରମ୍ଭ ଯାଇ ଏହାର ନିର୍ମାଣ କାର୍ଯ୍ୟ ୮ ମାସ ମଧରେ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ କରୋନାରେ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ପରେ ଅସମ୍ପୂର୍ଣ୍ଣ ଥାଇ ମଧ ଉଦଘାଟନ କରାଯାଇଥିଲା। ସେତେବେଳେ ଜିଲ୍ଲାବାସୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଥିଲା। ଲୋପ ପାଇବାକୁ ବସିଥିବା ଅତୀତ କୀର୍ତ୍ତିରାଜ ଓ ଗାରିମାକୁ ପୁଣି ସାରା ରାଜ୍ୟ ଓ ଦେଶ ଦେଖିବାକୁ ନିର୍ମାଣ ମ୍ୟୁଜିୟମ କାର୍ଯ୍ୟ ବର୍ଷେ ପରେ ବି ସମ୍ପୂର୍ଣ୍ଣ ହେଲା ନାହିଁ। ଅଧା ସେଡ ତଳେ ୨ଟି ଇଞ୍ଜିନ ସେହିଭଳି ପଡ଼ିରହିଛି। ତଳେ ଘାସ ଗାଲିଚା ରକ୍ଷଣାବେକ୍ଷଣ ଅଭାବରୁ ଟାଙ୍ଗର ଭୂଇଁ ପାଲଟିବାକୁ ବସିଲାଣି। କୋଟିଏ ଟଙ୍କା ବ୍ୟୟ କେବଳ ବାହାବା ନେବା ପାଇଁ ଅପବ୍ୟୟ କରାଯାଇଥିବା ଅଭିଯୋଗ ହେଉଛି। ମୟୂରଭଞ୍ଜ ରେଳ ପ୍ୟାନ କ୍ଲବ ଏ ନେଇ ରେଳକର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣି ବିହିତ ପଦକ୍ଷେପ ନେବାକୁ ଅନୁରୋଧ ଜଣାଇଛନ୍ତି।

## ସର୍ବଭାରତୀୟ ଲେଟକଟ ଟି-୨୦ କ୍ରିକେଟ୍

# ଫାଇନାଲରେ ଏଲଆର୍‌ଏସ୍ କୋଲକାତା ଓ ସେରସା ଖଡ଼ଗପୁର



**ବାରିପଦା, ୧୪।୧୨(ସମିସ):** ସ୍ଥାନୀୟ ଲେଟକଟ ପଡ଼ିଆରେ ଚାଲିଥିବା ୩୦ତମ ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ୨ଟି ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ ଏଲଆରଏସ କୋଲକାତା ଏବଂ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧରେ ଅନୁଷ୍ଠିତ ହୋଇଥିଲା। କଟକ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟରେ ୧୧୬ ରନ କରିଥିଲା। ଦଳ ପକ୍ଷରୁ ଅବିନାଶ ନାୟକ ୪୯ ରନ କରିଥିବାବେଳେ କୋଲକାତା ଦଳ ପକ୍ଷରୁ ଆକାଶ ଦାସ ୪ଟି ୱିକେଟ ନେଇଥିଲେ। ଜବାବରେ କୋଲକାତା ଦଳ ୧୪.୫ ଓଭରରେ ୫ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରି ୫ ଉଇକେଟରେ ବିଜୟୀ ହୋଇଛି। ଦଳ ପକ୍ଷରୁ ଅଶ୍ୱିନ କୁମାର ୭୦ରନ କରିଥିବା ବେଳେ କଟକ ପକ୍ଷରୁ ବିକ୍ରମ ସାମଲ ୨ଟି ଉଇକେଟ ନେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଅଶ୍ୱିନ କୁମାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ସେରସା ଖଡ଼ଗପୁର ଓ ଇଷ୍ଟକୋଷ୍ଟ ରେଳୱେ ଖୋର୍ଦ୍ଧା ମଧରେ ହୋଇଥିଲା। ଖଡ଼ଗପୁର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରେଇ ୨୫୦ ରନର ବିଶାଳ ସ୍କୋର କରିଥିଲେ। ଦଳ ପକ୍ଷରୁ ଅରିନ ରାୟ ୫୮ ଓ ମୋହିତ ରାୟ ୫୨ ରନ କରିଥିଲେ। ଇଷ୍ଟକୋଷ୍ଟ ପକ୍ଷରୁ ଜୟନ୍ତ ବେହେରା ୩ଟି ଉଇକେଟ ନେଇଥିଲେ। ଜବାବରେ ଇଷ୍ଟକୋଷ୍ଟ ରେଲୱେ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୧୩ ରନ କରିବା ସହିତ ୩୭ ରନରେ ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ରାକେଶ ମହାନ୍ତି ସର୍ବାଧିକ ୫୬ ଓ ଶୁଭଙ୍କର ବିଶ୍ୱାସ ୫୪ ରନ କରିଥିବାବେଳେ ଖଡ଼ଗପୁର ତରଫରୁ କେ.ପି ଅବିନାଶ ୩ଟି ଉଇକେଟ ନେଇଥିଲେ। ଅରିନ ରାୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ଜିଲ୍ଲା ପରିଷଦର ପୂର୍ବତନ ଅଧକ୍ଷା କମଳା ତିରିଆ, ପୂର୍ବତନ ବାରିପଦା ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ସମାଜସେବୀ ଅମର ସେଠୀ ଏବଂ ପୃଥ୍ୱିରାଜ ବୋଷ, ନରୋତ୍ତମ ମହାନ୍ତ ଓ ଶ୍ରୀକାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରବିବାର ଫାଇନାଲ ମ୍ୟାଚ ଏଲଆରଏସ କୋଲକାତା ଓ ସେରସା ଖଡ଼ଗପୁର ମଧରେ ଅନୁଷ୍ଠିତ ହେବ।

# ବାର୍ଷିକ କ୍ରୀଡ଼ା 'ଇଗନିସ୍' ଉଦ୍‌ଘାଟିତ




**ବାରିପଦା, ୧୪।୧୨(ସମିସ):** ବାରିପଦା ସହର ଉପକଣ୍ଠ ଡିଭାଇନ୍ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟରେ ଚଳିତ ବର୍ଷର କ୍ରୀଡା ପ୍ରତିଯୋଗିତା 'ଇଗନିସ୍-୨୦୨୪' ଉଦଘାଟିତ ହୋଇଯାଇଛି। ଶନିବାର ସକାଳେ ହଜାରେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ପୋଡାଅସ୍ତିଆସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଡିଭାଇନ୍ କଲେଜ ଅଭିମୁଖେ ବାହାରିଥିଲା। ଏହି ପ୍ରତିଯୋଗିତାରେ ପ୍ରାୟ ୨୬ ପ୍ରକାରର ଖେଳ ପାଞ୍ଚ ଦିନ ଧରି ଚାଲିବ। ଅନୁଷ୍ଠାନର ପ୍ରତିଷ୍ଠାତା ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତକତପୁର ସରକାରୀ ଆଇଟିଆଇର ଅଧକ୍ଷ ଇଂ କାନ୍ଦନ ମାଝୀ, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ଣଚନ୍ଦ୍ର ଆଇଟିଆଇର ଅଧକ୍ଷ ଇଂ. ହରିଭକ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ ଟିକରପଡ଼ା ସରକାରୀ ପଲିଟେକନିକ୍ ମେକାନିକାଲ ବିଭାଗର ମୁଖ୍ୟ ଇଂ ଠାକୁରା ହାଁସଦା ଯୋଗଦେଇ କ୍ରୀଡାର ଉପକାରିତା ଓ ରାଷ୍ଟ୍ର ନିର୍ମାଣରେ ଏହାର ଭୂମିକା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଇଂ ଅଭିନ୍ନ ଦାସ, ଉପାଧକ୍ଷ ଇଂ ପ୍ରକାଶ ଚନ୍ଦ୍ର ସା, ଇଂ ବିଶ୍ୱରଞ୍ଜନ ମହାନ୍ତ, ବିଜୁ ସିଂ, ସମୀକ୍ଷା ଦାସ, ଛବିରାଣୀ ପାତ୍ର, ପ୍ରିୟଙ୍କା ସାହୁ, ସ୍ୱସ୍ତି ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ମାଫିଆ ସକ୍ରିୟ; ପୁଲିସ ଭୟରେ ରାସ୍ତାରେ ଢାଳିଲେ ମୋରମ



**କବାଟବନ୍ଧ, ୧୪।୧୨(ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାରୁ ମୋରମ ଲୁଟ୍ ହେଉଥିବା ଅଭିଯୋଗ ହୋଇଆସୁଛି। ଗତ ପ୍ରାୟ ଏକମାସ ଧରି ଅଞ୍ଜିରା, ବିଛାଖଣ୍ଡି ମୌଜାର କାଲୁଣିଗୋଡ଼ା, ମାଣ୍ଡିଆଗୋଡ଼ା, କାଜୁ ଉନ୍ନୟନ ନିଗମ, ଜଙ୍ଗଲ କିସମ ଆଦି ସ୍ଥାନରୁ ବେଆଇନ ଭାବେ ରାତିଅଧିଆ ମୋରମ ଲୁଟ୍ ହେଉଛି। ଗଣମାଧମରେ ଖବର ପ୍ରକାଶ ପରେ ୮/୧୦ ଦିନ ବନ୍ଦ ରହିବା ପରେ ମାଫିଆ ପୁଣି ସକ୍ରିୟ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଅଞ୍ଜିରା ମୌଜାର କାଲୁଣିଗୋଡ଼ା ଅଞ୍ଚଳରୁ ମୋରମ ମାଫିଆ ମୋରମ ଲୁଟ୍ କରୁଥିବା ଜଣାପଡ଼ିଥିଲା। ଉକ୍ତ ସ୍ଥାନରୁ ମୋରମ ଲୋଡ଼ କରିଆସୁଥିବା ଏକ ହାଇୱା ପୁଲିସ ଭୟରେ ରାସ୍ତାରେ ଅନଲୋଡ଼ କରି ଫେରାର ହୋଇଯାଇଥିଲା। ମାଫିଆ ମୋରମ ଚାଲାଣ କରୁଥିବା ସମୟରେ ବାଲିସାହି, ତାରିଣୀ ଛକ, ଚଡ଼େଇଧରା, କୁସୁନପୁର ଆଦି ଛକରେ ଜଗି ରହି ପ୍ରଶାସନ ଓ ପୁଲିସର ଗତିବିଧି ଉପରେ ନଜର ରଖୁଛନ୍ତି। ଏହାପରେ ମୋରମ ଲୁଟ୍ ସ୍ଥାନରେ ଥିବା ମାଫିଆଙ୍କ ପାଖକୁ ତୁରନ୍ତ ଖବର ଦେଇଥା'ନ୍ତି। ଶୁକ୍ରବାର ରାତିରେ ବାଲିସାହି ଛକ ନିକଟରେ ପୁଲିସ ପାଟ୍ରୋଲିଂ ଗାଡ଼ିକୁ ଦେଖି ମୋରମ ଲୋଡ୍ କରିଆସୁଥିବା ଏକ ହାଇୱାକୁ ଖବର ଦେଇଥିଲେ। ଖବର ପାଇ ମୋରମ ଲୁଟ ସ୍ଥାନଠାରୁ ମାତ୍ର ୩ ଶହ ମିଟର ଦୂରରେ ରାସ୍ତା ଉପରେ ମୋରମ ଢ଼ାଳିଦେଇ ଗାଡ଼ି ନେଇ ପଳେଇ ଯାଇଥିଲା। ତୁରନ୍ତ ବିଭାଗୀୟ ଅଧିକାରୀ ଏହା ଉପରେ ରୋକ ଲଗାଇବାକୁ ଦାବି ହୋଇଛି।

# ବେଧଡ଼କ ଚାଲିଛି କୋଇଲା ବେପାର

**ବାରିକପୁର, ୧୪।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବନ୍ଧାଳମଢିଆଳୀ ଠାରୁ ଷୋଳମପୁର ପଞ୍ଚାୟତ ମୁଢାପଦା ଯାଏଁ ଏବେ ବେଧଡ଼କ ଭାବେ ବେଆଇନ କୋଇଲା ବେପାର ଚାଲିଛି। ବୈତରଣୀ କୂଳେ କୂଳେ ଉକ୍ତ ଅଞ୍ଚଳରେ ଅକ୍ଟୋବର ମାସ ଠାରୁ ଜୁନ ମାସ ଯାଏଁ ଇଟା ବ୍ୟବସାୟ ଲାଗି ରହିଥିବା ଯୋଗୁଁ ବେଆଇନ କୋଇଲା ବେପାର ବୃଦ୍ଧି ପାଇଛି। ସୂଚନା ମୁତାବକ ନଦୀ କୂଳବର୍ତ୍ତି ଗାଁ ଷୋଳମପୁର, ରଘୁନାଥପୁର, ଦାଣ୍ଡକୂଳ, ମୁଢାପଦା, କୁମ୍ଭାରିଆ, ଜଗନ୍ନାଥ ପ୍ରସାଦ, ବାଲି ପୋଖରୀ, ନେରଡା, ଯଶୋଟିକିରି, ବନସ୍ତା, ଝୁଟଣା, ବଳିପୁର, ଖପୁରିଆପଦା, ମହେଶପୁର, ଦାଦେଶ୍ୱର ପ୍ରମୁଖ ସ୍ଥାନରେ ବ୍ୟବସାୟ ଭିତ୍ତିକ ଶହଶହ ଇଟାଭାଟି ଗଢି ଉଠିଛି। ଇଟାଭାଟିକୁ ପୋଡ ଦେବା ପାଇଁ ଟ୍ରିପ୍ ଟ୍ରିପ୍ କୋଇଲା ଆବଶ୍ୟକ ପଡ଼ିଥାଏ। ବ୍ଲକ ଅଞ୍ଚଳରେ ତିନି ଗୋଟି ସ୍ୱୀକୃତିପ୍ରାପ୍ତ କୋଇଲା ଡିପୋ ରହିଥିଲେ ମଧ ଚୋରା ବ୍ୟବସାୟୀମାନେ କିନ୍ତୁ ଦୈନିକ ଶହଶହ କ୍ୱିଣ୍ଟାଲ କୋଇଲା ଉକ୍ତ ଅଞ୍ଚଳକୁ ଯୋଗାଇ ଥାଆନ୍ତି। ବିଶେଷ କରି ପାଣିକୋଇଲି ଓ ଷଠିପୁର ପଟୁ ମାଫିଆ ମାନେ ଟ୍ରକ ଓ ଟ୍ରାକ୍ଟର ଯୋଗେ କୋଇଲା ଯୋଗାଇଥାନ୍ତି। ଦିନ ରାତି କୋଇଲା ଗାଡ଼ି ବୈତରଣୀ ନଦୀ ବନ୍ଧ ଦେଇ ଚଳପ୍ରଚଳ କରୁଥିଲେ ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ରାସ୍ତା ପାର୍ଶ୍ୱରେ ଥିବା ସାହି ବସ୍ତିରେ କୋଇଲା ଧୂଳି ଉଡୁଥିବା ବେଳେ ପଥଚାରୀ ମାନେ ମଧ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ଖଣି ନିଗମ ଅଧିକାରୀ ମାନେ କେବେ କେବେ ଉକ୍ତ ଅଞ୍ଚଳକୁ ଆସୁଥିଲେ ସୁଦ୍ଧା ବେଆଇନ କୋଇଲା ପରିବହନକୁ ରୋକିବା ପାଇଁ ଏଯାଏଁ ସକ୍ଷମ ହୋଇ ନାହାନ୍ତି। ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୃଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବାର୍ଷିକ ସମ୍ମିଳନୀ

**ବାରିପଦା, ୧୪।୧୨(ସମିସ):** ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ସଂଘ ଭବନରେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ୱାର୍ଡ ନମ୍ବର ୩ ସମସ୍ତ ସଫେଇ କର୍ମଚାରୀଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିବା ସହ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ସମାଜ ପାଇଁ ସଫେଇ କର୍ମଚାରୀମାନଙ୍କ ସେବା କାର୍ଯ୍ୟକୁ ସମ୍ମାନ ଜଣାଇ ଏହିପରି ସମ୍ବର୍ଦ୍ଧନା ପ୍ରଦାନ କରଯାଇଥିବାରୁ ଅତିଥି ନଗରପାଳ ଶ୍ରୀ ମହାନ୍ତି ପ୍ରଶଂସା କରିଥିଲେ। ଏହାପରେ ସଂଘର ସଭାପତି ରାଶେଶ୍ୱର ସାହୁ ସମେତ ସଂଘର ସମସ୍ତ ସଭ୍ୟ ଓ ସଭ୍ୟାଙ୍କ ଉପସ୍ଥିତିରେ ସମ୍ପାଦକ ବିଜୟ କୁମାର ମହାପାତ୍ର ୨୦୨୪ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସଭାପତି ଧନ୍ୟବାଦ ଜଣାଇଥିଲେ।

# ଆଜି ୪ଘଣ୍ଟା ବିଦ୍ୟୁତ୍ କାଟ୍

**ବାରିପଦା, ୧୪।୧୨(ସମିସ):** ବିଦ୍ୟୁତ ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ ରବିବାର ବାରିପଦା ସହରର କିଛି ଅଞ୍ଚଳ ୪ଘଣ୍ଟା ପାଇଁ ବିଦ୍ୟୁତ କାଟ ହେବ। ମରାମତି କାର୍ଯ୍ୟ ନିମନ୍ତେ ପୂର୍ବାହ୍ନ ୧୧ଘଟିକାରୁ ଅପରାହ୍ନ ୩ଘଟିକା ପର୍ଯ୍ୟନ୍ତ ସହରର ଜୁବଲି ଲାଇବ୍ରେରୀ ସବଷ୍ଟେସନ ଅନ୍ତର୍ଗତ ସମସ୍ତ ଉପଭୋକ୍ତାଙ୍କ ବିଦ୍ୟୁତ ସରବରାହ ବନ୍ଦ ରହିବ। ଏନେଇ ଟିପିଏନଓଡିଏଲ ପକ୍ଷରୁ ଉପଭୋକ୍ତାଙ୍କୁ ଜଣାଇବା ସହ ସହଯୋଗ କାମନା କରିଛନ୍ତି।

# ସାଇବର ଠକେଇ; ଆକାଉଣ୍ଟରୁ ୯୯ ହଜାର ଟଙ୍କା ଗାଏବ୍

**ବାରିପଦା, ୧୪।୧୨(ସମିସ):** କମ୍ପାନୀ ସର୍ଭିସ ପାଇଁ ପଞ୍ଜିକରଣ କରିବା ବାହାନାରେ ଆକାଉଣ୍ଟରୁ ୯୯ ହଜାର ଟଙ୍କା ସାଇବର ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଢ଼ିପାସାହି ଅଞ୍ଚଳର ଅସିତ କୁମାର ମହାନ୍ତି ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କର ଏକ ଘରୋଇ ଉପକରଣ ସର୍ଭିସ ପାଇଁ ଅନଲାଇନ ପଞ୍ଜିକରଣ କରିଥିଲେ। ଉକ୍ତ ସମୟରେ ମୋବାଇଲ ହ୍ୟାକ ହୋଇ ବ୍ୟାଙ୍କ ଆକାଉଣ୍ଟରୁ ୯୯ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଫୋନ ପେ ଜରିଆରେ ଅତୁଳ କୁମାର ପାଣ୍ଡେଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିବା ସେ ଜାଣିବାକୁ ପାଇଥିଲେ। ପରେ ସେ ଠକେଇ ହୋଇଥିବା ଜାଣି ସାଇବର ଅପରାଧ ହେଲ୍ପ ଲାଇନ ନମ୍ବରରେ ଜଣାଇବା ସହ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ରେଳ ଲାଇନରୁ ମୃତଦେହ ଉଦ୍ଧାର

**ବାରିପଦା, ୧୪।୧୨(ସମିସ):** ରଙ୍ଗାମାଟିଆ ରେଳ ଧାରଣାରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଭଞ୍ଜପୁର ଥାନା ଅନ୍ତର୍ଗତ ୱାଲୀଗଞ୍ଜ ଅଞ୍ଚଳର ହିମାଦ୍ରୀ ପାତ୍ର(୩୯)। ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରଠୁ ୱାଲିଗଞ୍ଜ ସ୍ଥିତ ବାପ ଘରେ ରହୁଥିଲେ। ଶନିବାର ସକାଳୁ ଘରୁ ବାହାରି ଯାଇଥିବା ବେଳେ ବହୁ ଖୋଜାଖୋଜି ପରେ ମଧ ମିଳିନଥିଲେ। ଶନିବାର ସକାଳ ସମୟରେ ସ୍ଥାନୀୟ ଲୋକମାନେ ରେଳ ଧାରଣାରେ ମୃତଦେହ ଦେଖି ଖବର ଦେବାରୁ ପରିବାର ଲୋକେ ଜାଣିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ମୃତଦେହ ଉଦ୍ଧାର କରିଥିଲେ। ବାଙ୍ଗିରିପୋଷି-ପୁରୀ ଟ୍ରେନରେ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଶାଳକାଠ ବୋଝେଇ ଗାଡ଼ି ଜବତ

**ତୁରୁମୁଙ୍ଗା, ୧୪।୧୨ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଚେମେଣା ନର୍ସରୀ ରାସ୍ତା ନିକଟରୁ ଶନିବାର ଏକ କାଠ ବୋଝେଇ ଅଶୋକ ଲିଲଣ୍ଡ ମିନି ଟ୍ରକକୁ ବନବିଭାଗ ଜବତ କରିଛି। ଗାଡି ଭିତରୁ ଶାଳ ପଟା ସହ ଚୌକାଠକୁ ବନ ବିଭାଗ ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି। ସୂଚନା ମିନି ଟ୍ରକ୍‌ଟି ମୟୂରଭଞ୍ଜ ଜିଲ୍ଲାର ଚଢେଇଭୋଳରୁ କେନ୍ଦୁଝର ପଟକୁ ଯାଉଥିବା ବେଳେ ବନ କର୍ମଚାରୀ ଗାଡ଼ିକୁ ତୁରୁମୁଙ୍ଗାରୁ ପିଛା କରିଥିଲେ। ଗାଡ଼ିକୁ ପିଛା କରୁଥିବା ଜାଣି କାଠ ବୋଝେଇ ଗାଡି ଡ୍ରାଇଭର ଗାଡ଼ିକୁ ଦ୍ରୁତଗତିରେ ନେଇ ଖିରେଇଟାଙ୍ଗିରୀ ଟୋଲ ଗେଟ ନିକଟରେ ଗାଡ଼ିକୁ ବୁଲାଇ ପୁଣି ତୁରୁମୁଙ୍ଗା ଆଡ଼କୁ ପଳାଇ ଆସି ଚେମେଣା ନର୍ସରୀ ରାସ୍ତାରେ ଗାଡ଼ିକୁ ନେଇ ଯାଇ ପୋଲ ନିକଟରେ ଗାଡି ଛାଡି ମାଫିଆ ଫେରାର ହୋଇଯାଇଥିଲେ। ବନ କର୍ମଚାରୀ ଗାଡିକୁ ଜବତ କରି ଖିରେଇଟାଙ୍ଗିରୀ ବନ କାର୍ଯ୍ୟାଳୟକୁ ନେଇଛନ୍ତି। ଏହି ଚଢ଼ଉରେ ଖିରେଇଟାଙ୍ଗିରୀ ବନପାଳ ପୁର୍ଣ୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ଡଲିରାଣୀ ସାହୁ, ପାରାଷ୍ଟାଫ ଏମ୍‌ଡି ୱାସୀମ, ସଞ୍ଜୟ ମହାନ୍ତ, କାର୍ତ୍ତିକ ମହାନ୍ତ ଉମେଶ ମହାନ୍ତ ରମାକାନ୍ତ ମହାନ୍ତ ସାମିଲ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲେଶ୍ୱର, ୧୪।୧୨(ସମିସ):** ଟାଉନଥାନା ଅନ୍ତର୍ଗତ ଆଜିମାବାଦସ୍ଥିତ ଚନ୍ଦ୍ରାଗଡ଼ି ଅଞ୍ଚଳରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଉଛନ୍ତି ଆଜିମାବାଦ ଅଞ୍ଚଳର ସ୍ୱର୍ଗତ ମଦନମୋହନ ସାହୁଙ୍କ ପୁଅ ମନୋରଞ୍ଜନ ସାହୁ(୩୩)। ସ୍ଥାନୀୟ ଅଞ୍ଚଳର ଉକ୍ତ ଘର ମଧ୍ୟରୁ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିଲେ। ଏ ନେଇ ଲୋକେ ମୃତ ମନୋରଞ୍ଜନଙ୍କ ସମ୍ପର୍କୀୟ ଭାଇଙ୍କୁ ଖବର ଦେଇଥିଲେ। ସେ ଘଟଣା ସ୍ଥଳରେ ପହଁଚିବା ପରେ ଟାଉନ ପୁଲିସକୁ ଖବର ଦେଇଥିଲେ। ଟାଉନଥାନା ଅଧିକାରୀ ଅଶୋକ ନାୟକ ତୁରନ୍ତ ଘଟଣା ସ୍ଥଳରେ ପହଁଚି ଘରର କବାଟ ଭାଙ୍ଗିବା ପରେ ବେକରେ ଫାଶି ଲଗାଇ ମନୋରଞ୍ଜନ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୁଲିସ ସେଠାରୁ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି।

# ବସ୍ ଧକ୍କାରେ ଯୁବକ ମୃତ

**ମହୁଲଡିହା, ୧୪।୧୨(ସମିସ):** ଓଏସଆରଟିଏସ ବସ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଡମ୍ବରୁଧର ମହାନ୍ତ (୩୦)। ଘଟଣାରୁ ପ୍ରକାଶଯେ, ଠାକୁରମୁଣ୍ଡା ନିକଟ ସୁନିନ୍ଦା ଗ୍ରାମର ଡମ୍ବରୁଧର ମହାନ୍ତ ନିଜର ଅଟୋ ଚଳାଇ ଜୀବିକା ନିର୍ବାହ କରନ୍ତି। ସନ୍ଧ୍ୟା ସମୟରେ ସେ ଘର ବାଇକ୍ ଯୋଗେ ଠାକୁରମୁଣ୍ଡା ଆସୁଥିଲେ। ଠାକୁରମୁଣ୍ଡା ହାଇସ୍କୁଲ ଛକ ନିକଟରେ ବସଟି ବାଇକକୁ ଧକ୍କା ଦେଇଥିଲା। ଫଳରେ ଡମ୍ବରୁଧରଙ୍କ ମୃତ୍ୟୁ ଘଟିଥିଲା। ସେ ପରିବାରର ବଡ଼ ପୁଅ ଥିଲେ। ଖବର ପାଇ ଠାକୁରମୁଣ୍ଡା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବସ ଓ ବାଇକ ଜବତ କରି ତଦନ୍ତ ଚଳାଇଛି।

## ବାରିପଦାରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

# ୨୨୬୧ ମାମଲାର ଆପୋଷ ବିଚାର ହୋଇ ୪.୫୩ କୋଟି ଟଙ୍କା ଆଦାୟ ପାଇଁ ସମାଧାନ

**ବାରିପଦା, ୧୪।୧୨(ସମିସ)**




ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅଦାଲତରେ ମୋଟ ୫୨୮୪ ମାମଲା ମଧ୍ୟରୁ ୨୨୬୧ ମାମଲାର ଅପୋଷ ବିଚାର ହୋଇ ମୋଟ ୪ କୋଟି ୫୩ ଲକ୍ଷ ୫୦ ହଜାର ୬୫୮ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅରବିନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୨୪୫୫ଟି ମାମଲା ମଧ୍ୟରୁ ୨୯୦ଟି ଅଦାଲତରେ ଅପୋଷ ବିଚାର ହୋଇ ୧ କୋଟି ୭୯ ଲକ୍ଷ ୩୮ ହଜାର ୮୩ଟଙ୍କା ଆଦାୟ ହୋଇଥିବା ଜଣାପଡ଼ିଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀ ଭୁକ୍ତ ୨୮୨୯ ଗୋଟି ମାମଲା ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବୁଲ କେସ ୧୪ଟି ମଧ୍ୟରୁ ଗୋଟିଏ, ଏନଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୦୧ ମାମଲା ମଧ୍ୟରୁ ୩୩ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୯୫ଟିରୁ ୧୯ଟି, ମୋଟରଯାନ ଦୁର୍ଘଟଣା ମାମଲା ୨୫୮ଟିରୁ ୧୩ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୪୮ ମାମଲା ମଧ୍ୟରୁ ୧୦ଟି, ରାଜସ୍ୱ ମାମଲା ୧୫୨୬ ମଧ୍ୟରୁ ୧୩୮୯ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୯୯ଟି ମଧ୍ୟରୁ ୬୩ଟି ଓ ଅନ୍ୟାନ୍ୟ ଅପରାଧିକ ଫୌଜଦାରୀ ମାମଲା ୪୪୩ଟି ମିଶାଇ ମୋଟ ୧୯୭୧ଟି ମାମଲାର ଫଇସଲା କରାଯାଇ ମୋଟ ୨, ୭୪, ୧୨, ୫୭୫ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି। ଏହି ଦୁଇ ବର୍ଗର ମୋଟ ୫୨୮୪ ଗୋଟି ମାମଲା ମଧ୍ୟରୁ ୨୨୬୧ଟି ମାମଲା ଫଇସଲା କରାଯାଇ ମୋଟ ୪, ୫୩, ୫୦, ୬୫୮ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ଜିଲ୍ଲା ଆଇନ ସେବା ପ୍ରାଧାକରଣର ସଚିବ ପୁନମ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତରେ ପରିବାର ଅଦାଲତ ଜଜ ବିରଞ୍ଚି ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସତ୍ୟନାରାୟଣ ପାତ୍ର, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୁମନ କୁମାର ମିଶ୍ର, ସିନିୟର ସିଭିଲ୍ ଜଜ (ଏଲ୍‌ଆର ଓ ଏଲଟିଭି) ସୁଦାମ ଚରଣ ଦାଶ, ସିନିୟର ସିଭିଲ ଜଜ ନିରଞ୍ଜନ ପାତ୍ର, ଅତିରିକ୍ତ ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟରସିଭିଲ ଜଜ କୈଳାସ ସାହୁ, ରେଜିଷ୍ଟ୍ରାର ନିହାର ରଞ୍ଜନ ସାହୁ, ଏସଡିଜେଏମ ସୁଭାସିନୀ ବେହେରା, ଜେଏମଏଫସି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଶ୍ରୀପଣ୍ଡା ମହାପାତ୍ର, ଦୀପାଳି ଦାସ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବି ତାପସ କୁମାର ଦତ୍ତ, ପ୍ରଦୀପ କୁମାର ଜେନା, ସୁନୀଲ କୁମାର ଜେନା, ରାଜକିଶୋର ବାରିକ ଓ ଜୟଶ୍ରୀ ଦାସ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବି ତଥା ବିଭିନ୍ନ ରାଷ୍ଟ୍ରାୟତ/ ଘରୋଇ ବ୍ୟାଙ୍କ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ତୃତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ୩୧୫/ ୯

**ହାମିଲଟନ, ୧୪।୧୨(ଏଜେନ୍ସି):** ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଶନିବାରଠାରୁ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦୁଇଟି ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଏହି ଟେଷ୍ଟ ଜିତି ନ୍ୟୁଜିଲାଣ୍ଡ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବାକୁ ପ୍ରୟାସ କରିବ। ଟସ୍ ଜିତି ଇଂଲଣ୍ଡ ନ୍ୟୁଜିଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପ୍ରଥମ ପାଳି ଆରମ୍ଭ କରି ନ୍ୟୁଜିଲାଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୨ ଓଭରରେ ୯ ୱିକେଟ ହରାଇ ୩୧୫ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମିଚେଲ ସାଣ୍ଟନର ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ୱିଲିୟମ ଓ'ରୁର୍କ ବିନା ସ୍କୋରରେ ଅପରାଜିତ ରହିଛନ୍ତି।

### ଲାଥମ, ସାଣ୍ଟନରଙ୍କ ଅର୍ଦ୍ଧଶତକ

ଦଳ ନିୟମିତ ଅନ୍ତରରେ ୱିକେଟ ହରାଇଥିଲେ ମଧ୍ୟ ବ୍ୟାଟରମାନେ ଅଳ୍ପବହୁତ ରନ୍ ସଂଗ୍ରହ କରି ଦଳର ସ୍କୋରକୁ ୩୦୦ ରନ ପାର କରାଇଥିଲେ। ଏହି କ୍ରମରେ ଓପନର ତଥା ଅଧିନାୟକ ଟମ୍ ଲାଥମ ୬୩, ୱିଲି ୟଙ୍ଗ ୪୨, ଅଭିଜ୍ଞ କେନ୍ ୱିଲିୟମସନ ୪୪, ଟିମ୍ ସାଉଦି ୨୩, ୱିକେଟରକ୍ଷକ ବ୍ୟାଟର ଟମ୍ ବ୍ଲଣ୍ଡେଲ ୨୧, ରଚିନ ରବୀନ୍ଦ୍ର ୧୮, ଡାରିଲ ମିଚେଲ ୧୪ ରନକରି ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ମାଥ୍ୟୁ ପଟ୍ସ ଓ ଗସ୍ ଅଟକିନସନ ୩ଟି ଲେଖାଏ, ବ୍ରାଇଡନ କାର୍ସ ୨ ଓ ବେନ ଷ୍ଟୋକ୍ସ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଇଂଲଣ୍ଡ ପ୍ରଥମ ଟେଷ୍ଟରେ ୮ ୱିକେଟରେ ଓ ଦ୍ୱିତୀୟରେ ୩୨୩ ରନରେ ବିଜୟ ହାସଲ କରିଥିଲା।

■ ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ

## ଓଡ଼ିଶା ବିପକ୍ଷରେ ମୁମ୍ବାଇ ବିଜୟୀ

**ଭୁବନେଶ୍ୱର, ୧୪।୧୨(ସମିସ):** ବରିଷ୍ଠ ମହିଳା ଜାତୀୟ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇ ନିକଟରୁ ୬୭ ରନ୍‌ରେ ଓଡ଼ିଶା ପରାଜିତ ହୋଇଛି। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଦଳ ୪୭.୨ ଓଭରରେ ୧୬୫ ରନ୍



କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବୃଶାଲୀ ଭଗତ ସର୍ବାଧିକ ୫୫ ଓ ଏମ୍ ଦକ୍ଷିଣୀ ଅପରାଜିତ ୩୬ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଭଲ ବୋଲିଂ କରିଥିବା ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଜ୍ୟୋତି ପ୍ରସାଦ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ତରନ୍ନା ପ୍ରଧାନ, ରୀମାଲକ୍ଷ୍ମୀ ଏକ୍କା ଓ ସଙ୍ଗୀତା ଖାଡ଼ିଆଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ଓଡ଼ିଶା ୧୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମାତ୍ର ୩୦.୩ ଓଭରରେ ୯୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ସୁଶ୍ରୀ ବ୍ୟାଟିଂରେ ମଧ୍ୟ କମାଲ ଦେଖାଇ ଦଳ ପକ୍ଷରୁ ସର୍ବାଧିକ ୪୪ ରନ୍ କରିଥିଲେ। ସେ ୫୦ ବଲ୍ ଖେଳି ୫ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋନାଲିସା ରାଉତ ୧୦ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଓଡ଼ିଶାର ପ୍ରଥମ ୩ଜଣ ବ୍ୟାଟର ମାଧୁରୀ ମେହେଟା ୧, ସରିତା ମେହେର ୨ ଓ ସଙ୍ଗୀତା ଖାଡ଼ିଆ ଶୂନ୍ ରନ୍‌ରେ ଆଉଟ ହୋଇଥିଲେ। ମୁମ୍ବାଇ ପକ୍ଷରୁ ଜାହ୍ନବୀ ୩ଟି, ଦକ୍ଷିଣୀ ଓ ସାୟଲି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୬ଷ୍ଠ ଲିଗ୍ ମ୍ୟାଚ୍ ପରେ ଓଡ଼ିଶା ୩ଟି ବିଜୟ ଓ ୩ଟି ପରାଜୟ ବରଣ କରିଛି।

■ ଜାତୀୟ କାନୋଏ ସ୍ପ୍ରିଣ୍ଟ ଚାମ୍ପିଅନସିପ୍

## ଓଡ଼ିଶାକୁ ୪ ସ୍ୱର୍ଣ୍ଣ ସହ ୧୭ ପଦକ



**ଭୁବନେଶ୍ୱର, ୧୪।୧୨(ସମିସ):** ଉତ୍ତରାଖଣ୍ଡରେ ଚାଲିଥିବା ୩୫ତମ ଜାତୀୟ ବରିଷ୍ଠ କାନୋଏ ସ୍ପ୍ରିଣ୍ଟ ଚାମ୍ପିଅନସିପ୍ ଶନିବାର ଶେଷ ହୋଇଛି। ଏଥିରେ ଓଡ଼ିଶାର କାନୋଏ ସ୍ପ୍ରିଣ୍ଟରମାନେ ଚମତ୍କାର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ୪ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୭ଟି କାଂସ୍ୟ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହି ସଫଳତା ବଳରେ ଦଳ ଜାତୀୟ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିଛି। ଓଡ଼ିଶା ପକ୍ଷରୁ ୪ଟି ବିଭାଗରେ ମହିଳା ପ୍ରତିଯୋଗୀମାନେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଇନାମ ବିଦ୍ୟା ଦେବୀ ଏକାକୀ ୩ଟି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। କେ-୪ ମହିଳା ୧୦୦୦ ମିଟରରେ ବିଦ୍ୟା ଦେବୀ, ଶ୍ରୁତି ଚୌଗୁଲେ, ଲିଚେନବାମ ସୋନିଆ ଓ ଧନମଞ୍ଜରୀ ଦେବୀ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। କେ-୨ ମହିଳା ୧୦୦୦ ମିଟରରେ ବିଦ୍ୟା ଦେବୀ ଓ ବିନିତା ଚାନୁ, କେ-୪ ମହିଳା ୫୦୦ ମିଟରରେ ବିଦ୍ୟା ଦେବୀ, ଶ୍ରୁତି ଚୌଗୁଲେ, ଓଇନାମ ବିନିତା ଚାନୁ ଓ କେ. ଧନମଞ୍ଜରୀ ଦେବୀ ଏବଂ ସି-୨ ମହିଳା ୫୦୦ ମିଟରରେ ରଶ୍ମିତା ସାହୁ ଓ ସାନତୋମ୍ବି ଦେବୀ ସ୍ୱର୍ଣ୍ଣପଦକ ଜିତି ଓଡ଼ିଶାର ଗୌରବ ବଢ଼ାଇଛନ୍ତି।

### ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପନ ଆଜି

# ପୁରୁଷ ଏକକରେ ରିଥଭିକ୍-ଥାରୁନ ଫାଇନାଲ

**ଭୁବନେଶ୍ୱର, ୧୪।୧୨(ସମିସ):** କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ସୁପର ୧୦୦ ଓଡ଼ିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଓ ମହିଳା ବିଭାଗର ଏକକ ଓ ଯୁଗଳ ଏବଂ ମିଶ୍ରିତ ଯୁଗଳ ଇଭେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ସବୁ ବିଭାଗର ଫାଇନାଲ ମ୍ୟାଚ୍ ଖେଳାଯିବ। ପୁରୁଷ ଏକକରେ ଦୁଇ ଭାରତୀୟ ଖେଳାଳି ରିଥଭିକ୍ ସଞ୍ଜିବୀ ଓ ଥାରୁନ ମାନ୍ନେପାଲି ଟାଇଟଲ ପାଇଁ ମୁହାଁମୁହିଁ ହେବେ। ଶନିବାର ଖେଳାଯାଇଥିବା ସେମିଫାଇନାଲରେ ରିଥଭିକ୍ ୨୧-୧୭, ୨୧-୧୪ରେ ଅଷ୍ଟମ ସିଡ ଥାଇଲାଣ୍ଡର ପନିତଚାଫନ ତିରାରାସାକୁଲଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ସେହିପରି ଥାରୁନ୍ ୧୨-୨୧, ୨୧-୧୯, ୨୧-୧୨ରେ ନିଜ ଦେଶର ଷଷ୍ଠ ସିଡ୍ ଖେଳାଳି ସତିଶ କରୁଣାକରନଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି।




### ମହିଳା ଫାଇନାଲରେ ତନଭି- ୟାନୟାନ

ଅପରପକ୍ଷରେ ମହିଳା ଏକକ ସେମିରେ ଭାରତର ତନଭି ଶର୍ମା ଓ ଚୀନର କାଇ ୟାନୟାନ ଟାଇଟଲ ପାଇଁ ଫାଇନାଲରେ ପରସ୍ପରକୁ ଭେଟିବେ। ତନଭି ୨୧-୧୯, ୨୧-୧୯ରେ ନିଜ ଦେଶର ଶ୍ରିୟାଂସି ବାଲିସେଟ୍ଟୀଙ୍କୁ ପରାସ୍ତ କରି ଏବଂ ୟାନୟାନ ୨୧-୧୭, ୨୧-୧୯ରେ ଜାପାନର ସୋରାନୋ ୟୋସିକାୱାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଯୁଗଳ ଇଭେଣ୍ଟରେ ଚୀନର ଡି ହୁଆଙ୍ଗ ଓ ଲିୟୁ ୟାଙ୍ଗ୍ ଏବଂ ଜାପାନର କାକେରୁ କୁମାଗାଇ ଓ ହିରୋକି ନିଶି ଟାଇଟଲ ପାଇଁ ଫାଇନାଲରେ ମୁହାଁମୁହିଁ ହେବେ। ଏହି ଜାପାନ ଯୋଡି ଶନିବାର ସେମିଫାଇନାଲରେ ଭାରତର ପୃଥ୍ୱୀ ରଏ ଓ କେ ସାଇ ପ୍ରତିକଙ୍କୁ ୧୬-୨୧, ୨୧-୧୯, ୨୨-୨୦ରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ସେହିପରି ମହିଳା ଯୁଗଳ ପ୍ରତିଯୋଗିତାରେ ଜାପାନର ହାରା ନାନାକୋ ଓ କିଓସେ ରିକୋ ଏବଂ ଚୀନର କେଙ୍ଗ ଶୁଲିଆଙ୍ଗ୍ ଓ ୱାଙ୍ଗ ତିଙ୍ଗେ ଫାଇନାଲରେ ପରସ୍ପରକୁ ଭେଟିବେ। ସେମିରେ ଜାପାନ ଯୋଡି ୨୧-୧୭, ୨୧-୧୪ରେ ଷଷ୍ଠ ସିଡ ଭାରତୀୟ ଯୋଡି ଗାୟତ୍ରୀ ରାୱତ ଓ ମନସା ରାୱତଙ୍କୁ ହରାଇ ଏବଂ ଚୀନ୍ ଯୋଡି ୨୧-୭, ୨୨-୨୪, ୨୧-୧୭ରେ ଚତୁର୍ଥ ସିଡ୍ ଭାରତର କେ ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି।

ଅପରପକ୍ଷରେ ମିଶ୍ରିତ ଯୁଗଳ ଇଭେଣ୍ଟରେ ଚୀନ୍‌ର ଜିଆଜୁଆନ ଗାଓ ଓ ରୁଇଝି ଟାଙ୍ଗ ଏବଂ ସିଙ୍ଗାପୁରର ହି ତେରି ଓ ୟୁଜିଆ ଜିନ୍ ଫାଇନାଲରେ ପରସ୍ପରକୁ ଭେଟିବେ। ଷଷ୍ଠ ସିଡ୍ ଏହି ସଙ୍ଗାପୁର ଯୋଡି ୨୧-୧୪, ୧୮-୨୧, ୨୧-୧୯ରେ ଦ୍ୱିତୀୟ ସିଡ୍ ଭାରତୀୟ ଯୋଡି ରୋହନ କପୁର ଓ ରୁଥଭିକା ଗାଡେଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି।

**ସର୍ବଭାରତୀୟ ସବ୍ ଜୁନିଅର କରାଟେ**

## ପ୍ରଥମ ଦିନରେ ଓଡ଼ିଶାକୁ ୧୫ ପଦକ



**ଭୁବନେଶ୍ୱର, ୧୪।୧୨(ସମିସ):** କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ଆନୁକୂଲ୍ୟରେ ନୂଆଦିଲ୍ଲୀ ସ୍ଥିତ ତାଲକୋଟରା ଇଣ୍ଡୋର ଷ୍ଟାଡୟମରେ ଶନିବାରଠାରୁ ସର୍ବଭାରତୀୟ ସବ୍ ଜୁନିଅର କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି। ୬ରୁ ୧୩ ବର୍ଷ ବାଳକ ଓ ବାଳିକା ଏହି ପ୍ରତିଯୋଗିତାରେ ପ୍ରଥମ ଦିନରେ ଓଡ଼ିଆ ପ୍ରତଯୋଗୀମାନେ ୧୫ଟି ପଦକ ଜିତିଛନ୍ତି। ଓଡ଼ିଶାର ଚିତ୍ରାକ୍ଷ ଦାସ, ନକ୍ସ ପୋଦ୍ଦାର, ଆଶିଷ ପଣ୍ଡା, ଅଭିଜ୍ୱାଲା ମହାନ୍ତି ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି କୌଭବ ପଟ୍ଟନାୟକ, ହର୍ଷଦ କୁମାର, ଶ୍ରେୟାଂଶୁ ସାହୁ, ସୌମ୍ୟ ରଞ୍ଜନ ପାତ୍ର, ପିୟୂଷ ରଞ୍ଜନ ସାହୁ, ଶିବକୃପା ମିଶ୍ର, ଅଭିଯୁକ୍ତ ମିଶ୍ର, ମେହୁଲ ପରିଡ଼ା ଗୋଟିଏ ଲେଖାଏ ରୌପ୍ୟ ପଦକ ଜିତିଛନ୍ତି। ଅନ୍ୟପଟେ ନୀତିକ ମହନ୍ତ, ଆରିଆନ ମହାନ୍ତି ଗୋଟିଏ ଲେଖାଏ କାଂସ୍ୟ ପଦକ ହାସଲ କରିଛନ୍ତି। ସବ ଜୁନିଅର ବାଳକ ଟିମ୍ କାଟାରେ ଶିବକୃପା ମିଶ୍ର, ଅପିତ ଦାସ, ଦେବେନ୍ଦ୍ର ପରିଡ଼ା ଓ ସୌର୍ଯ୍ୟ ଚନ୍ଦ୍ରକା କାଂସ୍ୟ ପଦକ ହାସଲ କରିଛନ୍ତି। ପଦକ ବିଜୟୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା କରାଟେ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଛି।

## ପାକିସ୍ତାନ ୭ ୱିକେଟରେ ପରାସ୍ତ

**ସେଞ୍ଚୁରିଅନ, ୧୪।୧୨(ଏଜେନ୍ସି):** ପାକିସ୍ତାନ ବିପକ୍ଷ ହାଇସ୍କୋରିଂ ଦ୍ୱିତୀୟ ଟି-୨୦ ମୁକାବିଲାରେ ଘରୋଇ ଦକ୍ଷିଣ ଆଫ୍ରିକା ୩ ବଲ୍ ବାକିଥାଇ ୭ ୱିକେଟରେ ବିଜୟୀ ହୋଇଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ଟି-୨୦ ସିରିଜରେ ଦକ୍ଷିଣ ଆଫ୍ରିକା ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ୍ ହାତେଇ ନେଇଛି। ପୂର୍ବରୁ ପ୍ରଥମ ଟି-୨୦ରେ ଦକ୍ଷିଣ ଆଫ୍ରିକା ୧୧ ରନରେ ଜିତିଥିଲା। ସ୍ଥାନୀୟ ସୁପର ସ୍ପୋର୍ଟ ପାର୍କ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୯.୩ ଓଭରରେ ୩ ୱିକେଟ ହରାଇ ୨୧୦ ରନକରି ବିଜୟୀ ହୋଇଥିଲା। ୨୦୨୨ ପରେ ଦକ୍ଷିଣ ଆଫ୍ରିକା ପ୍ରଥମ ଦ୍ୱିପାକ୍ଷିକ ଟି-୨୦ ସିରିଜରେ ବିଜୟ ହାସଲ କରିଛି। ୧୧୭ ରନର ବିସ୍ଫୋରକ ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଦକ୍ଷିଣ ଆଫ୍ରିକା ଓପନର ରିଜା ହେଣ୍ଡ୍ରିକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ହେଣ୍ଡ୍ରିକ୍ସ କ୍ୟାରିଅରର ପ୍ରଥମ ଟି-୨୦ ଶତକ ଅର୍ଜନ କରିଛନ୍ତି।

ଜାତୀୟ ମହିଳା ଫୁଟବଲ |

## ମଣିପୁରଠୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୧୪।୧୨(ସମିସ):** ୨୯ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ ଜିଜାବାଇ ଟ୍ରଫିରେ ଓଡ଼ିଶା ପ୍ରଥମ ପରାଜୟ ବରଣ କରିଛି। ଏହି ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିବା ପରେ ଛତିଶଗଡ଼ର ଆରକେଏମ୍ ଆଶ୍ରମ ଗ୍ରାଉଣ୍ଡରେ ପ୍ୟାରୀ ଖାଖାଙ୍କ ନେତୃତ୍ୱାଧୀନ ଓଡ଼ିଶା ୦-୨ ଗୋଲରେ ମଣିପୁରଠାରୁ ପରାଜିତ ହୋଇଥିଲା। ଜାତୀୟ ମହିଳା ଫୁଟ୍‌ବଲରେ ଓଡ଼ିଶା ଓ ମଣିପୁର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ବିବେଚିତ। ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ଜୋର ଦେଇ ଲଢ଼ିଥିଲେ। କିନ୍ତୁ କେହି କାହାରିକୁ ଗୋଲ ଦେବାରେ ସମର୍ଥ ହୋଇପାରି ନଥିଲେ। ଦ୍ୱିତୀୟାର୍ଦ୍ଧର ୫୮ତମ ମିନିଟ୍‌ରେ ମଣିପୁର ପ୍ରଥମ ଗୋଲ ଦେବାରେ ସମର୍ଥ ହୋଇଥିଲା। ଦଳର ତାରକା ଖେଳାଳି ହେମମ ସିଲକି ଦେବୀ ପ୍ରଥମ ଓ ୭୮ତମ ମିନିଟ୍‌ରେ ବଦଳ ଖେଳାଳି ଲାଇଶ୍ରମ ବିବିଛା ଦେବୀ ଦଳପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।






# ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଫାଇନାଲ୍ ଆଜି

**ନନ୍ଦନକାନନ, ୧୪।୧୨(ସମିସ):** ଭୁବନେଶ୍ୱର ଉତ୍ତର ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଗ୍ରାମାଞ୍ଚଳ 'କ' ବିଭାଗରେ ବରାହୀପୁର ବନାମ ଜୟପୁର, 'ଖ' ବିଭାଗରେ ପଦ୍ମକେଶରୀପୁର ବନାମ ଗବବସ୍ତ, ସହରାଞ୍ଚଳ ବିଭାଗରେ କୋଲକାତା କାମେରୁନ୍-୧୧ ବନାମ ସନ୍‌ରାଇଜ୍ କ୍ଲବ୍ (କଟକ) ମଧ୍ୟରେ ଅନୁଷ୍ଠିତ ହେବ। ରବିବାର ଶେଷ ଦିନରେ ୩ଟି ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି। ଶନିବାର ୩ଟି ସେମି ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଟୁର୍ଣ୍ଣାମେଣ୍ଟର ସପ୍ତମ ଦିନରେ ଖେଳାଯାଇଥିବା ସହରାଞ୍ଚଳ ସେମି ଫାଇନାଲ୍ ମ୍ୟାଚ୍‌ରେ କୋଲକାତା କାମେରୁନ୍-୧୧ ସହିତ ୱାଇଡିସି ମଣିପୁର ମଧ୍ୟରେ ଜୋର୍‌ଦାର ସଂଘର୍ଷ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ୫-୪ ଗୋଲ୍‌ରେ ଟାଇବ୍ରେକର ଜରିଆରେ କୋଲକାତା ଦଳ ମଣିପୁରକୁ ହରାଇ ଫାଇନାଲ୍ ଖେଳିବାର ସୁଯୋଗ ହାସଲ କରିଥିଲା।

| |
|---|
| ସନ୍‌ରାଇଜ୍ ବନାମ କାମେରୁନ |
| ଜୟପୁର ବନାମ ବାରାହୀପୁର |
| ପଦ୍ମକେଶରୀପୁର ବନାମ ଗବବସ୍ତ |



ସେହିପରି ଗ୍ରାମାଞ୍ଚଳ ବିଭଗରେ ପ୍ରଥମ ମ୍ୟାଚ୍‌ଟି ବନ ମହାବୀର କ୍ଲବ୍ ଜୟପୁର ସହିତ ମୁଣ୍ଡମୁହାଣ କ୍ଲବ୍ ମଧ୍ୟରେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଟାଇ ବ୍ରେକର ଜରିଆରେ ଜୟପୁର ୪-୩ ଗୋଲ୍‌ରେ ମୁଣ୍ଡମୁହାଣକୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି। ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍‌ରେ ବରାହୀପୁର ୩-୧ ଗୋଲ୍‌ରେ ମା' ମଙ୍ଗଳା କ୍ଲବ୍ (ଗୋଠପୁର)କୁ ହରାଇ ଜୟପୁର ସହିତ ଫାଇନାଲ୍ ଖେଳିବା ପାଇଁ ନିଜର ସ୍ଥାନ ସୁରକ୍ଷିତ କରିଛି। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବରେ ସୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଶ୍ରୀମୟୀ ମିଶ୍ର, ଇପ୍ସିତା ସାହୁ, ଭୋଳାନାଥ ମହାରଣା, ନୁର୍ ହାସନ, ସନ୍ତୋଷ ନାଥ, ବାସୁଦେବ ରାଉତ, ମନୋରଞ୍ଜନ ଦାସ, ଭାସ୍କର ପଡ଼ିହାରୀ, ଜିତେନ୍ଦ୍ର ସେନାପତି, ପ୍ରଶାନ୍ତ ପଡ଼ିହାରୀ, ନୃସିଂହ ଖାଡ଼େଙ୍ଗା, ସନ୍ତୋଷ ନାଥ ଯୋଗଦେଇଥିଲେ। ମ୍ୟାଚ୍‌ଗୁଡ଼ିକୁ ରେଫରୀ ସୁଦୀପ ଦାସ, ଶିବ ଶଙ୍କର ପଣ୍ଡା, ବ୍ରହ୍ମାନନ୍ଦ ଭୋଇ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳକୁ ପରିଚାଳନା କରିଥିବାବେଳେ ରଙ୍ଗନିଧି ରାଉତ ଧାରାବିବରଣୀ ଦେଇଥିଲେ।




ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ

ମହାଶୟା/ମହାଶୟ,
ଚଳିତ ବର୍ଷ ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ଆସନ୍ତା ୧୫ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ହାବେଳୀ ପଡ଼ିଆ ଠାରେ ମହାସମାରୋହରେ ଅନୁଷ୍ଠିତ ହେବାକୁ ଯାଉଅଛି।

ଆପଣମାନଙ୍କର ଉପସ୍ଥିତି
ଓ ସହଯୋଗ ଏକାନ୍ତକାମ୍ୟ।

।। ଇତି ।।
ଆପଣଙ୍କ ଅପେକ୍ଷାରେ

ନରେନ୍ଦ୍ର ପୃଷ୍ଟି, ସାଧାରଣ ସଂପାଦକ
ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ସଭାପତି
ନିକୁଞ୍ଜ ପଟ୍ଟନାୟକ, ମୁଖ୍ୟ ସଂଯୋଜକ
ଡ. ସଞ୍ଜୟ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି

## ମହିଳା କନିଷ୍ଠ ଏସିଆ କପ୍ ହକି

# ଭାରତ-ଚୀନ୍ ଫାଇନାଲ ଆଜି

ମସ୍କଟ, ୧୪ା୧୨(ଏଜେନ୍ସି): ଓମାନ ରାଜଧାନୀ ମସ୍କଟରେ ଚାଲିଥିବା ମହିଳା କନିଷ୍ଠ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ୯ମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲ ମୁକାବିଲାରେ ଭାରତ ୩-୧ ଗୋଲରେ ଜାପାନକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଫାଇନାଲ ଟିକଟ ହାସଲ କରିଛି। ଭାରତ ରବିବାର ଟାଇଟଲ ପାଇଁ ଫାଇନାଲରେ ଦ୍ୱିତୀୟ ସେମିଫାଇନାଲର ବିଜେତା ଚୀନ୍‌କୁ ଭେଟିବ। ଚୀନ୍ ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିରେ ୪-୧ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଫାଇନାଲକୁ ଉଠିଛି। ଗତ ୨୦୨୩ ସଂସ୍କରଣରେ ଭାରତ ପ୍ରଥମଥର ପାଇଁ ଚାମ୍ପିଅନ ହୋଇଥିଲା। ସେହିପରି ୩ଥର ଟାଇଟଲ ଜିତି ଚୀନ୍ ଦ୍ୱିତୀୟସଫଳତମ ଦଳର ମାନ୍ୟତା ପାଇଛି।

ସ୍ଥାନୀୟ ହକି ଓମାନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। ଭାରତ ପ୍ରଥମ କ୍ୱାର୍ଟରରେ ହିଁ ୩ଟି ଗୋଲ ଦେଇଥିଲା। ଚତୁର୍ଥ ମିନିଟ୍‌ରେ ମୁମ୍‌ତାଜ ଖାନ୍ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ୫ମ ମିନିଟ୍‌ରେ ସାକ୍ଷୀ ରାଣା ଫିଲ୍ଡ ଗୋଲ ଦେଇଥିବା ବେଳେ ତ୍ରୟୋଦଶ ମିନିଟ୍‌ରେ ଦୀପିକା ପେନାଲ୍ଟି ସୁଟ୍‌ରେ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ୨୩ତମ ମିନିଟ୍‌ରେ ଜାପାନ ତରଫରୁ ନିକୋ ମାରୁଆମା ଏକମାତ୍ର ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ। ଏହାପରେ ତୃତୀୟ କ୍ୱାର୍ଟରରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଗୋଲ ସ୍କୋର ହୋଇ ନଥିଲା। ଚତୁର୍ଥ କ୍ୱାର୍ଟରରେ ଜାପାନ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ୪୮ତମ ମିନିଟ୍‌ରେ ଜାପାନ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଲ ଦେଇପାରି ନଥିଲା।





## ମହିଳା ପ୍ରିମିୟର ଲିଗ୍ ଖେଳାଳି ନିଲାମୀ ଆଜି

# ମାଧୁରୀ, ରାମେଶ୍ୱରୀ ଓ ରିମାଙ୍କ ଭାଗ୍ୟ ପରୀକ୍ଷା

ବେଙ୍ଗାଲୁରୁ, ୧୪ା୧୨(ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ର ଆଗାମୀ ତୃତୀୟ ସଂସ୍କରଣ ଲାଗି ରବିବାର ଏଠାରେ ଖେଳାଳି ନିଲାମୀ ଆୟୋଜନ ହେବ। ଆସନ୍ତାବର୍ଷ ଫେବୃଆରୀ ୨୧ରୁ ମାର୍ଚ୍ଚ ୧୬ ତାରିଖ ମଧ୍ୟ ଏହି ଡବ୍ଲ୍ୟୁପିଏଲ୍ ଖେଳାଯିବ। ଏହି ନିଲାମୀରେ ୩ ଜଣ ଓଡ଼ିଆ ମହିଳା କ୍ରିକେଟର ସ୍ଥାନ ପାଇଛନ୍ତି। ସେମାନେ ହେଉଛନ୍ତି ମାଧୁରୀ ମେହେଟ୍ଟା, ରାମେଶ୍ୱରୀ ନାୟକ ଓ ରିମାଲକ୍ଷ୍ମୀ ଏକ୍କା। ଜଣେ ସଫଳ ବ୍ୟାଟର ଭାବେ ୩୩ ବର୍ଷୀୟା ମାଧୁରୀ ଅନ୍ତର୍ଜାତୀୟ କ୍ରିକେଟ ଖେଳିଛନ୍ତି। ମାଧୁରୀ ଦୁଇଟି ମହିଳା ଦିନିକିଆ ଓ ୩ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସେହିପରି ଜଣେ ଡାହାଣହାତୀ ଦ୍ରୁତ ବୋଲର ଭାବେ ରିମାଲକ୍ଷ୍ମୀ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ଏକାଧିକ ମ୍ୟାଚ୍ ଖେଳିଛନ୍ତି। ସେହିପରି ରାମେଶ୍ୱରୀ ନାୟକ ଡାହାଣହାତୀ ଦ୍ରୁତ ବୋଲର ଭାବେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ବେଶ୍ ସଫଳତା ହାସଲ କରିଛନ୍ତି। ୨୦୨୩ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଓ ୨୦୨୪ରେ ରୟାଲ ଚ୍ୟାଲେଞ୍ଜର ବେଙ୍ଗାଲୁରୁ ଚାମ୍ପିଅନ ହୋଇଥିଲା। ଏହି ମିନି ଖେଳାଳି ନିଲାମୀରେ ୯୧ ଭାରତୀୟ, ୨୯ ଜଣ ବିଦେଶୀ ଖେଳାଳିଙ୍କ ସହ ମୋଟ୍ ଉପରେ ୧୨୦ ଜଣଙ୍କ ନାମ ବିଚାରକୁ ନିଆଯିବ। ଏହି ନିଲାମୀରେ ୧୪ ବର୍ଷୀୟା ଇରା ଯାଦବ ଓ ଅଂଶୁ ନାଗର ସର୍ବକନିଷ୍ଠ ଖେଳାଳି ଭାବେ ଅଂଶଗ୍ରହଣ କରିବେ। ୩୪ ବର୍ଷୀୟା ହିଥର ନାଇଟ୍ ଓ ଲଉରା ହ୍ୟାରିସ୍ ମଧ୍ୟ ଏଥିରେ ଭାଗ ନେବେ।

## ଓଡ଼ିଶା ଜିଏମ୍ ଚେସ୍ ମହୋତ୍ସବ ଆଜିଠୁ

କଟକ, ୧୪ା୧୨(ସମିସ): ଅଲ ଓଡ଼ିଶା ଚେସ ସଂଘ ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆସନ୍ତାକାଲିଠାରୁ ୪୦ ଲକ୍ଷ ପୁରସ୍କାର ବିଶିଷ୍ଟ ଓଡ଼ିଶା ଜିଏମ୍ ଚେସ ମହୋତ୍ସବ ଆରମ୍ଭ ହେବ। ଏହି ପ୍ରତିଯୋଗିତା ୩ଟି କାଟାଗୋରୀରେ ଖେଳାଯିବ। ଏହା ମଧ୍ୟରୁ ମୁଖ୍ୟ ବା କାଟାଗୋରୀ-ଏ' ୧୦ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ସ୍ୱିସ୍ ପ୍ରଣାଳୀରେ ସମ୍ ହସ୍ପିଟାଲ ନିକଟସ୍ଥ ସୋଆ କ୍ୟାମ୍ପସ-୨'ରେ ଖେଳାଯିବ। ଡିସେମ୍ବର ୨୨ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୦ଟି ଦେଶରୁ ୧୫ଜଣ ଗ୍ରାଣ୍ଡମାଷ୍ଟର ଓ ୨୭ଜଣ ଅନ୍ତର୍ଜାତୀୟ ମାଷ୍ଟର ଅଂଶଗ୍ରହଣ କରୁଛନ୍ତି। ୨୫୬୯ ରେଟିଂପ୍ରାପ୍ତ ଭାରତୀୟ ଗ୍ରାଣ୍ଡମାଷ୍ଟର ଦୀପ୍ତାୟନ ଘୋଷ ଏଥିରେ ଟପ୍ ସିଡ୍ ରହିଛନ୍ତି। ତାମିଲନାଡୁର ଇନିଆନ ପା' ଦ୍ୱିତୀୟ ସିଡ୍ (ରେଟିଂ-୨୫୧୩) ଓ ୨୫୦୭ ରେଟିଂପ୍ରାପ୍ତ ପଶ୍ଚିମବଙ୍ଗର ମିତ୍ରଭା ଗୁହା ତୃତୀୟ ସିଡ୍ ରହିଛନ୍ତି। ୨୫୦୦ରୁ ଅଧିକ ରେଟିଂପ୍ରାପ୍ତ ଖେଳାଳି ୩ଜଣ ଅଛନ୍ତି। ୨୪୦୦ କିମ୍ବା ତା'ଠାରୁ ଅଧିକ ରେଟିଂପ୍ରାପ୍ତ ଖେଳାଳିଙ୍କ ସଂଖ୍ୟା ୧୨ ରହିଛି। ଏମାନଙ୍କ ମଧ୍ୟରେ ୩ଜଣ ବିଦେଶୀ ଖେଳାଳି ଅଛନ୍ତି। ଟୁର୍ଣ୍ଣାମେଣ୍ଟର ହାରହାରି ରେଟିଂ ହେଉଛି ୨୧୦୮। କାଟାଗୋରୀ ଏ ଓ ବି ଏକସଙ୍ଗେ ଖେଳାଯିବ। ପରେ କାଟାଗୋରୀ ସି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ସହଯୋଗୀ ପ୍ରାୟୋଜକ ଏମ୍ପିଓ ମୁଖ୍ୟ ଡା. ଅବିନାଶ ସାମଲ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ଭାବେ ଅଲ୍‌ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ରହିଛନ୍ତି। ଇଣ୍ଟରନ୍ୟାସନାଲ ଆର୍ବିଟର ଆରୋକିଆ ରାଜ ଏସ୍ ପଲ୍ ଏହାର ଚିଫ୍ ଆର୍ବିଟର ରହିଛନ୍ତି।

## ■ ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ

# ପ୍ରଥମ ଦିନରେ ବର୍ଷା ବାଧକ

ବ୍ରିସ୍‌ବେନ୍, ୧୪ା୧୨(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମୁକାବିଲା ସ୍ଥାନୀୟ ଗାବ୍‌ବା ଷ୍ଟାଡିୟମ୍‌ରେ ଶନିବାର ଆରମ୍ଭ ହୋଇଛି। କିନ୍ତୁ ଖେଳ ଆରମ୍ଭର ୧୩.୨ ଓଭର ପରେ କ୍ରମାଗତ ବର୍ଷା ଯୋଗୁଁ ଏହି ଟେଷ୍ଟର ପ୍ରଥମ ଦିନ ଖେଳ ବାଧାପ୍ରାପ୍ତ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଅଷ୍ଟ୍ରେଲିଆ ଦଳ କୌଣସି ୱିକେଟ ନ ହରାଇ ୨୮ ରନ୍ ସଂଗ୍ରହ କରିନେଇଛି। ବର୍ଷା ଯୋଗୁଁ ଖେଳ ବନ୍ଦ ରହିଲାବେଳେକୁ ଯୁବ ଓପନର ନାଥାନ ମ୍ୟାକ୍‌ସ୍ୱୀନୀ ୩୩ଟି ବଲ୍ ଖେଳି ୪ ଓ ଉସ୍‌ମାନ ଖୱାଜା ୪୭ଟି ବଲ ଖେଳି ୩ ଚୌକା ସହ ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ପିଚ୍‌ରୁ କୌଣସି ସହାୟତା ବୋଲରଙ୍କୁ ମିଳି ନ ଥିଲା। କିନ୍ତୁ ଭାରତୀୟ ବୋଲରମାନେ ଚମତ୍କାର ଲାଇନ୍ ଓ ଲେନ୍ଥରେ ବୋଲିଂ କରି ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ। ଭାରତ ପକ୍ଷରୁ ଉପଅଧିନାୟକ ଯଶପ୍ରୀତ ବୁମ୍‌ରା ୬ ଓଭର ବୋଲିଂ କରି ୩ଟି ମେଡେନ ସହ ୮ ଓ ମହମ୍ମଦ୍ ସିରାଜ ୪ ଓଭର ବୋଲିଂ କରି ୨ଟି ମେଡେନ ସହ ୧୩ ରନ୍ ଦେଇଛନ୍ତି। ତୃତୀୟ ଫାଷ୍ଟ ବୋଲର ଆକାଶ ଦୀପ ୩.୨ ଓଭର ବୋଲିଂ କରି ୨ଟି ମେଡେନ୍ ସହ ମାତ୍ର ୨ ରନ୍ ଦେଇଥିଲେ। ପ୍ରଥମ ୧୩.୨ ଓଭର ପରେ କ୍ରମାଗତ ବର୍ଷା ଯୋଗୁଁ ଖେଳ ଆଉ ସମ୍ଭବ ହୋଇ ନ ଥିଲା।

ଏହି ଟେଷ୍ଟ ଲାଗି ଭାରତୀୟ ଦଳରେ ଦୁଇଜଣ ଖେଳାଳି ପରିବର୍ତ୍ତନ କରାଯାଇଥିଲା। ଦ୍ୱିତୀୟ ଟେଷ୍ଟରେ ପରାଜିତ ହୋଇଥିବା ଭାରତୀୟ ଦଳରୁ ରବିଚନ୍ଦ୍ରନ ଅଶ୍ୱିନ ଓ ହର୍ଷିତ ରାଣାଙ୍କ ବଦଳରେ ରବୀନ୍ଦ୍ର ଜାଡେଜା ଓ ଆକାଶ ଦୀପ୍‌ଙ୍କୁ ସାମିଲ କରାଯାଇଥିଲା। ସେହିପରି ସ୍କଟ୍ ବୋଲାଣ୍ଡଙ୍କ ସ୍ଥାନରେ ଫିଟ ହୋଇଥିବା ଜୋଶ ହାଜ୍‌ଲେଉଡ୍ ଅଷ୍ଟ୍ରେଲୀୟ ଦଳରେ ସାମିଲ ହୋଇଥିଲେ। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ ବରାବର ସ୍ଥିତିରେ ରହିଛନ୍ତି।

ବର୍ଷା ଯୋଗୁଁ ପ୍ରଥମ ଦିନ ଖେଳ ବାଧାପ୍ରାପ୍ତ ହେବାରୁ ଅନ୍ୟ ଦିନ ଗୁଡିକରେ ଓଭର ସଂଖ୍ୟା ୯୮କୁ ବଢ଼ାଇ ଦିଆଯାଇଛି। ଏହା ଫଳରେ ଖେଳ ଆଗୁଆ ଆରମ୍ଭ ହେବ। ସେହିପରି କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଥମ ଦିନ ଲାଗି ଟିକ୍‌ଟ କାଟିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ କରାଯିବ।











PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS